ନବ ସାହିତ୍ୟ

ଚତୁର୍ଥ ଭାଗ

Digitized by srujanika@gmail.com

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସପ୍ତମ ଶ୍ରେଣୀର ପାଠ୍ୟପୁସ୍ତକରୂପେ
ନିର୍ବାଚିତ । (ନୋଟିଫିକେସନ୍ ନଂ ୧/୫୮—୮-୫୭)

ନବ ସାହିତ୍ୟ

ଚତୁର୍ଥ ଭାଗ

(ସପ୍ତମ ଶ୍ରେଣୀ ନିମନ୍ତେ)

ଲେଖକ—

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ, ବି. ଏ.

ପରିମାର୍ଜିତ ସଂସ୍କରଣ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ପ୍ରା: ଲି:

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବ୍ରହ୍ମପୁର : କଟକ

୧୯୫୭

ମୂଲ୍ୟ— ଏକଟଙ୍କା [ଶହେ ନୂଆ ପଇସା]

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ । ଆମର ପଣ	(ପଦ୍ୟ)	୧
୨ । ଜୀବପ୍ରତି ଦୟା		୩
୩ । ସ୍ୱାଧୀନତା-ସଂଗ୍ରାମର ମୂଳଭିତ୍ତି		୭
୪ । ଏହାପରି ପିନା ବନ୍ଧୁତା (ନାଟିକା)		୧୨
୫ । ଏକନିଷ୍ଠ ସାଧନା	(ପଦ୍ୟ)	୨୦
୬ । ଆମର ଦାୟିତ୍ୱ ଓ କର୍ତ୍ତବ୍ୟ		୨୪
୭ । ନାରୀ-କବି କୁନ୍ତଳାକୁମାରୀ		୨୯
୮ । ଆମର ସଙ୍ଗୀତ ଓ ନୃତ୍ୟକଳା—		
	୧. ସଙ୍ଗୀତ···	୩୫
	୨. ନୃତ୍ୟ ···	୩୮
୯ । ଦିଲ୍ଲୀ ବହୁତ ଦୂର	(ପଦ୍ୟ)	୪୧
୧୦ । ଭେନିସ୍ ସହରର ସୌଦାଗର ···		୪୬
୧୧ । ହସ୍ତଶିଳ୍ପ ଓ ସହଯୋଗ		୫୪
୧୨ । ସର୍ ସର୍ବପଲ୍ଲୀ ରାଧାକୃଷ୍ଣନ୍		୬୦
୧୩ । ଦୁର୍ଯ୍ୟୋଧନର ଅନୁତାପ (ପଦ୍ୟ) ···		୬୫
୧୪ । ଚିତ୍ର, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ —		
	୧. ଚିତ୍ର ···	୬୯
	୨. ଭାସ୍କର୍ଯ୍ୟ ···	୭୩
	୩. ସ୍ଥାପତ୍ୟ ···	୭୬

Digitized by srujanika@gmail.com

ବିଷୟ — ପୃଷ୍ଠା

୧୫ । ନେତାଜୀ ସୁଭାଷଚନ୍ଦ୍ର ୮୦
୧୬ । ସ୍ୱପ୍ନଦାନ (ପଦ୍ୟ) ୮୬
୧୭ । ବ୍ୟାଧିବିରୁଦ୍ଧରେ ଅଭିଯାନ ... ୮୮
୧. ରୋଗର ନିଦାନ ୯୦
୨. ପ୍ରତିଷେଧ ଓ ପ୍ରତିକାର ୯୩
୩. ପ୍ରାଚୀନ ଭାରତରେ ଚିକିତ୍ସା ... ୯୫
୧୮ । ଅଣୁର ଶକ୍ତି ୯୯
୧୯ । କୋକିଳ (ପଦ୍ୟ) ୧୦୫
୨୦ । ଜୀବନ୍ତ ଜଗତ୍ ୧୦୮
୨୧ । ଗୃହନିର୍ମାଣ ପ୍ରଣାଳୀ ୧୧୪
୨୨ । ବିଂଶ ଶତାବ୍ଦୀର ପ୍ରଥମଦ୍ୱାନି ବାର୍ତ୍ତାବାର୍ତ୍ତା-ଦର୍ଶନ (ପଦ୍ୟ) ୧୨୨
୨୩ । ଆନ୍ତର୍ଜାତିକ ସଦ୍ଭାବ ୧୨୬
୨୪ । ଡୁନାଣ୍ଟ୍ ଓ ରେଡ୍‌କ୍ରସ୍ ୧୩୮
୨୫ । ପ୍ରକୃତି ପରିଚୟ (ପଦ୍ୟ) ୧୪୩

Digitized by srujanika@gmail.com



ନବ ସାହିତ୍ୟ

ଆମର ପଣ

ସ୍ୱାଧୀନ ଯୁଗର ଯୁବ ଆମେ ହେ, ସ୍ୱାଧୀନ ଭାରତ-ସନ୍ତାନ,
ଦେଶମାତୃଙ୍କୁ ପଣ କରିବୁଁ ଜଗତେ ନବ ଜୀବନର ସନ୍ଧାନ;
ଯେଉଁ ଆଶା ଥିଲା ନିଦ୍ରିତ,
ଲଭୁ ତାହା ନବ ଇଙ୍ଗିତ.

ଜାଗିଉଠେ ଆଜ ନବୀନ ଊଷାରେ ମୁକ୍ତିର ମହାମନ୍ତ୍ରରେ,
ଅନ୍ଧାର ଯୁଗ ପାଇଛୁ ଉଭେଇ ଆଲୋକ ଜାଳଇ ଅନ୍ତରେ ।
ବକ୍ଷେ ଜାଗଇ ଲକ୍ଷେ ପ୍ରେରଣା ଜନପୁଂ ଦେବାକୁ ସ୍ୱପ୍ନର,
କରିବାକୁ ଦୂର ସକଳ ଦୁଃଖ-ଶୋକ ଅନାହାର ନିଃସ୍ୱର,
ବଢ଼ାଇ ଦେଶର ଗୌରବ,
ଝରର ଜୀବନ ସୌରଭ,

ଜନ୍ମଭୂମିର ପୁଣ୍ୟ ମହିମା ଫୁଟାଇ ନବୀନ ଛନ୍ଦରେ,
ନିଜ ଚରିତ୍ର କର ପବିତ୍ର ସକଳ ସ୍ଥାପ ସଙ୍ଗରେ ।

Digitized by srujanika@gmail.com

ବିଖ୍ୟାତ ହେବୁଁ ଦେଶବିଦେଶରେ, ହୋଇବୁଁ ଜାତିର ଦର୍ପଣ,
ଦେଶ ପାଇଁ ସଦା ହୋଇବୁଁ ତିଆର କରିବାକୁ ଦେହ ଅର୍ପଣ,
ଆଣିବୁଁ ମିଳନ ସ୍ପନ୍ଦନ,
ଛୁଟାଇ ଭେଦର ବନ୍ଧନ, ୨

କରିବୁଁ ବନ୍ଧୁ ବିଶ୍ୱବାସୀଙ୍କୁ ବଢ଼ାଇ ଦେଶର ଇଜ୍ଜତ,
କର୍ମେ ଧରିବୁଁ ସାହସ ଧୈର୍ଯ୍ୟ, ବାକ୍ୟରେ ହେବୁଁ ସଯତ ।
ଦେଶବିଦେଶରୁ ଶିଖିବୁଁ ବିଦ୍ୟା, ଶିଖିବୁଁ ଶିଳ୍ପକୌଶଳ,
କୃଷି ବାଣିଜ୍ୟ ବଢ଼ାଇବୁଁ ଧନ, କରିବୁଁ ଜାତିର ମଙ୍ଗଳ,
ଆମେ ହେବୁଁ ବଡ଼ ପଣ୍ଡିତ,
ହେବୁଁ ମହାବୀର ବନ୍ଦିତ,

ହେବୁଁ ଶିକ୍ଷକ, ଶାସକ, ଲେଖକ, ଦେଶର ଯୋଗ୍ୟ ନନ୍ଦନ,
ଯେନୁକୁଁ ଶପଥ ଗଢ଼ିବୁଁ ଦେଶକୁ କରିବୁଁ ଜଗତ-ବନ୍ଦନ ।

ପ୍ରଶ୍ନ

୧ । ବର୍ତ୍ତମାନ ଯୁଗକୁ ସ୍ୱାଧୀନ ଯୁଗ କାହିଁକି କୁହାଯାଏ ?
ଏହାର ଆରମ୍ଭ କେଉଁ ସମୟରୁ ହୋଇଅଛି ?

୨ । ତୁମେ ସ୍ୱାଧୀନ ଯୁଗର ଶିଶୁରୂପେ ଜୀବନରେ କି କାର୍ଯ୍ୟ କରିବାକୁ ଆଶାକର ?

୩ । ସନ୍ତାନ, ଇଙ୍ଗିତ, ପ୍ରେରଣା, ମହିମା, ନିଃସ୍ୱ, ସ୍ପନ୍ଦନ, ବନ୍ଦିତ—ଏଗୁଡ଼ିକର ଅର୍ଥ କହ ।

୪ । "ବିଖ୍ୟାତ ହେବୁଁ ଦେଶବିଦେଶରେ, ହୋଇବୁଁ ଜାତିର ଦର୍ପଣ"—ଏହାର ଭାବାର୍ଥ ସରଳ ଭାଷାରେ ଲେଖ ।

Digitized by srujanika@gmail.com

ଜୀବପ୍ରତି ଦୟା

ଥରେ ଜଣେ ନିଃସନ୍ତାନ ଋଷି ପୁତ୍ରକାମନା କରି ଗୋଟିଏ ଯଜ୍ଞ ଅନୁଷ୍ଠାନ କଲେ । ଯଥାକାଳରେ ତାହାଙ୍କର ସୁନ୍ଦର ପୁତ୍ରଟିଏ ଜାତ ହେଲା । ମାତ୍ର ବୟସବୃଦ୍ଧି ସଙ୍ଗେ ସଙ୍ଗେ ଏ ପୁତ୍ରର ଦୌରାତ୍ମ୍ୟ ବୃଦ୍ଧି ପାଇଲା । ବିଦ୍ୟାଧ୍ୟୟନ କରି ସେ ସକଳ ପ୍ରକାର ଅପକର୍ମରେ ନିଜର ସମୟ କ୍ଷୟ କଲା । ତାହାର ଅତ୍ୟାଚାରରେ ଆଶ୍ରମବାସୀମାନେ ଅସ୍ଥିର ହୋଇପଡ଼ିଲେ । କିନ୍ତୁ ଋଷିପୁତ୍ରର ଏକମାତ୍ର ସଦ୍‌ଗୁଣ ଥିଲା ଯେ ସେ ଯେତେ ଅନ୍ୟାୟ କାର୍ଯ୍ୟ କରୁଥିଲା, ତାହା ସମସ୍ତ ପ୍ରକାଶ କରି ଦେଉଥିଲା ।

ଋଷିଙ୍କ ନିକଟରେ ପ୍ରତିଦିନ ବହୁ ଅଭିଯୋଗ ଆସି ପହଞ୍ଚିଲା । ପୁତ୍ରର ଆଚରଣରେ ସେ ମର୍ମାହତ ହେଲେ । ଦିନେ ଋଷି ଅତ୍ୟନ୍ତ ବିରକ୍ତ ହୋଇ ପୁତ୍ରକୁ ତିରସ୍କାର କରି କହିଲେ, "ଆଜି ବୁଝିଛି, ତୋତେ ପାଇବାପାଇଁ ମୁଁ ଯେତେ ତପସ୍ୟା ଓ ଯଜ୍ଞାନୁଷ୍ଠାନ କରିଥିଲି, ସେସମସ୍ତ ବ୍ୟର୍ଥ ହୋଇଛି । ତୋଭଳି ଦୁଷ୍ଟ ପୁତ୍ରର ମୃତ୍ୟୁ ହେବା ଶ୍ରେୟସ୍କର ।"

ଏ ଭର୍ତ୍ସନା ପୁତ୍ରର ପ୍ରାଣରେ ଘୋର ଅନୁତାପ ଆଣିଲା । ଯେଉଁ ପିତା ତାହାଲାଗି ଏତେ ତ୍ୟାଗ ସ୍ୱୀକାର କରିଥିଲେ, ସେ ଯଦି ତାହାର ମୃତ୍ୟୁ କାମନା କଲେଣି, ତେବେ ଆଉ ପିତୃଗୃହରେ ରହି ଲାଭ କଅଣ ? ତେଣୁ ସେ ନିଜେ ମୃତ୍ୟୁ ନିକଟକୁ ଯିବାପାଇଁ ପ୍ରସ୍ତୁତ ହେଲା । ସେ କେବେ କାହାଠାରୁ ଶୁଣିଥିଲା ଯେ, ଉତ୍ତର ଦିଗକୁ ଗଲେ ମୃତ୍ୟୁର ଭେଟ ମିଳେ । ତେଣୁ ଉତ୍ତରାଭିମୁଖୀ ହୋଇ ସେ ଗତି କଲା । ଅନାହାର ଓ ପଥଶ୍ରାନ୍ତିରେ ଦିନକୁ ଦିନ ତାହାର ଦେହ ଦୁର୍ବଳ ହୋଇପଡ଼ିଲା । ତଥାପି ଶେଷ ପ୍ରାଣବାୟୁ

Digitized by srujanika@gmail.com

ଉଡ଼ିବା ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିର କରି ସେ କୌଣସି ସ୍ଥାନରେ ସ୍ଥଗିତ ହେଲା ନାହିଁ ।

ଯୁବକ ଶେଷରେ ପୁଣ୍ୟତୋୟା ଗଙ୍ଗାନଦୀତଟସ୍ଥ ଗୋଟିଏ ମନ୍ଦିରପାର୍ଶ୍ୱରେ ଉପସ୍ଥିତ ହେଲା । ଆଉ ଅଧିକ ଦୂର ଅଗ୍ରସର ହେବାପାଇଁ ତାହାର ପାଦରେ ଶକ୍ତି ନ ଥିଲା କିମ୍ବା ହୃଦୟରେ ସାହସ ନ ଥିଲା । ସେ ଦେଖିଲା, ମନ୍ଦିରଟି ଶୂନ୍ୟ ପଡ଼ିଛି । ସେହିଠାରେ ସେ ବିଶ୍ରାମ କଲା । ନିକଟବର୍ତ୍ତୀ ଗ୍ରାମରୁ ଗ୍ରାମବାସୀମାନେ ଗଙ୍ଗାରେ ସ୍ନାନ କରିବାକୁ ଆସି ଏହି ନବାଗତ ଋଷି-ଯୁବକଙ୍କୁ ଦେଖିଲେ । ମନ୍ଦିରରେ ରୁଣ୍ଡ ହୋଇ ସେମାନେ ତାହାଙ୍କୁ ନାନା ପ୍ରଶ୍ନ ପଚାରିଲେ । ଋଷିଯୁବ ତ କେବେ ସତ୍ୟ ଗୋପନ କରି ଜାଣନ୍ତି ନାହିଁ । ଯେ ଯାହା ପଚାରନ୍ତି, ସେ ବିଷୟରେ ନିଜକୁ ଯେତେଦୂର ଜଣା ଥାଏ, ତାହା ସେ ପ୍ରକାଶ କରିଦିଅନ୍ତି ।

ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ କ୍ରମେ ସେ ଜଣେ ସତ୍ୟବନ୍ତ ସାଧୁପୁରୁଷ ବୋଲି ପରିଚିତ ହେଲେ । ଅତିଥିପରାୟଣ ଗ୍ରାମବାସୀମାନଙ୍କ ବଦାନ୍ୟତା ଯୋଗୁଁ ତାଙ୍କର ସବୁ ଅଭାବ ଦୂର ହେଲା । ସେଠାରେ ରହି ସେ ନିଶ୍ଚିନ୍ତରେ କାଳାତିପାତ କରିବାକୁ ଲାଗିଲେ । ଦିନେ ସେ ଗଙ୍ଗାରେ ସ୍ନାନ ସମାପନ କରି ମନ୍ଦିର-ମଣ୍ଡପରେ ଉପବେଶନ କରିଛନ୍ତି, ଏହି ସମୟରେ ଗୋଟିଏ ଶରବିଦ୍ଧ ରକ୍ତାକ୍ତ ବରାହ ବିକଳ ଚିତ୍କାର କରି ତାଙ୍କ ନିକଟରେ ଉପସ୍ଥିତ ହେଲା ।

ବରାହର ଶୋଚନୀୟ ଅବସ୍ଥା ଦେଖି ଯତିଙ୍କ ଚିତ୍ତରେ ଦୟା ଜାତ ହେଲା । ପଶୁଟିକୁ ମନ୍ଦିରମଧ୍ୟକୁ ନେଇଯାଇ ସେ ତାହାର ଶରୀରରୁ ଶର ଉନ୍ମୋଚନ କଲେ ଏବଂ କ୍ଷତର ଉପଶମପାଇଁ ନାନା ପ୍ରତିକାର କଲେ । କିଛି ସମୟପରେ ବରାହର ଭୂପତିତ

Digitized by srujanika@gmail.com

ଋକ୍ତଚନ୍ଦ୍ରଙ୍କୁ ଅନୁସରଣ କରି ବ୍ୟାଧ ମନ୍ଦିର ନିକଟରେ ଉପସ୍ଥିତ ହେଲା ଏବଂ ବରାହର ସନ୍ଧାନ ଦେବାପାଇଁ ଯତିଙ୍କୁ ପ୍ରାର୍ଥନା କଲା ।

ଋଷିପୁତ୍ର ବ୍ୟାଧର ଏ ପ୍ରଶ୍ନର କି ଉତ୍ତର ଦେବେ ? ବିପଦ୍‌ଗ୍ରସ୍ତ ବରାହଟିର ଆଶ୍ରୟଦାତା ହୋଇ ବର୍ତ୍ତମାନ ଯଦି ସେ ସତ୍ୟ କହନ୍ତି, ତେବେ ନିଶ୍ଚୟ ତାହାର ପ୍ରାଣହାନି ଘଟିବ; ଅଥଚ ସେ ତ ମିଥ୍ୟା କହିପାରିବେ ନାହିଁ । ସେଥିପାଇଁ ତାଙ୍କ ମନରେ ଏକ ଦ୍ୱନ୍ଦ୍ୱ ଜାତ ହେଲା ଓ ସେ କ୍ଷଣକାଳ ନୀରବ ରହିଲେ ।



[ଋଷିପୁତ୍ର ଓ ବ୍ୟାଧ]

କୌଣସି ଉତ୍ତର ନ ପାଇ ବ୍ୟାଧ ଅନୁନୟ କରି କହିଲା, "ମୋର ଅନାହାର-ପୀଡ଼ିତ ସ୍ତ୍ରୀ ଓ ପୁତ୍ରକନ୍ୟାଙ୍କୁ ବଞ୍ଚାଇବାଲାଗି ମୁଁ ବରାହଟିକୁ ଶିକାର କରିଥିଲି । ଆପଣ ତ ସତ୍ୟବାଦୀ ପୁରୁଷ; ମୋର ସ୍ତ୍ରୀ ଓ ପୁତ୍ରକନ୍ୟାମାନଙ୍କ ପ୍ରତି ଦୟାପରବଶ ହୋଇ ସତ୍ୟ କହନ୍ତୁ: ଶରବିଦ୍ଧ ବରାହଟିକୁ ଦେଖିଛନ୍ତି କି ନାହିଁ ?"

Digitized by srujanika@gmail.com

ବ୍ୟାଧର ଯୁକ୍ତି ଋଷିପୁତ୍ରଙ୍କ ଚିତ୍ତକୁ ଅଧିକ ଆନ୍ଦୋଳିତ କଲା । ସେ ବୁଝିଲେ, "ବ୍ୟାଧର ସ୍ତ୍ରୀ ଓ ସନ୍ତାନମାନେ ବରାହମାଂସ ନ ଖାଇଲେ ଅବଶ୍ୟ ପ୍ରାଣ ହରାଇବେ ନାହିଁ; ମାତ୍ର ମୋର ଆଶ୍ରିତକୁ ବ୍ୟାଧହସ୍ତରେ ସମର୍ପଣ କଲେ ସଙ୍ଗେ ସଙ୍ଗେ ତାହାର ପ୍ରାଣନାଶ ଘଟିବ । ଶରଣାଗତକୁ ରକ୍ଷା ନ କରିବା ଅଧର୍ମ ।"

ବ୍ୟାଧ ପୁଣି କହିଲା, "ନୀରବ ରହିବା ଅର୍ଥ ସତ୍ୟକୁ ଗୋପନ କରିବା । ତାହା ସତ୍ୟବାଦୀର ଧର୍ମ ନୁହେଁ । କହନ୍ତୁ ଯତି ! ଆପଣ ଶରବିଦ୍ଧ ବରାହକୁ ଦେଖିଛନ୍ତି କି ନାହିଁ ?"

ଏଥର ନୀରବତା ଭଙ୍ଗ କରି ଯତି କହିଲେ, "କିଏ ଦେଖିଛି ବୋଲି କାହାକୁ ତୁମେ ପଚାରୁଛ ? ଜାଣିଛ କି, ଯେ ଦେଖେ, ସେ କହିପାରେ ନାହିଁ; ପୁଣି ଯେ କହେ, ତାହାର ଦେଖିବାର ସାମର୍ଥ୍ୟ ନାହିଁ ?"

ବ୍ୟାଧ ଏ କଥାର ମର୍ମ ବୁଝି ନ ପାରିବାରୁ ଯତି ବୁଝାଇ-ଦେଲେ, "ତୁମ ଶରବିଦ୍ଧ ବରାହକୁ ମୋର ଯେଉଁ ଚକ୍ଷୁ ଦେଖିଛି, ସେ କଣ କହିପାରିବ ? କହିବାର ଯୋଗ୍ୟତା ଅଛି କେବଳ ଜିହ୍ୱାର; ଅଥଚ ଜିହ୍ୱାର ତ ଦେଖିପାରିବାର କ୍ଷମତା ନାହିଁ । ତେଣୁ ଚକ୍ଷୁ ଯାହାକୁ ସତ୍ୟ ବୋଲି ଦେଖିଛି, ତାହାକୁ ଜିହ୍ୱା ନିଜେ ନ ଦେଖି ସତ୍ୟ ବୋଲି ପ୍ରକାଶ କରିବ କିପରି ? ତାହାହେଲେ ବୁଝ ଯେ, ସମ୍ପୂର୍ଣ୍ଣ ସତ୍ୟବଚନ କଦାପି ସମ୍ଭବପର ନୁହେଁ ।"

ଏହା ଶୁଣି ବ୍ୟାଧ ନିରାଶ ହୋଇ ବାହୁଡ଼ିଗଲା । ଏହିରୂପେ ସତ୍ୟବାଦୀ ଋଷି ବରାହଟିର ପ୍ରାଣରକ୍ଷା କରିଥିଲେ । *

---

* ଉପନିଷଦରୁ ଗୃହୀତ ଗଳ୍ପ

Digitized by srujanika@gmail.com

ପ୍ରଶ୍ନ

୧ । ଋଷିପୁତ୍ର ବ୍ୟାଧକୁ ଯେଉଁ ଉତ୍ତର ଦେଇ ବରାହର ପ୍ରାଣରକ୍ଷା କରିଥିଲେ, ତାହାକୁ ନିଜ ଭାଷାରେ ଲେଖ ।

୨ । ଗୋଟିଏ ପ୍ରାଣୀର ଜୀବନ ରକ୍ଷା କରିବା ଓ ସତ୍ୟ କହି ସତ୍ୟବାଦୀ ହେବା—ଏଥିରୁ କେଉଁଟି ବଡ଼ କାର୍ଯ୍ୟ ? କାହିଁକି ?

୩ । "ତୋଭଳି ଦୁଷ୍ଟ ପୁତ୍ରର ମୃତ୍ୟୁ ହେବା ଶ୍ରେୟସ୍କର"—ଏ ଉକ୍ତିଟିକୁ ପୂର୍ବାପର ସମ୍ପର୍କ ସହ ବୁଝାଇଦିଅ ।

୪ । ଯଜ୍ଞାନୁଷ୍ଠାନ, ଦୌରାତ୍ମ୍ୟ, ମର୍ମାହତ, ହରିଦ୍ୱାର, ପ୍ରାଣବାୟୁ, ଅତିଥିପରାୟଣ—ଏ ଶବ୍ଦଗୁଡ଼ିକର ଅର୍ଥ କହ ।

ସ୍ୱାଧୀନତା-ସଂଗ୍ରାମର ମୂଳଭିତ୍ତି

ଅନେକଙ୍କ ମତରେ ଭାରତୀୟ ସ୍ୱାଧୀନତା-ସଂଗ୍ରାମର କୌଶଳ ପ୍ରଥମେ ଦକ୍ଷିଣ-ଆଫ୍ରିକାରେ ପରୀକ୍ଷା କରାଯାଇଥିଲା । ସ୍ୱାଧୀନତା-ସଂଗ୍ରାମର ସର୍ବଶ୍ରେଷ୍ଠ ସେନାପତି ମହାତ୍ମା ଗାନ୍ଧି ସେହିଠାରେ ତାହାଙ୍କର ଯୁଦ୍ଧାସ୍ତ୍ର ସତ୍ୟ ଓ ଅହିଂସାକୁ ପ୍ରୟୋଗ କଲେ । ଦକ୍ଷିଣ-ଆଫ୍ରିକା-ପ୍ରବାସୀ ଭାରତୀୟମାନଙ୍କ ପ୍ରତି ଇଂରେଜ ତଥା ଅନ୍ୟ ୟୁରୋପୀୟମାନେ ଯେଉଁ ତାଚ୍ଛଲ୍ୟ ଦେଖାଉଥିଲେ, ତାହାର ପ୍ରତିବାଦ କରି ଏହି ଆନ୍ଦୋଳନର ସୃଷ୍ଟି ହୋଇଥିଲା ।

ଆଫ୍ରିକାରେ ଭାରତୀୟମାନଙ୍କର ସ୍ୱାର୍ଥସଂରକ୍ଷଣଲାଗି ଗୋଟିଏ ଅର୍ଥଗାରି ଗଠିତ ହୋଇଥାଏ । ଗାନ୍ଧିଜୀ ପ୍ରଥମରୁ ହିଁ ଅର୍ଥକୁ

Digitized by srujanika@gmail.com

ରାଜନୀତିର ପ୍ରଧାନ ଅବଲମ୍ବନ ବୋଲି କହୁଥିଲେ । ତେଣୁ ଏ ଜାତିର ଅଭିବୃଦ୍ଧିପାଇଁ ଅର୍ଥ ସଂଗ୍ରହ କରିବା ତାହାଙ୍କର ଅନ୍ୟତମ କାର୍ଯ୍ୟ ଥିଲା । ଗାନ୍ଧିଙ୍କର ଅକାଟ୍ୟ ଯୁକ୍ତିରେ ପ୍ରଭାବିତ ହୋଇ ପ୍ରବାସୀ ଭାରତୀୟମାନେ ଅକାତରରେ ଧନରତ୍ନ ଆଦି ତାହାଙ୍କ ହସ୍ତରେ ଅର୍ପଣ କରିଥିଲେ । ସେଥିଲାଗି ସେ ରାଜନୀତିକ୍ଷେତ୍ରରେ ନିଜର ପରିଚୟ ଦେଇ କହୁଥିଲେ, "ମୁଁ ଜଣେ ଚତୁର ବଣିଆ ।"

ଥରେ ଏକ ସାଧାରଣ ସଭାରେ ଜଣେ ଧନୀ ବଣିକଙ୍କର ସ୍ତ୍ରୀ ତାହାଙ୍କ ହସ୍ତରେ ଗୋଟିଏ ବହୁମୂଲ୍ୟ ରତ୍ନଖଚିତ ହାର ଶ୍ରୀମତୀ କସ୍ତୁର ବାଈଙ୍କ ପାଇଁ ଉପହାରସ୍ୱରୂପ ଅର୍ପଣ କରିଥିଲେ । କସ୍ତୁରୀ ତାହା ହାରଟିକୁ ଦେଖି ପ୍ରୀତ ହୋଇ ସ୍ୱାମୀଙ୍କ ହସ୍ତରୁ ତାହା ନେବାପାଇଁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ସତ୍ୟର ଅନୁସାରୀ ଅବତାର ଗାନ୍ଧି ମୃଦୁ ହାସ୍ୟ କରି କହିଲେ, "ଏ ହାରଟି ତ ତୁମର ନୁହେଁ !"

ସାଧ୍ୱୀ କସ୍ତୁରବା ବିସ୍ମୟରେ ସ୍ୱାମୀଙ୍କ ମୁଖକୁ ଚାହିଁ ପଚାରିଲେ, "ଆଉ ତେବେ କାହାର ? ମୋପାଇଁ ତ ଏହା ଉପଢୌକନ ମିଳିଅଛି !"

ଗାନ୍ଧି ଉତ୍ତର କଲେ, "ତୁମପାଇଁ କିପରି ହେଲା ? ତୁମେ ତ ହାରଟିକ ପାଇବାଲାଗି କୌଣସି କାର୍ଯ୍ୟ କରି ନାହିଁ । ଘରଭିତରେ ବସି ଏହା ପାଇବାପାଇଁ ତୁମର ଯୋଗ୍ୟତା ଆସିଲା କିପରି ?"

କସ୍ତୁରବା ସ୍ୱାମୀଙ୍କ ପ୍ରକୃତି ପୂର୍ବରୁ ଜାଣିଥିବାରୁ ପ୍ରମାଦ ଗଣିଲେ । ମାତ୍ର ଏପରି ସୁନ୍ଦର ହାରଟିଏ ହସ୍ତରୁ ଖସିଯିବା ତ କୌଣସି ରମଣୀ ସହଜରେ ସହ୍ୟ କରିପାରେ ନାହିଁ । ସେ କହିଲେ, "ଯାହା ହେଉ, ଉପଢୌକନଟି ତ ମୋତେ

Digitized by srujanika@gmail.com

ଶିଳ୍ପ । ତୁମେ ଆଜି ଯାହା ଅର୍ଥ ସଂଗ୍ରହ କଲ, ତାହା ସବୁ ତ ମୁଁ ମାଗୁ ନାହିଁ, ମୁଁ କେବଳ ହାରଟିକ ମାଗୁଛି । ତୁମେ ବୁଦ୍ଧିଆ ଲୋକ । ତୁମକୁ ସ୍ତ୍ରୀଲୋକଙ୍କ ଅଳଙ୍କାର ଦିଆଯାଇଥାନ୍ତା କାହିଁକି ?"

[ଗାନ୍ଧିଜୀ ଓ କସ୍ତୁରୀ ବାଈ]

ଗାନ୍ଧିଜୀ ଯୁକ୍ତି କଲେ, "ଅଳଙ୍କାର ବା ଅର୍ଥ ଯାହା ଆମକୁ ମିଳୁ ଥାଉଛି ତାହା ମୋର କାର୍ଯ୍ୟ ଯୋଗେ ମୋତେ ଦିଆ-ହୋଇଛି । ଅତଏବ ମୋ ଧନକୁ ମୁଁ ଯେପରି ଇଚ୍ଛା, ବ୍ୟୟ କରିପାରେ । ସେଥିଲାଗି ତୁମର ଲୋଭ କରିବା ଅନୁଚିତ ।"

ମନୁଷ୍ୟର ତ୍ୟାଗ, ନୈତିକତା ଓ ସାଧୁତା ହିଁ ଶ୍ରେଷ୍ଠ ବସ୍ତୁ ବୋଲି ଗାନ୍ଧି ଜ୍ଞାନ କରୁଥିଲେ । ତେଣୁ ସେ ଉପଢୌକନକୁ ନିଜେ ଆତ୍ମସାତ୍ ନ କରି ତାହାର ମୂଲ୍ୟ ଲୋକହିତକର କାର୍ଯ୍ୟରେ ବ୍ୟୟିତ ହେବ ବୋଲି ମନସ୍ଥ କରିଥିଲେ ।

Digitized by srujanika@gmail.com

ସ୍ୱାମୀଙ୍କୁ ପୁଣି ଯୁକ୍ତି-ଜାଲରେ ବନ୍ଧନ କରିବା ନିମିତ୍ତ କସ୍ତୁରବା କହିଲେ, "ଏ କଥା ଅବଶ୍ୟ ସତ୍ୟ ଯେ, ତୁମର କାର୍ଯ୍ୟପାଇଁ କେବଳ ଏହି ଉପହାର ମିଳିଅଛି । ତେବେ ତୁମେ ଯେ ଲୋକଙ୍କପାଇଁ ସବୁ ମଙ୍ଗଳ କାର୍ଯ୍ୟ କରିପାରୁଛ, ତାହା ମୂଳରେ ଅଛି କିଏ ? ଠିକ୍ ସମୟରେ ତୁମ ଖାନାହାର ବ୍ୟବସ୍ଥା ଦେଖୁଛି କିଏ ? କାହାର ପରିଚର୍ଯ୍ୟା ଲାଭ କରି ତୁମେ କାର୍ଯ୍ୟକ୍ଷମ ହୋଇପାରିଛ ?"

ପତ୍ନୀଙ୍କ ରହସ୍ୟ ବୁଝିପାରି ତାଙ୍କ କଥାଗୁଡ଼ିକରେ ଯେଉଁ ଅକାଟ୍ୟ ଯୁକ୍ତି ଓ ନ୍ୟାୟ ଥିଲା, ନ୍ୟାୟର ଉପାସକ ଗାନ୍ଧିଜୀ ତାହା ଖଣ୍ଡନ କରିପାରିଲେ ନାହିଁ । ସେ ପତ୍ନୀଙ୍କୁ ହାସ୍ୟମୁଖରେ ବୁଝାଇ-ଦେଲେ, "ମୁଁ ମାନୁଛି ଯେ, ତୁମ ପାଖରେ ହାରିଗଲି । କିନ୍ତୁ ଦେଖ, ନେବା ଲୋକ କେବେହେଲେ ଦେବା ଲୋକଠାରୁ ବଡ଼ ହୋଇପାରେ ନାହିଁ । କାରଣ ଏହି ହାରଟିକି ଆମେ ଯଦି ଆଜି ନିଜ ଘରେ ରଖିବା, ତେବେ ଏହାର ମୂଲ୍ୟ ପାଞ୍ଚ ହଜାର ଟଙ୍କା ହେଲେ, ଆମ ମୂଲ୍ୟ ମଧ୍ୟ ଏହି ପାଞ୍ଚ ହଜାର ଟଙ୍କାଭିତରେ ସୀମାବଦ୍ଧ ହୋଇ ରହିଯିବ । କିନ୍ତୁ ଯଦି ଏହାକୁ ଆମେ ଲୋକହିତକର କାର୍ଯ୍ୟରେ ବ୍ୟୟ କରିପାରିବା, ତେବେ ଆମ ମୂଲ୍ୟ ପାଞ୍ଚ ହଜାର ଟଙ୍କାରୁ ଯଥେଷ୍ଟ ବଢ଼ିଯିବ—ପାଞ୍ଚ ହଜାର କାହିଁକି, କେତେ ଲକ୍ଷ ମୁଦ୍ରା ଆମ ପାଦତଳେ ଅର୍ପିତ ହେବ । ସେତେବେଳେ ତୁମେ ହୁଏତ ତାହାକୁ ମଧ୍ୟ ପାଦରେ ଆଡ଼େଇ-ଦେବ । କାରଣ ସେତେବେଳେ ତୁମେ ବୁଝିପାରିବ ଯେ, ଧନରତ୍ନଠାରୁ ମନୁଷ୍ୟତାର ମୂଲ୍ୟ ଯଥେଷ୍ଟ ବେଶି ।

"ପ୍ରକୃତ ମନୁଷ୍ୟତା ଅର୍ଜନ କରିବାକୁ ହେଲେ ସବୁବେଳେ ଆମକୁ ସତ୍ୟର ଅସିଧାରଉପରେ ଚାଲିବାକୁ ପଡ଼ିବ । ପୁଣି

Digitized by srujanika@gmail.com

ଆମେ ଯଦି ବଞ୍ଚିରହିବାକୁ ଚାହୁଁ, ତେବେ ଅହିଂସା ଆମର ବ୍ରତ ହେବା ଉଚିତ । ହିଂସା ହିଁ ହିଂସାର ଉଦ୍ରେକ କରିଥାଏ; ହିଂସା କଲେ ତାହା ଓଲଟି ଆମକୁ ଧ୍ୱଂସ କରେ ।

"ଏହି ହାରଟିକି ତୁମେ ଗଳାରେ ପିନ୍ଧିଲେ ଖୁବ୍ ସୁନ୍ଦର ଦେଖାଯିବ ନିଶ୍ଚୟ; କିନ୍ତୁ ତୁମଉପରେ ତସ୍କରମାନେ ହିଂସା ଆଚରଣ କରି ଏହାକୁ ଅପହରଣ କରି ନେଇପାରନ୍ତି । ଏହିରୂପେ ଧନଲୋଭ କରିବା ଫଳରେ ହିଂସାକୁ ପ୍ରଶ୍ରୟ ଦିଆଯାଏ । ମନୁଷ୍ୟସମାଜରୁ ମିଥ୍ୟା ଓ ହିଂସାର ଉଚ୍ଛେଦ କରି ସତ୍ୟ ଓ ଅହିଂସାର ପ୍ରତିଷ୍ଠାପାଇଁ ତୁମକୁ ଏହି ଉପଢୌକନଟି ଉତ୍ସର୍ଗ କରିବାକୁ ହେବ ।"

ଗାନ୍ଧିଜୀ ହାରଟିକି ପତ୍ନୀଙ୍କ ହସ୍ତକୁ ବଢ଼ାଇଦେଲେ ।

ସତୀ ସାଧ୍ୱୀ କସ୍ତୁରୀ ବାଈ ହସି ହସି ସ୍ୱାମୀଙ୍କୁ ହାରଟିକି ପ୍ରତ୍ୟର୍ପଣ କରି କହିଲେ, "ତାହାହେଲେ ମୋର ଏହି ଦାନ ଗ୍ରହଣ କର । ଏହା ଯଦି ମୋ ଗଳାରେ ରହିବା ଅପେକ୍ଷା ଲୋକହିତପାଇଁ ବ୍ୟୟିତ ହେଲେ ତୁମ ଚକ୍ଷୁକୁ ଅଧିକ ସୁନ୍ଦର ଦେଖାଯିବ, ତେବେ ସେଥିରେ ମୋର ଆନନ୍ଦ । କାରଣ ତୁମକୁ ସୁନ୍ଦର ଦିଶିବ ବୋଲି ଯିନା ମୁଁ ଏହାକୁ ଗଳାରେ ଲଗାଇଥାନ୍ତି !" *

ପ୍ରଶ୍ନ

୧ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଆରମ୍ଭ ଦକ୍ଷିଣ-ଆଫ୍ରିକାରେ ହୋଇଥିଲା ବୋଲି କାହିଁକି କୁହାଯାଏ ?

* ଗାନ୍ଧିଜୀଙ୍କ ଆତ୍ମଜୀବନୀରୁ ସଂଗୃହୀତ

Digitized by srujanika@gmail.com

୨ । ସ୍ୱାମୀଙ୍କଠାରୁ ହାରିଛି ପାଇ ମଧ୍ୟ କମୁଙ୍ଗ ବାଈ ତାଙ୍କୁ ପ୍ରତ୍ୟର୍ପଣ କଲେ କାହିଁକି ?

୩ । ଲୋଭୀ ବ୍ୟକ୍ତି ସତ୍ୟ ଓ ଅହିଂସା ଆଚରଣ କରିପାରିବ ନାହିଁ—ଏ କଥାଟିକୁ ଗାନ୍ଧିଙ୍କ ଯୁକ୍ତିରୁ ବୁଝାଇଦିଅ ।

୪ । "ମୁଁ ଜଣେ ଚତୁର ବଣିଆ"—ଗାନ୍ଧି ଏ କଥା କାହିଁକି କହୁଥିଲେ ?

୫ । ନିମ୍ନଲିଖିତ ବାଧ୍ୟସୂଚକ ଉକ୍ତିଗୁଡ଼ିକୁ ନିର୍ଦ୍ଦେଶ୍ୟସୂଚକ ଉକ୍ତିରେ ପରିଣତ କର—

(କ) ତୁମକୁ ସୈନିକଙ୍କ ଅଳଙ୍କାର ଦିଆଯାଇଥାନ୍ତା କାହିଁକି ?
(ଖ) ତୁମର କୋଉ କରିବା ଉଚିତ କି ?

୬ । ତାଲ୍ଲୁକ, ସ୍ୱାର୍ଥସଂରକ୍ଷଣ, ଅବଲମ୍ବନ, ପ୍ରତ୍ୟର୍ପଣ, ଉପଢୌକନ, ଉଚ୍ଛେଦ, ପ୍ରମାଦ ଗଣିବା, ନୈତିକତା—ଏଗୁଡ଼ିକର ଅର୍ଥ କହ ।

ଏହିପରି ଥିଲା ବନ୍ଧୁତା

ପ୍ରଥମ ଦୃଶ୍ୟ

[ସିଂହାସନରେ ଆସୀନ ପାଞ୍ଚାଳରାଜା ଦ୍ରୁପଦ—
ନିକଟରେ ପାତ୍ରମନ୍ତ୍ରୀଗଣ]

ଦ୍ୱାରପାଳ—(ପ୍ରବେଶ କରି) ମହାରାଜ ! ଜଣେ ଭିକାରି ବ୍ରାହ୍ମଣ ସାକ୍ଷାତ୍ କରିବାପାଇଁ ସିଂହଦ୍ୱାରରେ ଦଣ୍ଡାୟମାନ ।

ଦ୍ରୁପଦ—କହିଦିଅ, ମୋର ଏକ୍ଷଣି ସମୟ ନାହିଁ ।

Digitized by srujanika@gmail.com

ଦ୍ୱାରପାଳ—ଯେତେ ମନା କଲେ ମଧ୍ୟ ମାନିବାକୁ ସେ ନାରାଜ । ମହାରାଜାଙ୍କର ବାଲ୍ୟବନ୍ଧୁ ବୋଲି ସେ ଦାବି କରେ ।

ଦ୍ରୁପଦ—ବାଲ୍ୟବନ୍ଧୁ ! ପୁଣି ଭିକାରି ! ରାଜ୍ୟର ବହୁ ଭିକାରି ତ ମୋର ବାଲ୍ୟବନ୍ଧୁ ! ସେ ଯୋଗ୍ୟତା ବଳରେ ସମସ୍ତେ ଯଦି ଆଜି ଦେଖା କରିବାକୁ ଦାବି କରିବେ, ତାହେଲେ ମୁଁ ନାଚାର । ତୁମେ କି ମନ୍ତ୍ରୀ !

[ଦ୍ରୋଣ ଓ ଦ୍ରୁପଦ]

ମନ୍ତ୍ରୀ—ଯଥାର୍ଥ କହୁଛନ୍ତି, ମହାରାଜ !

ଦ୍ୱାରପାଳ—ମାତ୍ର ଏହି ଭିକାରି ପାଞ୍ଚାଳ ରାଜ୍ୟର ବହୁ ଦୂରବର୍ତ୍ତୀ ହସ୍ତିନାପୁରରୁ ଆସିଅଛି ବୋଲି କହେ ।

Digitized by srujanika@gmail.com

ଦ୍ରୁପଦ—ହସ୍ତିନାପୁରରୁ ଆସିଛି ? ଆଚ୍ଛା, ତାକୁ ଡାକି ଆଣ ତ, ଉଦ୍ଦେଶ୍ୟ ଟିକିଏ ବୁଝିବା । (ଦ୍ୱାରପାଳର ପ୍ରସ୍ଥାନ)

ଦ୍ରୋଣ—(ପ୍ରବେଶ କରି ଆନନ୍ଦବିସ୍ଫାରିତ ଦୃଷ୍ଟିରେ ଚାରି-ଆଡ଼କୁ ଚାହିଁ) କାହାନ୍ତି ? କେଉଁଠାରେ ମୋର ପ୍ରିୟତମ ବନ୍ଧୁ ? ବାଃ, କି ଚମତ୍କାର ସାଜସଜ୍ଜା ! ବନ୍ଧୁ ଦ୍ରୁପଦ ! ତୁମର ଏହି ରାଜଦରବାର ପୁଣି ଏହି ରାଜପରିଚ୍ଛଦ କେଡ଼େ ତୁମକୁ ମାନୁଛି ! କି ସୁନ୍ଦର ତୁମର ରାଜସିଂହାସନ ! (ନିକଟକୁ ଅଗ୍ରସର ହେଲେ)

ଦ୍ରୁପଦ—କିଏ ତୁମ୍ଭେ ଭିକାରି ? ପାଗଳ ପରି ଗପୁଛ କାହିଁକି ? ତୋର ଆସିବାର ଉଦ୍ଦେଶ୍ୟ କହ ।

ଦ୍ରୋଣ—(ତଟସ୍ଥ ହୋଇ) ଏ କି ପ୍ରଶ୍ନ ? ଭିକାରି ! ପୁଣି ଆସିବାର ଉଦ୍ଦେଶ୍ୟ ! ତୁମେ ମଧ୍ୟ ଚିହ୍ନିପାରୁ ନାହଁ ଆଜି ? ମନେ କି ନ ପଡ଼େ ବନ୍ଧୁ ! କିଶୋର ବୟସେ, କରିଥିଲେ ଦୁହେଁ ଯେବେ ଧନୁର୍ବିଦ୍ୟା ଶିକ୍ଷା, ମୋର ପିତୃଦେବ ଭରଦ୍ୱାଜ ଆଶ୍ରମରେ ? କେତେ ଗ୍ରୀଷ୍ମ, ବର୍ଷା, ଶୀତ, ବସନ୍ତ କାଟିଥିଲେ ସାଥୀ ହୋଇ ଦୁହେଁ ଢବାନଣି ?

ଦ୍ରୁପଦ—ଭରଦ୍ୱାଜ ଆଶ୍ରମ ? ତାହା କିନ୍ତୁ ବହୁ ଅତୀତର କଥା ।

ଦ୍ରୋଣ—ଅବଶ୍ୟ, ଅବଶ୍ୟ ବନ୍ଧୁ କାଳ ହୋଇଅଛି ଗତ । ମନେ ତେବେ ପଡ଼େ କେତେ ପ୍ରଦୋଷ ଉଷାରେ, ଫୁଟି ଉଠିଥିଲା ଯେବେ ଗିରିଚୂଡ଼ାଦେଶେ ରକ୍ତଛଟା ସମ ରବି ! ମୃଗୟାରେ ଦୁଇ ବନ୍ଧୁ ହୋଇ କ୍ଲାନ୍ତ ନିର୍ଝରଣୀଜଳରେ କରିଥିଲେ ତୃଷା ଦୂର । ମନେ ପଡ଼େ ଆଜି ସତେ ସେଦିନର ତବ ସେହି ପ୍ରତିଜ୍ଞା ବଚନ ?

Digitized by srujanika@gmail.com

ଦ୍ରୁପଦ—(ବିସ୍ମୟରେ) ପ୍ରତିଜ୍ଞା ବଚନ !

ଦ୍ରୋଣ—ମନେ ନାହିଁ ? କହିଥିଲ ପରା, ରାଜା ହୋଇ ସିଂହାସନ କଲେ ଆରୋହଣ, ତଥାପି ଭୁଲିବ ନାହିଁ କଦାପି ସେ ସ୍ୱର୍ଗୀୟ ବନ୍ଧୁତା !

ଦ୍ରୁପଦ—କିନ୍ତୁ, ଆଜି ପୁଣି ସେହି ଶୈଶବର କଥା କାହିଁକି ? କହ ଭରଦ୍ୱାଜ ! କଅଣ ତୁମେ ଚାହୁଁଛ ? ତୁମ ରୂପ ଓ ବେଶଭୂଷାର ଦୀନତା ଦେଖି ଦୟା ଜାତ ହୁଏ ।

ଦ୍ରୋଣ—ଦୟା ! ଅନୁକମ୍ପା ! ତୁମ ପାଖରୁ କଅଣ ଦାନଦକ୍ଷିଣା ପାଇବାକୁ ଆସିଛି ମୁଁ ? ଆଶ୍ରମବାସୀର ପ୍ରୟୋଜନ ଯେ ଅତି ସାମାନ୍ୟ, ଏହା କଅଣ ତୁମକୁ ଆଉଥରେ ଶିଖିବାକୁ ହେବ ? ଭରଦ୍ୱାଜ ଆଶ୍ରମର ଶିକ୍ଷା ତେବେ ତୁମର ସମ୍ପୂର୍ଣ୍ଣ ହୋଇ ନାହିଁ ?

ଦ୍ରୁପଦ—(ବିରକ୍ତିରେ) ଆଉ ତାହେଲେ ଲୋଡ଼ା ତୁମର କାହିଁରେ ?

ଦ୍ରୋଣ—ମୁଁ କେବଳ ତୁମ ପ୍ରତିଶ୍ରୁତିର ପାଳନ ଲୋଡ଼େ । ଲୋଡ଼େ ତୁମର ବନ୍ଧୁତା ।

ଦ୍ରୁପଦ—ବନ୍ଧୁତା ! ଭିକାରି ସହିତ ରାଜାର ବନ୍ଧୁତା ! ହାଃ-ହାଃ-ହାଃ—ବନ୍ଧୁତା ଯେ କେବଳ ସମାନ ସମାନ ବ୍ୟକ୍ତିମଧ୍ୟରେ ସମ୍ଭବପର ।

ଦ୍ରୋଣ—ସମାନ କଅଣ ଖାଲି ଐଶ୍ୱର୍ଯ୍ୟ ଓ କ୍ଷମତାରେ ? ମନ ଓ ହୃଦୟରେ ନୁହେଁ ? ତୁମ ବନ୍ଧୁତାର ମୂଲ୍ୟ ଏତେ ସାମାନ୍ୟ, ଏତେ ତୁଚ୍ଛ ? ତାହା କେବଳ ଅର୍ଥରେ ହିସାବ ହୁଏ ?

ଦ୍ରୁପଦ—ଏତେ ଆସ୍ପର୍ଦ୍ଧା ! ଦୂର ହୁଅ ସମ୍ମୁଖରୁ !

Digitized by srujanika@gmail.com

ଦ୍ରୋଣ—ସେଭଳି ଆଦେଶର ଆଉ ଆବଶ୍ୟକତା ନାହିଁ, ପାଞ୍ଚାଳ-
ନରେଶ ! କିନ୍ତୁ ମନେ ରଖ ଦ୍ରୁପଦ ! ଯେଉଁ ବନ୍ଧୁତାକୁ
ଆଜି ଅଗ୍ରାହ୍ୟ କଲ, ସେଥିପାଇଁ ଦିନେ ତାହାର
ମୂଲ୍ୟ ତୁମକୁ ଦେବାକୁ ପଡ଼ିବ । ଯଥାର୍ଥ କହିଲ ରାଜା !
ସମାନ ସମାନ ବ୍ୟକ୍ତିମଧ୍ୟରେ ହିଁ ବନ୍ଧୁତା ହୋଇଥାଏ ।
ଧନିକ ଓ ଦରିଦ୍ରମଧ୍ୟରେ ନୁହେଁ । (ଦ୍ରୋଣଙ୍କ ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ

[ଦ୍ରୋଣଙ୍କର ଶିକ୍ଷାଶିବିର—ପାଣ୍ଡବ ଓ କୌରବମାନେ
ଧନୁର୍ବିଦ୍ୟା ଶିକ୍ଷା କରୁଛନ୍ତି]

ଭୀଷ୍ମ—(ପ୍ରବେଶ କରି) ଭରଦ୍ୱାଜ ! ପାଣ୍ଡବ ଓ କୌରବମାନଙ୍କୁ
ଧନୁର୍ବିଦ୍ୟା ଶିକ୍ଷା ଦେବାପାଇଁ ଆପଣଙ୍କୁ ନିଯୁକ୍ତ କରି
ମୁଁ କୃତାର୍ଥ ହୋଇଛି । କୁମାରମାନଙ୍କୁ ଆପଣ ସକଳ
ପ୍ରକାର ରଣକୌଶଳରେ ପାରଦର୍ଶୀ କରାଇପାରିଛନ୍ତି ।
କଅଣ ଦେଇ ଆପଣଙ୍କୁ ସନ୍ତୁଷ୍ଟ କରିବୁଁ, ତାହା ଆପଣ
ନିଜେ କହନ୍ତୁ ।

ଦ୍ରୋଣ—ହେ ଗାଙ୍ଗେୟ ! କୁମାରମାନଙ୍କ ଶିକ୍ଷାଭାର ଆପଣ ମୋତେ
ଦେଇ ଯେପରି ସମ୍ମାନିତ କରିଛନ୍ତି, ତାହା ଲକ୍ଷାଧିକ
ଧେନୁ ଓ ସ୍ୱର୍ଣ୍ଣମୁଦ୍ରାଠାରୁ ମଧ୍ୟ ବେଶି ମୂଲ୍ୟବାନ୍ ।

ଯୁଧିଷ୍ଠିର—କିନ୍ତୁ ଗୁରୁଦେବ ! ଗୁରୁଦକ୍ଷିଣା ନ ଦେଲେ
ଆମର ଶିକ୍ଷା ଯେ ସାର୍ଥକ ହେବ ନାହିଁ ! କହନ୍ତୁ ଦୟା ବହି,
କି ଦକ୍ଷିଣା ଦେଇ ଆମ୍ଭେମାନେ ଋଣମୁକ୍ତ ହେବୁଁ ?

Digitized by srujanika@gmail.com

ଦ୍ରୋଣ—ବତ୍ସ ! ତୁମ୍ଭମାନଙ୍କ ଠାରୁ ଏ ମହନ୍ତୁ ମୁଁ ମୋର ଶ୍ରେଷ୍ଠ ଗୁରୁଦକ୍ଷିଣା । ଆଉ ଯଦି ମୋତେ ଅଧିକ ସନ୍ତୁଷ୍ଟ କରିବାକୁ ଇଚ୍ଛୁକ ଥାଅ, ତାହାହେଲେ ଯାଇ ପାଞ୍ଚାଳରାଜ ଦ୍ରୁପଦଙ୍କୁ ବନ୍ଦୀ କରି ନେଇ ଆସ । ଧନ ଓ କ୍ଷମତାର ମୋହରେ ଅନ୍ଧ ହୋଇ ସେ ମୋର ବନ୍ଧୁତାକୁ ଅପମାନ କରିଛନ୍ତି;ସଭାଗୃହରେ ମୋର ମର୍ଯ୍ୟାଦାହାନି ଘଟାଇଛନ୍ତି । ମୁଁ ତାହାଙ୍କୁ ଦାରିଦ୍ର୍ୟର ମର୍ଯ୍ୟାଦା ବୁଝାଇଦେବାକୁ ଚାହେଁ ।

ଭୀଷ୍ମ—ଯାଅ କୁମାରଗଣ ! ଅବିଳମ୍ବେ ଗୁରୁଆଜ୍ଞା ପାଳନ କର ।

କୌରବ ଓ ପାଣ୍ଡବଗଣ—ଯେ ଆଜ୍ଞା ଗୁରୁଦେବ ! ଯେ ଆଜ୍ଞା ପିତାମହ !

ଭୀଷ୍ମ—ଦ୍ରୁପଦ କିନ୍ତୁ ବଡ଼ ଶକ୍ତିଶାଳୀ ରାଜା । ତାଙ୍କୁ ବନ୍ଦୀ କରି ଆଣିବା ସହଜ ନୁହେଁ । ଦ୍ରୁପଦଙ୍କ ସହିତ ଯୁଦ୍ଧ କରିବାକୁ ତୁମ୍ଭେମାନେ ପ୍ରସ୍ତୁତ ଅଛ ତ ?

ଅର୍ଜୁନ—ଆପଣ ନିଶ୍ଚିନ୍ତ ରହନ୍ତୁ ପିତାମହ ! ଆମ୍ଭେମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

ଦ୍ରୋଣ—ଯାଅ ତେବେ ବତ୍ସ ! ତୁମ୍ଭମାନଙ୍କ ଅଭିଯାନ ବିଜୟ-ମଣ୍ଡିତ ହେଉ ।

(ନମସ୍କାର କରି କୌରବ ଓ ପାଣ୍ଡବମାନଙ୍କର ପ୍ରସ୍ଥାନ)

ଭୀଷ୍ମ—ଏହା କେବଳ ଗୁରୁଦକ୍ଷିଣା ନୁହେଁ, ଭରଦ୍ୱାଜ ! ଗୋଟିଏ ମହା ପରୀକ୍ଷା । ମୋର ସନ୍ଦେହ ଏ ଆଶଙ୍କା ଜାତ ହେଉଛି, ଏହି ବାଳକମାନେ କଅଣ ମହାପରାକ୍ରମୀ ଦ୍ରୁପଦଙ୍କୁ ପରାସ୍ତ କରି ପାରିବେ ?

ଦ୍ରୋଣ—ତାହା ନ ହେଲେ ମୋର ଗୁରୁଦକ୍ଷିଣା ପ୍ରାପ୍ୟ ନୁହେଁ । ପୁଣି ମୁଁ ଯେଉଁ ଶିକ୍ଷା ଦାନ କରିଛି, ସେସବୁ ଅକାରଣ ହେବାର ବୁଝିବ । ମାତ୍ର ସେଭଳି ସନ୍ଦେହ ମୋର ଆଦୌ ନାହିଁ । ଆପଣ ସେମାନଙ୍କୁ ବାଳକ ବୋଲି ଭାବନ୍ତୁ ନାହିଁ, ଧୃତରାଷ୍ଟ୍ର ! ଅଳ୍ପବୟସ୍କ ହେଲେହେଁ ସେମାନଙ୍କର ବୁଦ୍ଧି, ବିଚକ୍ଷଣତା, ଶକ୍ତି ଓ ସାହସ ବହୁ ପ୍ରବୀଣଙ୍କଠାରୁ ମଧ୍ୟ ଅଧିକ ।

ତୃତୀୟ ଦୃଶ୍ୟ

[ଦ୍ରୋଣଙ୍କ କକ୍ଷ—ବାରମ୍ବାର ହର୍ଷଧ୍ୱନି ସହ କୌରବ ଓ ପାଣ୍ଡବମାନେ ଦ୍ରୁପଦଙ୍କୁ ବନ୍ଧନ କରି ଉପସ୍ଥିତ ହେଲେ ।]

ଦ୍ରୋଣ—କାତର ହୁଅ ନାହିଁ ଦ୍ରୁପଦ ! ତୁମେ ମୋଠାରୁ କଠିନ ଦଣ୍ଡ ଆଶଙ୍କା କରୁଛ, କହିବ କି ?

ଦ୍ରୁପଦ—ପ୍ରାଣଦଣ୍ଡ !

ଦ୍ରୋଣ—ଆହା ! ଏତେ ବେଶି ଭୀତ ହୋଇପଡ଼ିଛ ତୁମେ ? ପ୍ରାଣଦଣ୍ଡ ଛଡ଼ା ଆଉ କିଛି ମୋଠାରୁ ପ୍ରାପ୍ୟ ନୁହେଁ କି ?

ଦ୍ରୁପଦ—ଅଛି । ତାହା ତୁମର ବନ୍ଧୁତା । ମାତ୍ର ଏଥିପୂର୍ବରୁ ମୁଁ ତାହା ହରାଇଦେଇଛି ।

ଦ୍ରୋଣ—ଏକଥା ତେବେ ସ୍ମରଣ ହୋଇଛି, ଦ୍ରୁପଦ, ସେହି ବାଲ୍ୟ ପ୍ରତିଶ୍ରୁତି ? ମୁଁ ଅବଶ୍ୟ ତୁମର ଏହି ବନ୍ଧୁତ୍ୱ-ଭିକ୍ଷାକୁ ପ୍ରତ୍ୟାଖ୍ୟାନ କରିବି ନାହିଁ ।

ଦ୍ରୁପଦ—ତୁମେ ତାହାହେଲେ ମୋତେ କ୍ଷମା କରିଛ ?

ଦ୍ରୋଣ—ଦରିଦ୍ର କେବଳ କ୍ଷମା କରି ଶିଖିଛି, ରାଜା ! ଆଉ କିଛି ଶିଖି ନାହିଁ । ଧନୀ ଲୋକ ଭଳି ସେ ତ କୃପଣ ନୁହେଁ ?

Digitized by srujanika@gmail.com

ଦ୍ରୁପଦ—କିନ୍ତୁ ଦରିଦ୍ର ହେଲେ ମଧ୍ୟ ତୁମେ ମୋଠାରୁ ମହାନ୍, କାରଣ ମୋର ଶିରଚ୍ଛେଦ ଆଦେଶ କରି ନାହିଁ ।

ଦ୍ରୋଣ—ତଥାପି ତୁମର ରାଜ୍ୟଚ୍ଛେଦ ଆଦେଶ ଦେଉଛି । କାରଣ ତୁମ ବନ୍ଧୁତା କରିବାକୁ ହେଲେ ଯେ ମୁଁ ତୁମ ସଙ୍ଗେ ସମାନ ହେବା ଆବଶ୍ୟକ । ସେଥିଲାଗି ଆଜଠାରୁ ପାଞ୍ଚାଳ ରାଜ୍ୟର ଅର୍ଦ୍ଧେକ କେବଳ ତୁମର ଏବଂ ଅନ୍ୟ ଅର୍ଦ୍ଧେକ ମୋର ହେଲା । ଗଙ୍ଗା ନଦୀର ଉତ୍ତରାଞ୍ଚଳ ଦ୍ରୁପଦ ଶାସନ କରିବେ ଓ ଦକ୍ଷିଣାଞ୍ଚଳର ଅଧୀଶ୍ୱର ହେବେ ଦ୍ରୋଣ । ଏ ସର୍ତ୍ତରେ ରାଜି ଅଛ ତ ଦ୍ରୁପଦ ?

ଦ୍ରୁପଦ ରାଜି ନ ହୋଇ ତ ଅନ୍ୟ ଉପାୟ ନାହିଁ ।

ଦ୍ରୋଣ—ତାହାହେଲେ ଏହାଙ୍କୁ ବନ୍ଧନମୁକ୍ତ କର, ବତ୍ସଗଣ !

(କୌରବ ଓ ପାଣ୍ଡବମାନେ ଆଦେଶ ପାଳନ କଲେ)

ଦ୍ରୋଣ—ଆସ ଦ୍ରୁପଦ ! ଆଜଠାରୁ ଆମେ ଦୁହେଁ ସମାନ । ତେଣୁ ତୁମର କଥାର ପ୍ରକୃତ ଅର୍ଥରେ ବନ୍ଧୁ ହୋଇ ପାରିଥାଉଁ । ନୁହେଁ କି ?

ପ୍ରଶ୍ନ

୧ । ଭୀଷ୍ମ, ଦ୍ରୋଣ ଓ ଦ୍ରୁପଦ—ଏମାନଙ୍କର ପରିଚୟ ଦିଅ ।

୨ । ଦ୍ରୋଣ ଦ୍ରୁପଦଙ୍କ ନିକଟକୁ କି ଉଦ୍ଦେଶ୍ୟରେ ଯାଇଥିଲେ ଏବଂ ଦ୍ରୁପଦ ତାଙ୍କୁ କିପରି ବ୍ୟବହାର ଦେଖାଇଲେ ?

୩ । "ଯେସାକୁ ତେସା"—ଏ ପ୍ରବଚନଟି କିପରି ଠିକ୍, ଏ ପାଠରୁ ଉଦାହରଣ ଦେଇ ସଂକ୍ଷେପରେ ବୁଝାଇଦିଅ ।

୪ । ଭରଦ୍ୱାଜ, କୌରବ, ପାଣ୍ଡବ, ଗାଙ୍ଗେୟ—ଏ ଶବ୍ଦଗୁଡ଼ିକ କେଉଁ କେଉଁ ମୂଳ ଶବ୍ଦରୁ ଉତ୍ପନ୍ନ ହୋଇଛି ?

Digitized by srujanika@gmail.com

୭ । (କ) "କଷ୍ଟଦେଅ, ମୋର ଏମନ୍ତି ସମୟ ନାହିଁ ।"
(ଖ) "ଯଥାର୍ଥ କଷ୍ଟକଳ୍ପ, ମହାରାଜ !"
—ଏ ପ୍ରତ୍ୟକ୍ଷୋକ୍ତି ଦୁଇଟିକ ପରୋକ୍ଷୋକ୍ତିରେ ପ୍ରକାଶ କର ।

ଏକନିଷ୍ଠ ସାଧନା

(ସୁର—କଉଶିକ; ମୁନିବର ବାଣୀ)

"ଜଟସ ତଳେ ମାଧୋଇ, ଶୀତେ ଯାଉଛ ଗାଧୋଇ"
ମାଘ ସ୍ନାନେ ଯିବା ଜନେ, ଭାଷଇ ଜଣେ ।
ଦାସିଆ ବାଉରି ନାମେ ଘର ତାର ବାଲିଗ୍ରାମେ,
ଦୁଇ କ୍ରୋଶ ପୁରୀଠାରୁ, ଅଟେ ଜମାରୁ ।
ସରଳୁ ଦରିଦ୍ରଗଣେ ମୂର୍ଖ ନିରକ୍ଷରପଣେ
କୁଟୀରଦ୍ୱାରରେ ବସ୍ତ୍ର, ବୁଣେ ସତତ ।
ନ ଜାଣେ ଭକତି ଜ୍ଞାନ, ବୁଝେ ନାହିଁ ମନ୍ତ୍ର ଧ୍ୟାନ
ପଣ୍ଡିତମୁଖରୁ ଶାସ୍ତ୍ର, ଶୁଣଇ ମାତ୍ର ।
ମିଳେ ଯାହା ଯେତେବେଳେ ସନ୍ତୋଷେ ଭୁଞ୍ଜଇ ହେଳେ
ମଣେ ସୁଖଦୁଃଖମାନ, ସଦା ସମାନ ।
ନୀଚକୁଳେ ହୋଇ ଜାତ ଦେଉଳେ ନ ପଶିଲା ସେ
ଦର୍ଶନ କରଇ ଯାଇ, ରଥେ ଗୋସାଇଁ ।
ରଙ୍ଗାଧର କଳା ଡୋଳା ଦେଖି ଭାବେ ହେଲା ଭୋଳା
ବୁହିଁଲ କଳା ଶ୍ରୀମୁଖ, ପାସୋରେ ଦୁଃଖ ।
କେଉଁଠି ଯେବେ ଆବାସେ ବସଇ ଭୋଜନ ପାଶେ
ଜାଉ ସନ୍ଧ ପତ୍ନୀ ତାର, ବାଢ଼େ ଆହାର ।

Digitized by srujanika@gmail.com

ଜାଉ ପେଜ ଅବଶେଷ ଥିଲା　　　　ତା ମଧିରେ ଶାଗ କଲା
　　ଦାସିଆ ବାଉଶ ଗୃହିଁ, ନ ପାରେଉ ଖାଇ ।
ହାଣ୍ଡି ଅବଶେଷ କୃଷ୍ଣ ରଙ୍ଗ　　　　ରୋମାଞ୍ଚିତ ସର୍ବ ଅଙ୍ଗ
　　ଶିଷ୍ଟରେ ଏ ଚନ୍ଦ୍ରଭୋଳା, ହୁଅଇ ନିଶ୍ଚଳା ।
ସ୍ୱେଦବିନ୍ଦୁ, ପାଦ ପାଶେ,　　　　ବଦନୁଁ ନ ସ୍ଫୁରେ ବାଣୀ
　　କମ୍ପିଉଠେ ବାରମ୍ବାର, ଶରୀର ତାର ।
ନୟନରୁ ଅଶ୍ରୁଜଳ　　　　ବହିପଡ଼େ ଅନର୍ଗଳ
　　ଉଠେ ମାରି କରତାଳି, ଆହାରେ ପ୍ରଭୁ ।
ପେଜମଧ୍ୟେ ଶାଗ କଲା　　　　ଏ ତ ଶ୍ରେଷ୍ଠ ଚନ୍ଦ୍ରଭୋଳା
　　ନାଚେ ଧରି ତାଳି ତାଳି, ପାଗଳ ଭଳି ।
ପତ୍ନୀ କାନ୍ଦେ ଡାକ ଛାଡ଼ି,　　　　ଗ୍ରାମବାସୀଙ୍କୁ ହକାରି
　　ବାପୁ ! ଜଲ୍ଦି ଦେଖ ଘର, ସ୍ୱାମୀଙ୍କୁ ତା'ର ।
ଶୁଣନ୍ତେ ସବୁରି ପାଶେ　　　　ଦାସିଆ ମଧୁରେ ଭାଷେ
　　"ପେଜମଧ୍ୟ ଶାଗ କଲା, ଏ ଚକାଡୋଳା ।
'କିମ୍ପେ ଖାଇବ ଗୋସାଇଁ"　　　　ନାଚେ ପୁଣି ଭଳି ଭଳି
　　ଭାବରେ ବିହ୍ୱଳ ହୋଇ, ଦାସିଆ ରୋଇ ।
ଜାଉଠୁ ଶାଗକୁ କାଢ଼ି　　　　ପତ୍ନୀ ପୁଣି ଦେଲା ବାଢ଼ି
　　ଆନନ୍ଦେ କଲା ଆହାର, ସ୍ୱାମୀ ତାହାର ।
ଏକନିଷ୍ଠ ତା ସାଧନ　　　　ଦେଖିଲେ ସକଳ ଜନ
　　ହେଲେହେଁ ସେ ନୀଚ ଜାତି, ବ୍ୟାପିଲା ଖ୍ୟାତି ।
ନ କହେ ସେ ମିଥ୍ୟା କଥା,　　　　ନ ଦିଏ କାହାକୁ ବ୍ୟଥା
　　ଦବାଉଛି ଭକ୍ତିରସେ, ମଜ୍ଜି ସନ୍ତୋଷେ ।
ଛାଡ଼ି ଗର୍ବ-ହିଂସା-ଦ୍ୱେଷ　　　　ପିନ୍ଧେ ସଦା ଦୀନ ବେଶ
　　ଏକା ଜଗନ୍ନାଥ ଧ୍ୟାନ, ତା ଅଭିମାନ ।

Digitized by srujanika@gmail.com

ଦେଖିଲ୍ ଥରେ ସ୍ୱପନ ଉଭା ଜଗତଜୀବନ
ବୋଲନ୍ତ, "ମାଗ ତୁ ବର, ଯେ ଇଚ୍ଛା କର ।"
ଦାସିଆ ଚରଣତଳେ ଭକ୍ତିଭରେ ଲୋଟିପଡ଼େ
ଭାଷେ, "ତୁମ ବିନା ପୁଣି, କିବା ମାଗୁଣି ?
ନାହିଁ କିଛି ପ୍ରୟୋଜନ ଏକା ତୁମ୍ଭ ଦରଶନ
ଲଭିବ କଲେ ମୁଁ ଇଚ୍ଛା, ଏତିକ ଭିକ୍ଷା ।"
ହସି ଭାଷନ୍ତ ଶ୍ରୀହରି, "ଧନ୍ୟ ଦୃଢ଼ତା ତୋହରି
ନ ଇଚ୍ଛିଲୁ ଧନଜନ, ମହା ସାଧନ ।
ହେଲେହେଁ ଅସ୍ପୃଶ୍ୟ ଜାତି ରହୁ ତୋର ଶର ଖ୍ୟାତି
ଯାହା ସମର୍ପିବୁ ମୋତେ, ଭୁଞ୍ଜିବ ସତେ ।"
ଏହା କହି ଅନ୍ତର୍ଦ୍ଧାନ ହେଲେ ପ୍ରଭୁ ଭଗବାନ
ସ୍ୱପ୍ନକୁ କଲା ବିଶ୍ୱାସ, ବାଲିଗାଁ ଦାସ ।
ଆନନ୍ଦ-ଉଦ୍‌ବେଳ ହୃଦେ ନାରିକେଳ ଆଣି ମୁଦେ
ଏଗୃରେ ଏହି ତାହାର, ପୂଜା-ସମ୍ଭାର ।
ପୂଜକ ବ୍ରାହ୍ମଣ-କରେ ନାରିକେଳ ଭକ୍ତିଭରେ
ଦେଇ ଭାଷଇ ବଚନ, "ଆହେ ବ୍ରାହ୍ମଣ !
ମାଗୁଣି ଏତିକ ମୋର ଦୟା ବହି ନେନା କର
ଗରୁଡ଼ ଗମ୍ଭ ପଛରେ ଡାକିବ ଥରେ—
'ବାଲି ଗାଁଆଁର ଦାସିଆ ପଠାଇଛି ଏ ନଡ଼ିଆ
ଜଗବନ୍ଧୁ-ଅନୁରାଗୀ, ତୁମରି ଲାଗି' ।
ନେବେ ନାହିଁ ଯଦି ତୋଳି" ଫେରାଇ ଆଣିବ ବୋଲି
କହେ, "ଦେଇଯିବ ମତେ," ନୋହେ ପରତେ ।
କଉତୁକେ ଦ୍ୱିଜବର ମନ୍ଦିରେ ଗଲେ ସତ୍ୱର
ଗରୁଡ଼ ଖମ୍ବର ପାଖେ, ହେଲେ ଉଭା ସେ ।

Digitized by srujanika@gmail.com

ହୃଦେ ମାଳଚନ୍ଦ୍ର ଧାଇଁ   ଡାକିଲେ, "ଜଗତସାଇଁ
ବାଜି ଗ୍ରାମର ଦାସିଆ, ନେଲ ନଡ଼ିଆ ।"
ସଙ୍ଗରେ ଦ୍ୱିଜ, ସତେ କ   ନାରିକେଳ ନେଲେ ଟେକ
ଶୂନ୍ୟରୁ ବଢ଼ାଇ କର, କମଳାବର ।
ଚକିତେ ଖୋଜନ୍ତି ଦ୍ୱିଜ   ନୟନ ବୁଲାଇ ନିଜ
ନାରିକେଳ ଗଲା କାହିଁ, କେହି ତ ନାହିଁ !
ଅଦ୍ଭୁତ ବିସ୍ମୟରେ   ଦାସିଆ ପାଶକୁ ଝରେ
କେଉଁଠି ବୋଲନ୍ତି, "ଧନ୍ୟ ତୁମ୍ଭ ଜୀବନ ।
କଲ ଆଜ ଭକ୍ତି ତବ   ହେ ପୁଣ୍ୟାତ୍ମା, ଅନୁଭବ
ଧନ୍ୟ ହେଲି ତୁମ ଲାଗି ମୁଁ ପାପଭାଗୀ ।"

ପ୍ରଶ୍ନ

୧ । ଦାସିଆ ବାଉରିର ପରିଚୟ ଦେଇ ତାହାର ଚରିତ୍ର ବର୍ଣ୍ଣନ କର ।

୨ । ଦାସିଆ ବାଉର ପେଜ ପିଇଲାବେଳେ ତା ମନରେ ଯେଉଁ ଭାବ ଜାତ ହେଲା, ତାହାକୁ ସଂକ୍ଷେପରେ ପ୍ରକାଶ କର ।

୩ । ଏ ଗଳ୍ପଟିକୁ ପନ୍ଦର ଗୋଟି ଧାଡ଼ିରେ ତୁମ ନିଜ ଭାଷାରେ ଲେଖ ।

୪ । (କ) "ପେଜମଧ୍ୟେ ଶାଗ କଳା, ସେ ଚକାଡୋଳା ।"
(ଖ) "ଏକନିଷ୍ଠ ତା ସାଧନ, ଦେଖିଲେ ସକଳ ଜନ"
—ପୂର୍ବାପର ସମ୍ପର୍କ ସହ ଉପରୋକ୍ତ ଦୁଇ ପଦର ଭାବ ପ୍ରକାଶ କର ।

୫ । ମାଗୁଣି, ଏକନିଷ୍ଠ, ଜମାନ୍ତ, ପଦ୍ମଡୋଳା, ଋଙ୍ଗାଧର, ଦ୍ୱିଜ, ସମ୍ଭାର, ଅନ୍ତର୍ଦ୍ଧାନ—ଏ ଶବ୍ଦଗୁଡ଼ିକୁ ଗୋଟିଏ ଗୋଟିଏ ବାକ୍ୟରେ ବ୍ୟବହାର କର ।

Digitized by srujanika@gmail.com

ଆମର ଦାୟିତ୍ୱ ଓ କର୍ତ୍ତବ୍ୟ

ଭାରତବର୍ଷ ବହୁ କାଳ ପର୍ଯ୍ୟନ୍ତ ଇଂରେଜମାନଙ୍କ ଶାସନାଧୀନରେ ଥିଲା । ଭାରତବାସୀ ବିଦେଶୀ ଶାସନରୁ ମୁକ୍ତ ହେବାପାଇଁ ନାନା ଆନ୍ଦୋଳନ କରିବା ଫଳରେ ଇଂରେଜ ସରକାର ସେମାନଙ୍କ ହାତରେ ଶାସନଭାର ଅର୍ପଣ କରି ଏ ଦେଶରୁ ବିଦାୟ ନେଇ ଗଲେ; ତେଣୁ ନିଜ ଦେଶକୁ ଶାସନ କରିବାର ଦାୟିତ୍ୱ ଆଜି ଭାରତର ସବୁ ଲୋକଙ୍କ ଉପରେ ନ୍ୟସ୍ତ ହୋଇଛି ।

ଆମ୍ଭମାନଙ୍କର ନିର୍ବାଚିତ ପ୍ରତିନିଧିଗଣ ହିଁ ଦେଶର ମନ୍ତ୍ରୀ ଓ ବ୍ୟବସ୍ଥାସଭାର ସଦସ୍ୟରୂପେ ଶାସନକାର୍ଯ୍ୟ ପରିଚାଳନା କରୁଛନ୍ତି । ଏହି ପ୍ରତିନିଧିମାନଙ୍କୁ ନିଜଭିତରୁ ବାଛିବାପାଇଁ ଦେଶର ପ୍ରତ୍ୟେକ ସାବାଳକ ନାରୀ ପୁରୁଷଙ୍କୁ ମତ ଦେବାକୁ ହୁଏ । ଇଂରାଜୀ ଭାଷାରେ ଏହିରୂପ ମତକୁ 'ଭୋଟ' ବୋଲାଯାଏ । ପୂର୍ବେ ରାଜାମାନେ ପୁତ୍ରପୌତ୍ରାଦିକ୍ରମେ ଯେପରି ରାଜ୍ୟ ଶାସନ କରୁଥିଲେ, ବର୍ତ୍ତମାନ ଉକ୍ତ ପ୍ରଥା ପରିବର୍ତ୍ତିତ ହେବାରୁ ବହୁ ଲୋକମତରେ ପ୍ରତିନିଧିମାନେ ଶାସନ କରୁଛନ୍ତି ।

ଜଣେ ରାଜାଙ୍କ ସ୍ଥାନରେ ବ୍ୟବସ୍ଥାସଭାର ଅନେକ ସଭ୍ୟ, ଏକାଧିକ ମନ୍ତ୍ରୀ ଓ ଲାଟଙ୍କଦ୍ୱାରା ଶାସନକାର୍ଯ୍ୟ ଚାଳିତ ହେଉଅଛି । ପୁଣି ଦେଶବାସୀ ଜନସାଧାରଣଙ୍କ ସମ୍ମତିରେ ସଭ୍ୟ ଓ ମନ୍ତ୍ରୀମାନେ ନିର୍ବାଚିତ ହେଉଥିବାରୁ ଆଧୁନିକ ଶାସନକୁ ସାଧାରଣତନ୍ତ୍ର ବା ଗଣତନ୍ତ୍ରଶାସନ କୁହାଯାଏ । "ସାଧାରଣତନ୍ତ୍ର ଦେଶ"ର ପ୍ରକୃତ ଅର୍ଥ ବୁଝି ବସିଲେ ସ୍ପଷ୍ଟ ଜଣାଯାଏ ଯେ, ଏହିଁରେ ଅନ୍ୟ କେହି

Digitized by srujanika@gmail.com

କାହା ଉପରେ ଶାସନ କରେ ନାହିଁ; ଦେଶବାସୀ ନଜେ ନିଜକୁ ହିଁ ଶାସନ କରନ୍ତ ।

ଯେଉଁମାନଙ୍କ ଦ୍ୱାରା ଶାସନକାର୍ଯ୍ୟ ଉତ୍ତମରୂପେ ଚଳିପାରେ, ସେହିମାନଙ୍କୁ ହିଁ ପ୍ରତିନିଧି କରାଯାଏ । ପ୍ରତି ପାଞ୍ଚ ବର୍ଷରେ ଥରେ ନିର୍ବାଚିତ କରାଯାଇ ନୂତନ ପ୍ରତିନିଧି ବା ଶାସନକର୍ତ୍ତା ନିଯୁକ୍ତ କରିବା ନିୟମ ଅଛି । ଏହିରୂପେ ଦେଶବାସୀ ସମସ୍ତେ ନିଜ ନିଜକୁ ଶାସନ କରିବା ଅର୍ଥ ହିଁ ସ୍ୱାଧୀନତା ।

ସ୍ୱାଧୀନତାର ଅନ୍ୟ ନାମ ହେଉଛି ସ୍ୱାବଲମ୍ବନଶୀଳତା । ଅନ୍ୟ ଦେଶ ଉପରେ ନିର୍ଭର ନ କରି କିମ୍ବା କାହାରି ଅନୁଗ୍ରହପ୍ରାର୍ଥୀ ନ ହୋଇ ଯେଉଁ ଦେଶ ନିଜର ପ୍ରୟୋଜନୀୟ ବସ୍ତୁସକଳ ନିଜେ ଉତ୍ପାଦନ କିମ୍ବା ନିର୍ମାଣ କରିପାରେ, ସେହି ଦେଶ ହିଁ ସ୍ୱାଧୀନପଦବାଚ୍ୟ ହୋଇଥାଏ । ଦେଶ ବା ଜାତି ପକ୍ଷରେ ଏହି ନିୟମ ଯେପରି ପ୍ରଯୁଜ୍ୟ ହୁଏ, ବ୍ୟକ୍ତି ପକ୍ଷରେ ମଧ୍ୟ ସେହିପରି । ପରମୁଖାପେକ୍ଷୀ ନ ହୋଇ ଯେଉଁ ବ୍ୟକ୍ତି ଜୀବନ ନିର୍ବାହ କରିପାରେ, ସେ ପ୍ରକୃତରେ ସ୍ୱାଧୀନ ।

ପ୍ରକୃତିଦତ୍ତ ଜଳ ଓ ବାୟୁକୁ ଛାଡ଼ିଦେଲେ ଖାଦ୍ୟ ଓ ବସ୍ତ୍ର ଏ ଦୁଇଟି ବସ୍ତୁ ମନୁଷ୍ୟର ଜୀବନଧାରଣପାଇଁ ସର୍ବାଦୌ ଆବଶ୍ୟକ । ସେଥିଲାଗି ପ୍ରତ୍ୟେକ ସ୍ୱାଧୀନ ଜାତି ନିଜ ଦେଶରେ ଯଥେଷ୍ଟ ଖାଦ୍ୟ ଓ ବସ୍ତ୍ର ଉତ୍ପାଦନପାଇଁ ସଚେଷ୍ଟ ହୁଅନ୍ତି । ତେଣୁ ନିଜେ ସୂତା କାଟି ନିଜର ବସ୍ତ୍ର ଯୋଗାଇବା ସ୍ୱାଧୀନତା ଆନ୍ଦୋଳନର ଏକ ପ୍ରଧାନ ଉପାୟ ବୋଲି ମହାତ୍ମା ଗାନ୍ଧି କହିଥିଲେ । ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତିକୁ ଆତ୍ମନିର୍ଭରଶୀଳ ହେବାପାଇଁ ସେ ଶିକ୍ଷା ଦେଇଛନ୍ତି ।

Digitized by srujanika@gmail.com

ନିଜେ ଆତ୍ମନିର୍ଭରଶୀଳ ହେବାକୁ ଉଦ୍ୟମ କରିବା ସଙ୍ଗେ ସଙ୍ଗେ ସ୍ୱାଧୀନ ଦେଶର ପ୍ରତି ଲୋକ ଉପରେ କେତେଗୁଡ଼ିଏ ଦାୟିତ୍ୱ ଓ କର୍ତ୍ତବ୍ୟ ନିହିତ ଥାଏ । ସେଗୁଡ଼ିକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ । ତାହା ନ କଲେ ସ୍ୱାଧୀନତା ବେଶି କାଳ ସ୍ଥାୟୀ ହୋଇପାରେ ନାହିଁ ।

ସ୍ୱାଧୀନ ଦେଶର ନାଗରିକଭାବରେ ପ୍ରଧାନ ଦାୟିତ୍ୱ ହେଉଛି, ଦେଶ ଓ ଜାତିର ମଙ୍ଗଳ ପାଇଁ ଚିନ୍ତା କରିବା । ଆମ୍ଭେମାନେ ସୁସ୍ଥ ସବଳ ହେବା ପାଇଁ ନିଜ ଗୃହ ଓ ବ୍ୟବହାର୍ଯ୍ୟ ବସ୍ତୁଗୁଡ଼ିକୁ ପରିଷ୍କୃତ ରଖିବା ଆବଶ୍ୟକ ଏବଂ ପୁଷ୍ଟିକର ଖାଦ୍ୟ ଆହାର କରିବା ଉଚିତ । ସେହିପରି ଆମ୍ଭମାନଙ୍କର ଗ୍ରାମ ବା ନଗରର ପରିଚ୍ଛନ୍ନତା ଓ ଉତ୍ତମ ଖାଦ୍ୟବସ୍ତୁପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ । ତାହା ନ ହେଲେ ଅପରିଚ୍ଛନ୍ନ ବେଷ୍ଟନୀ ଓ କୁଖାଦ୍ୟ ଯୋଗୁଁ ଯେଉଁସବୁ ସଂକ୍ରାମକ ରୋଗର ଉତ୍ପତ୍ତି ହୁଏ, ତାହାର ଆକ୍ରମଣରୁ କାହାରିକୁ ନିସ୍ତାର ମିଳେ ନାହିଁ ।

ଆମ ନିଜ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ସାଧାରଣତନ୍ତ୍ର ସରକାରକୁ ଆମେ ପ୍ରତ୍ୟେକେ ମାନି ଚଳିବା ଉଚିତ । ପୁଣି ପ୍ରକୃତ ଯୋଗ୍ୟ ଲୋକ ଯେପରି ଶାସନକାର୍ଯ୍ୟ ଚଳାଇବାକୁ ନିର୍ବାଚିତ ହୁଅନ୍ତି, ତାହା ଦେଖିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ନିଜର ଗୃହ-ମଧ୍ୟରେ ଅଭିଭାବକ ଯେଉଁ ଦାୟିତ୍ୱ ଗ୍ରହଣ କରିଥାନ୍ତି, ସ୍ୱାଧୀନ ଦେଶର ଶାସକମାନେ ସେହିପରି ଦାୟିତ୍ୱ ବହନ ନ କଲେ ନାନା ବିଶୃଙ୍ଖଳା ଘଟିଥାଏ ।

ଗୋଟିଏ ଦେଶର ଅଧିବାସୀ ଯେ ଏକ ବୃହତ୍ତର ପରିବାରର ଅନ୍ତର୍ଭୁକ୍ତ, ତାହା ସମସ୍ତଙ୍କୁ ହୃଦୟଙ୍ଗମ କରିବାକୁ ହେବ । ପରିବାର

Digitized by srujanika@gmail.com

ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତିର ଆହାର, ପରିଚ୍ଛଦ, ଶିକ୍ଷା, ସ୍ୱାସ୍ଥ୍ୟପ୍ରତି ଅଭିଭାବକ ଯେପରି ସଦା ସତର୍କ ଦୃଷ୍ଟି ରଖିଥାନ୍ତି, ସ୍ୱାଧୀନ ସରକାର ସେହିପରି ପ୍ରତ୍ୟେକ ବ୍ୟକ୍ତିର ହିତସାଧନ ଲଗି ତତ୍ପର ହେବା ଦରକାର । ପିତା ବା ଅଭିଭାବକ ଯେପରି ଏହିସବୁ ଦାୟିତ୍ୱ ବହନ କରନ୍ତି, ତାହାଙ୍କ ନିର୍ଦ୍ଦେଶ ମାନି ଚଳିବା ସେହିପରି ପରିବାରର ସମସ୍ତଙ୍କର ଉଚିତ; ତେଣୁ ଆମ୍ଭମାନଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିଗଣ ଦେଶର ଶାସନ ଲଗି ବ୍ୟବସ୍ଥାପକସଭାରେ ବହୁ ମତରେ ଯେଉଁସବୁ ଆଇନ ଗ୍ରହଣ କରନ୍ତି, ସେଗୁଡ଼ିକୁ ନିଜପ୍ରସ୍ତୁତ ଆଇନରୂପେ ସମସ୍ତଙ୍କର ମାନି ଚଳିବା କର୍ତ୍ତବ୍ୟ ।

ଓଡ଼ିଶା ରାଜ୍ୟ ଭଳି ପ୍ରତି ରାଜ୍ୟ ବା ପ୍ରଦେଶରେ ଯେପରି ସ୍ୱତନ୍ତ୍ର ବ୍ୟବସ୍ଥାପକସଭା ଅଛି, ସେହିପରି ସମଗ୍ର ଭାରତବର୍ଷପାଇଁ ଗୋଟିଏ ଲୋକପ୍ରତିନିଧି ସଭା ଅଛି । ଉକ୍ତ ସଭାରେ ଓଡ଼ିଶା, ପଶ୍ଚିମ-ବଙ୍ଗ, ଆନ୍ଧ୍ର, ମାନ୍ଦ୍ରାଜ, ବିହାର, ବମ୍ବେ ଓ ଉତ୍ତର-ପ୍ରଦେଶ ଆଦି ଭାରତର ପ୍ରତ୍ୟେକ ରାଜ୍ୟରୁ ପ୍ରତିନିଧିମାନେ ନିର୍ବାଚିତ ହୋଇ ଯୋଗ ଦିଅନ୍ତି । ସେମାନେ ଭାରତବର୍ଷର ସମୂହକଲ୍ୟାଣ ଉଦ୍ଦେଶ୍ୟରେ ଆଇନ ପ୍ରଣୟନ କରନ୍ତି ।

ପ୍ରତି ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଓ ପଥଘାଟ ପ୍ରଭୃତିର ତତ୍ତ୍ୱାବଧାନପାଇଁ ମଧ୍ୟ ଗୋଟିଏ ଲେଖାଏଁ ଜିଲ୍ଲାବୋର୍ଡ଼ ଅଛି । ଏହାଛଡ଼ା ପ୍ରତି ସହରରେ ଏହିସବୁ ଉନ୍ନତିଲଗି ମ୍ୟୁନିସିପାଲିଟି ଗଠିତ ହୋଇଛି । ଜିଲ୍ଲାବୋର୍ଡ଼ ଓ ମ୍ୟୁନିସିପାଲିଟିକୁ ଯଥାକ୍ରମେ ପ୍ରତି ଜିଲ୍ଲା ଓ ସହରର ପ୍ରତିନିଧିମାନେ ନିର୍ବାଚିତ ହୁଅନ୍ତି । ସେହିରୂପେ ଗ୍ରାମମାନଙ୍କର ଶିକ୍ଷା, ଶିଳ୍ପ କମ୍ବା ପଥଘାଟର ଉନ୍ନତିକଳ୍ପେ ଗ୍ରାମପଞ୍ଚାୟତ ଗଠନପାଇଁ ବିଧାନ କରାଯାଇଛି ।

Digitized by srujanika@gmail.com

ଓଡ଼ିଶାରେ ଓ ଭାରତର ଅନ୍ୟାନ୍ୟ ରାଜ୍ୟରେ ଅନେକ ଗ୍ରାମପଞ୍ଚାୟତ ଗଠିତ ହେଲଣି । ଏହିସବୁ ଅନୁଷ୍ଠାନକୁ ଯେପରି ଉପଯୁକ୍ତ ଲୋକ ନିର୍ବାଚିତ ହୋଇ ଦେଶ ଓ ଜାତିର ମଙ୍ଗଳ ବିଧାନ କରନ୍ତି, ସେଥିପାଇଁ ଦେଶବାସୀ ସମସ୍ତେ ସାହାଯ୍ୟ କରିବା ଉଚିତ । ତାହା ନ ହେଲେ ସର୍ବତ୍ର ବିଭ୍ରାଟ ଓ ବିଶୃଙ୍ଖଳା ଦେଖା ଦେବ ଏବଂ କୌଣସି ଅନୁଷ୍ଠାନ ସୁରୁଖୁରୁରେ ଚଳିପାରିବ ନାହିଁ ।

ଯେ ଯେଉଁ ଅନୁଷ୍ଠାନରେ କାର୍ଯ୍ୟ କରନ୍ତି, ତାହାକୁ ସେ ନିଜର ବୋଲି ଜ୍ଞାନ କରିବା ଉଚିତ । ତୁମ୍ଭେ ଯେଉଁ ବିଦ୍ୟାଳୟରେ ଅଧ୍ୟୟନ କର, ତାହାକୁ ନିଜର ବୋଲି ଜ୍ଞାନ ନ କଲେ ଏବଂ ତାହାର ନିୟମ ଓ ଶୃଙ୍ଖଳା ମାନି ନ ଚାଲିଲେ ତୁମ୍ଭ ଅଧ୍ୟୟନର ଅର୍ଥ କିଛି ହୁଏ ନାହିଁ । ଉଦାହରଣସ୍ୱରୂପ ତୁମ୍ଭେ ଯଦି ନିୟମିତ ଭାବରେ ଶ୍ରେଣୀରେ ଉପସ୍ଥିତ ନ ହୁଅ, ତାହାହେଲେ ତୁମ୍ଭଙ୍କୁ ଦଣ୍ଡ ସହିବାକୁ ହେବ । ପ୍ରତ୍ୟେକ ଯାତ୍ରୀ ରେଳଗାଡ଼ିରେ ଯିବାପାଇଁ ଯେପରି ଠିକ୍ ସମୟରେ ରେଳ ଷ୍ଟେସନରେ ପହଞ୍ଚିବା ଉଚିତ, ସେହିଭଳି ସବୁ କାର୍ଯ୍ୟରେ ନିୟମର ଅନୁବର୍ତ୍ତୀ ହେବା ପ୍ରତ୍ୟେକ ସ୍ୱାଧୀନ ନାଗରିକର କର୍ତ୍ତବ୍ୟ ।

ପ୍ରଶ୍ନ

୧ । ଭୋଟ କଅଣ ? ଏହା କାହାକୁ ଓ କାହିଁକି ଦିଆଯାଏ ?

୨ । ଗୋଟିଏ ପରିବାର ଚଳାଇବା ଓ ଗୋଟିଏ ରାଜ୍ୟ ଚଳାଇବା ପ୍ରାୟ ଏକା କଥା । କିପରି ?

Digitized by srujanika@gmail.com

୩ । ସ୍ୱାଧୀନ ଦେଶର ନାଗରିକରୂପେ ତୁମ୍ଭର କର୍ତ୍ତବ୍ୟ କଅଣ, ସଂକ୍ଷେପରେ ଲେଖ ।

୪ । ନିୟମ ଓ ଶୃଙ୍ଖଳା ଶବ୍ଦ ଦୁଇଟି ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟକୁ ବୁଝାଇ ଲେଖ ।

୫ । ଲୋକପ୍ରତିନିଧି, ଧ୍ରୁବପୌନଃପୁନ୍ୟରେ, ସାଧାରଣତନ୍ତ୍ର, ଗଣତନ୍ତ୍ର, ସ୍ୱାବଲମ୍ବନଶୀଳତା, ପରମୁଖାପେକ୍ଷୀ, ଆତ୍ମ-ନିର୍ଭରଶୀଳ, ହୃଦୟଙ୍ଗମ, ତତ୍ତ୍ୱାବଧାନ—ଏଗୁଡ଼ିକର ଅର୍ଥ କହ ।

୬ । ପ୍ର, ପରି, ପ୍ରତି, ଅନୁ—ଏହି ଉପସର୍ଗଯୁକ୍ତ ପଦଗୁଡ଼ିକୁ ଏ ପାଠମଧ୍ୟରୁ ବାଛିଦିଅ ।

ନାରୀକବି କୁନ୍ତଳାକୁମାରୀ

(ଆଧୁନିକ ଉତ୍କଳର ସାହିତ୍ୟାକାଶରେ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କ ଥିଲେ ନାରୀକବି କୁନ୍ତଳାକୁମାରୀ ସାବତ)। ଓଡ଼ିଆ ସାହିତ୍ୟ ତାହାଙ୍କ ରଚନାବଳୀଦ୍ୱାରା ଯେପରି ଆଲୋକିତ ହୋଇଛି, ସେଥିପାଇଁ ସେ ଆମ ଜାତିର ଚିରସ୍ମରଣୀୟା ଓ ପୂଜ୍ୟା ହୋଇ ରହିଛନ୍ତି । ତାହାଙ୍କ ଲେଖନୀରୁ ଆହୁରି ଅନେକ ଉପାଦେୟ ରଚନା ଆଶା କରାଯାଉଥିଲା; ମାତ୍ର ଅଳ୍ପ ବୟସରେ ହଠାତ୍ ଏକ ଜ୍ୱଳନ୍ତ ଉଲ୍‌କା ଭଳି ତାଙ୍କର ଅନ୍ତର୍ଦ୍ଧାନ ହୋଇଗଲା ।

କୁନ୍ତଳାକୁମାରୀଙ୍କ ଜୀବନ ଘଟନାବହୁଳ ଓ ବିଚିତ୍ର ଥିଲା । ୧୯୦୦ ଖ୍ରୀଷ୍ଟାବ୍ଦର ଫେବୃଆରୀ ମାସ ୮ ତାରିଖରେ ଏହି

Digitized by srujanika@gmail.com

[କୁନ୍ତଳାକୁମାରୀ]

ମନସ୍ୱିନୀ ନାରୀ ଏକ ଖ୍ରୀଷ୍ଟିଆନ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବସ୍ତର ରାଜ୍ୟର ଦଣ୍ଡକାରଣ୍ୟ ଥିଲା ତାଙ୍କର ଜନ୍ମଭୂମି । କୁନ୍ତଳାଙ୍କ ପିତା ଦାନିଏଲ ସାବତ ବର୍ମାରେ ଡାକ୍ତରୀ କର୍ମରେ ନିଯୁକ୍ତ ଥିବାରୁ କୁନ୍ତଳାଙ୍କ ବାଲ୍ୟଜୀବନ ସେହି ବ୍ରହ୍ମଦେଶରେ ହିଁ ଅତିବାହିତ ହୋଇଥିଲା । ଜନନୀ ଶ୍ରୀମତୀ ମଣିକା ସାବତ ତାହାଙ୍କୁ ପ୍ରଥମେ ସ୍ୱଗୃହରେ ମାତୃଭାଷା ଓଡ଼ିଆ ଶିକ୍ଷା ଦେଇଥିଲେ ।

ତ୍ରୟୋଦଶ ବର୍ଷ ବୟସରେ ସେ କଟକ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷାରମ୍ଭ କରିଥିଲେ । ତାହାପରେ ୧୯୧୭ ଖ୍ରୀଷ୍ଟାବ୍ଦରେ କଟକ ମେଡ଼ିକାଲ ସ୍କୁଲର ପ୍ରତିଯୋଗିତା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସେ ଚିକିତ୍ସାବିଦ୍ୟା ଅଧ୍ୟୟନ କଲେ । ଏହା ହିଁ ତାହାଙ୍କ ପ୍ରତିଭା-ବିକାଶର ପ୍ରାରମ୍ଭ କାଳ । ମେଡ଼ିକାଲ ସ୍କୁଲର ପ୍ରତ୍ୟେକ ଶ୍ରେଣୀରେ ସେ ପ୍ରଥମ

Digitized by srujanika@gmail.com

ସ୍ଥାନ ଲାଭ କରୁଥିବା ଦେଖି ଶିକ୍ଷକମାନେ ବିସ୍ମିତ ହେଉଥିଲେ । ଦୁଇ ବର୍ଷ ପରେ ସେ ଉକ୍ତ ବିଦ୍ୟାଳୟରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ବିଷୟରେ ଏକାଧିକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଭ କରିଥିଲେ । କୁନ୍ତଳାଙ୍କର ଅସାଧାରଣ ପ୍ରତିଭା ଏହିରୂପେ ଅଳ୍ପ ବୟସରୁ ହିଁ ଲୋକଦୃଷ୍ଟି ଆକର୍ଷଣ କରିଥିଲା ।

ବିଦ୍ୟାଶିକ୍ଷା ସାଙ୍ଗ କରି କଟକ ରେଡ଼୍‌କ୍ରସ୍ ସୋସାଇଟିର ତତ୍ତ୍ୱାବଧାରିକା ଭାବରେ ସେ ନିଯୁକ୍ତ ହେଲେ । ତାହାଙ୍କର ଚିକିତ୍ସାନୈପୁଣ୍ୟ ଯୋଗୁଁ ସର୍ବତ୍ର ସେ ଖ୍ୟାତି ଲାଭ କରିଥିଲେ । ମାତ୍ର କୁନ୍ତଳାଙ୍କ ଭଳି ବିରାଟ ପ୍ରତିଭା ଚିରକାଳ ଚାକିରିର ସଙ୍କୀର୍ଣ୍ଣ ଗଣ୍ଡିମଧ୍ୟରେ ଆବଦ୍ଧ ରହିପାରେ ନାହିଁ । ନିଜ ଉପରିସ୍ଥ ବ୍ୟକ୍ତିଙ୍କ ସହିତ ମତଭେଦ ଘଟିବାରୁ ସେ ଚାକିରିରୁ ଇସ୍ତଫା ଦେଇଥିଲେ ।

୧୯୨୧ ଠାରୁ ୧୯୨୭ ମସିହା ପର୍ଯ୍ୟନ୍ତ ଚାକିରି କରି ଚିକିତ୍ସା କ୍ଷେତ୍ରରେ ସେ ଯେପରି ଯଶ ଅର୍ଜନ କରିଥିଲେ, ସେହିପରି ସାହିତ୍ୟ କ୍ଷେତ୍ରରେ 'ଅଞ୍ଜଳି' ଓ 'ଅର୍ଚ୍ଚନା' ନାମକ ଗୀତି-କାବ୍ୟ ଏବଂ 'ଭ୍ରାନ୍ତି', 'କାଳୀ ବୋହୂ', 'ପରଶମଣି' ଓ 'ନଅତୁଣ୍ଡୀ' ନାମକ ଉପନ୍ୟାସ ରଚନାଦ୍ୱାରା ତାହାଙ୍କର ଆସନ ପ୍ରତିଷ୍ଠିତ ହୋଇଥିଲା । ଏହି ସମସ୍ତ ପୁସ୍ତକ ତାଙ୍କ ନିଜ "ଭାରତୀ ତପୋବନ ସଙ୍ଘ" ନାମକ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ହୋଇଥିଲା ।

ଚାକିରି ଛାଡ଼ି ସେ କଟକରୁ ଦିଲ୍ଲୀ ଯାତ୍ରା କଲେ ଏବଂ ସେଠାରେ ସ୍ୱାଧୀନ ଭାବରେ ଡାକ୍ତରୀ ବ୍ୟବସାୟ ଚଳାଇଥିଲେ । ଦିଲ୍ଲୀଠାରେ ଖ୍ରୀଷ୍ଟଧର୍ମ ତ୍ୟାଗ କରି ସେ ଆର୍ଯ୍ୟଧର୍ମ ଗ୍ରହଣ କଲେ ଏବଂ ପୂର୍ଣ୍ଣରୂପେ ହିନ୍ଦୁସମାଜର ଅନ୍ତର୍ଭୁକ୍ତ ହୋଇଥିଲେ । ଆର୍ଯ୍ୟ

Digitized by srujanika@gmail.com

ସମାଜର ପ୍ରଚାରକ କଟକ ଜିଲ୍ଲାବାସୀ ପରଲୋକଗତ କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କ ସହିତ ଦିଲ୍ଲୀଠାରେ କୁନ୍ତଳାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ଧର୍ମାନ୍ତର ଗ୍ରହଣ କରି ସେ ହିନ୍ଦୁ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବା ସଙ୍ଗେ ସଙ୍ଗେ ସାହିତ୍ୟରେ ମଧ୍ଯ ସେହିମାନଙ୍କ ଉଦ୍ଦେଶ୍ୟରେ ସରସ ସୁନ୍ଦର ରଚନା ପରିବେଷଣ କଲେ । ଦିଲ୍ଲୀ ଅବସ୍ଥାନ କାଳରେ ସେ 'ରଘୁ ଅରକ୍ଷିତ' ନାମକ ଖଣ୍ଡିଏ ସୁବୃହତ୍ ଉପନ୍ୟାସ ଓ 'ପ୍ରେମଚିନ୍ତାମଣି' ନାମରେ ରାଧାକୃଷ୍ଣ ବିଷୟକ ପ୍ରସିଦ୍ଧ ଗୀତ-କାବ୍ୟ ରଚନା କରିଥିଲେ ।

ଅଳ୍ପ କାଳମଧ୍ୟରେ ଦିଲ୍ଲୀରେ ଜଣେ କୃତବିଦ୍ୟ ନାରୀ-ଚିକିତ୍ସକରୂପେ ସେ ତତ୍ରତ୍ୟ ସମାଜରେ ସୁପରିଚିତା ହେଲେ । ସେଥି ସଙ୍ଗେ ସଙ୍ଗେ ତାଙ୍କ ସାହିତ୍ୟକ ପ୍ରତିଭାର ଦୀପ୍ତି ବିକୀର୍ଣ୍ଣ ହୋଇପଡ଼ିବାକୁ ବେଶି ସମୟ ଲାଗିଲା ନାହିଁ । 'ପ୍ରେମଚିନ୍ତାମଣି'ରେ ସେ ଯଥାର୍ଥରେ ଲେଖିଛନ୍ତି—

"ଯେ ନିଆଁ ଜାଳିଲ ହିଆରେ
ସହସ୍ର ସାଗର ମୋର ଅଜାଡ଼ିଲେ
ନ ଲିଭି ବଢ଼ିବ କାୟାରେ ।"

କୁନ୍ତଳାକୁମାରୀ ଅଳ୍ପ ସମୟମଧ୍ୟରେ ହିନ୍ଦୀ ଭାଷା ଶିକ୍ଷା କରି ଅଚିରକାଳରେ ତାହାକୁ ଆୟତ୍ତ କଲେ ଏବଂ ହିନ୍ଦୀ ପତ୍ରପତ୍ରିକାରେ ନିୟମିତରୂପେ କବିତା ଓ ପ୍ରବନ୍ଧମାନ ପ୍ରକାଶ କରିବାକୁ ଲାଗିଲେ । ସ୍ୱଳ୍ପ ଦିନରେ ହିନ୍ଦୀ ପାଠକମହଲରୁ ପ୍ରଶଂସାର ତୋଡ଼ ବୋହି ଆସିଲା । ତାଙ୍କର ହିନ୍ଦୀ କାବ୍ୟଗ୍ରନ୍ଥ 'ବରମାଳା' ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ସେ ବିପୁଳ ଖ୍ୟାତି ଅର୍ଜନ କଲେ । ହିନ୍ଦୀ ଭାଷାରେ ପ୍ରକାଶିତ

Digitized by srujanika@gmail.com

'ମହାବୀର', 'ଜୀବନ', 'ନାରୀ' ଓ 'ଭାରତୀ' ନାମକ ପତ୍ରିକାଗୁଡ଼ିକର ସମ୍ପାଦିକାରୂପେ ମଧ୍ୟ ସେ ନିପୁଣତା ସହକାରେ କାର୍ଯ୍ୟ କରିଥିଲେ ।

କୁନ୍ତଳାଙ୍କର ସମ୍ମାନ ଦେଶବ୍ୟାପୀ ବୃଦ୍ଧି ଲାଭ କଲା । ଭାରତର ବିଭିନ୍ନ ଅନୁଷ୍ଠାନରୁ ତାଙ୍କ ପାଖକୁ ନିମନ୍ତ୍ରଣ ଆସିଲା । ବୃନ୍ଦାବନର ଗୁରୁକୁଳ ବିଶ୍ୱବିଦ୍ୟାଳୟକୁ ନିମନ୍ତ୍ରିତ ହୋଇ ସେଠାରେ ସେ ଉପାଧି ବିତରଣ କରିଥିଲେ । ୧୯୩୦ ଖ୍ରୀଷ୍ଟାବ୍ଦର ନିଖିଳ ଭାରତ ଆର୍ଯ୍ୟ ଯୁବକସଂଘର ସେ ସଭାନେତ୍ରୀ ହୋଇଥିଲେ; ପୁଣି ଅପ୍ରାପ୍ତ ବୟସ୍କା ହିନ୍ଦୁ କନ୍ୟାମାନଙ୍କର ବିବାହ ସମ୍ପର୍କରେ ଯେଉଁ ସାରଦା ଆଇନ ସରକାର ମଞ୍ଜୁର କରିଥିଲେ, ଦିଲ୍ଲୀ ଓ ପଞ୍ଜାବରେ ତାହାକୁ ପ୍ରୟୋଗ କରିବା ଉଦ୍ଦେଶ୍ୟରେ ଗଠିତ କମିଟିର ନେତୃତ୍ୱ ଗ୍ରହଣ କରିଥିଲେ । ୧୯୩୫ ରେ ଆଲିଗଡ଼ ଗ୍ରନ୍ଥାଗାରର ଏବଂ ଝାନ୍‌ସି-ରାଣୀ ଲକ୍ଷ୍ମୀ ବାଈଙ୍କ ବାର୍ଷିକ ଜୟନ୍ତୀରେ ମଧ୍ୟ ସଭାନେତ୍ରୀରୂପେ ତାହାଙ୍କୁ ବରଣ କରାଯାଇଥିଲା । କଲିକତା ପ୍ରବାସୀ ଉତ୍କଳ ସମ୍ମିଳନୀରେ, ପୁଣି ବାଲେଶ୍ୱରରେ ଅନୁଷ୍ଠିତ ନିଖିଳ ଉତ୍କଳ ନାରୀ ସମିତିର ଅଧିବେଶନରେ ସଭାପତିର ଆସନ ଗ୍ରହଣ କରି ସେ ଯେଉଁ ଉଦ୍ଦୀପନାପୂର୍ଣ୍ଣ ଭାଷଣ ଦେଇଥିଲେ, ତାହା ଆଜି ମଧ୍ୟ ଅନେକ ଶ୍ରୋତାଙ୍କର ସ୍ମରଣ ଥିବ ।

ହିନ୍ଦୀ ଓ ଓଡ଼ିଆ ଉଭୟ ଭାଷାରେ ବହୁ ଉପାଦେୟ ରଚନା ପ୍ରକାଶ କରି ତଥା ଶତ ଶତ ସଭାରେ ବକ୍ତୃତା ଦେଇ ଏହି ମହୀୟସୀ ନାରୀ ଜାତୀୟ ସମ୍ମାନକୁ ଦେଶବିଦେଶରେ ପ୍ରତିଷ୍ଠା କରି ଯାଇଛନ୍ତି । କୁନ୍ତଳାକୁମାରୀ ମହାତ୍ମା ଗାନ୍ଧିଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନଦ୍ୱାରା ପ୍ରଭାବିତ ହୋଇ ହିନ୍ଦୀ ଓ ଓଡ଼ିଆରେ ମଧ୍ୟ ଅନେକ ଜାତୀୟ ସଙ୍ଗୀତ ରଚନା କରିଥିଲେ ।

Digitized by srujanika@gmail.com

'ସ୍ଫୁଲିଙ୍ଗ' ନାମକ କବିତା ଗ୍ରନ୍ଥରେ ଏହି ନାରୀକବି ସ୍ୱାଧୀନତାର ଯେଉଁ ଅଗ୍ନିମନ୍ତ୍ର ଉଚ୍ଚାରଣ କରିଥିଲେ, ତାହା ବିଦେଶୀ ସରକାରଙ୍କ ଦୃଷ୍ଟିକୁ ଏଡ଼ିପାରି ନ ଥିଲା । ତେଣୁ 'ସ୍ଫୁଲିଙ୍ଗ' ତତ୍କାଳୀନ ସରକାରଙ୍କ କର୍ତ୍ତୃକ ବାଜ୍ୟାପ୍ତ ହୋଇଥିଲା ।

ଦିଲ୍ଲୀ-ଆଗନ୍ତୁକ ଓଡ଼ିଆମାନଙ୍କପ୍ରତି କୁନ୍ତଳାକୁମାରୀଙ୍କ ଦ୍ୱାର ସବୁବେଳେ ଉନ୍ମୁକ୍ତ ଥିଲା ଏବଂ ତାହାଙ୍କ ଆତିଥ୍ୟରେ ସେମାନେ ଆପ୍ୟାୟିତ ହେଉଥିଲେ । ନିଜର ଉଦାର ଗୁଣ ଓ ମହତ୍ତ୍ୱ ଚରିତ୍ର-ବଳରେ ସେ ସମସ୍ତଙ୍କୁ ମୁଗ୍ଧ କରୁଥିଲେ ।

ବହୁ ଗର୍ଭବତୀ ନାରୀଙ୍କର ପ୍ରସବବେଦନା ଦୂର କରି ଯାହାଙ୍କ ଚିକିତ୍ସାକୌଶଳ ସେମାନଙ୍କୁ ଜୀବନ ଦାନ କରୁଥିଲା, ସେହି କୁନ୍ତଳା ୧୯୩୮ ମସିହାରେ ନିଜେ ଗୋଟିଏ ସନ୍ତାନ ପ୍ରସବ କରି ପ୍ରସୂତି-ବ୍ୟାଧିରେ ଚିରକାଳପାଇଁ ସଂସାରରୁ ବିଦାୟ ନେଲେ । ଦିଲ୍ଲୀରେ ମହାସମାରୋହରେ ତାଙ୍କର ଶବସଂସ୍କାର କରାଯାଇଥିଲା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେଥିରେ ଯୋଗ ଦେଇଥିଲେ । କୁନ୍ତଳାଙ୍କର ନିର୍ମଳ ସାହିତ୍ୟପ୍ରୀତି ଓ ଦେଶସେବା ବହୁ କାଳପର୍ଯ୍ୟନ୍ତ ଜାତିର ଶ୍ରଦ୍ଧାଞ୍ଜଳି ଲାଭ କରୁଥିବ ।

ପ୍ରଶ୍ନ

୧ । ଦିଲ୍ଲୀରେ ଅବସ୍ଥାନକାଳରେ କୁନ୍ତଳାକୁମାରୀ କ କାର୍ଯ୍ୟ ବିଷୟରେ ଖ୍ୟାତି ଅର୍ଜନ କରିଥିଲେ ?

୨ । ପ୍ରତିଭା କହିଲେ ତୁମେ କଅଣ ବୁଝ ? କୁନ୍ତଳାକୁମାରୀଙ୍କ ପ୍ରତିଭାର ପରିଚୟ କିପରି ମିଳେ ?

୩ । "ଯେ ନିଆଁ ଜାଳିଲା·····ବଢ଼ିବ କାହାରେ ।"·
—ଏହି ପଦ୍ୟଟିର ଅର୍ଥ ଲେଖ ।

Digitized by srujanika@gmail.com

୪ । ତତ୍ତ୍ୱାବଧାରକ, ଚିକିତ୍ସାନୈପୁଣ୍ୟ, ବାର୍ଷିକ ଜୟନ୍ତୀ, ଅସାଧାରଣ ପ୍ରତିଭା—ଏହି ପ୍ରୟୋଗଗୁଡ଼ିକୁ ଗୋଟିଏ ଲେଖାଏଁ ବାକ୍ୟରେ ବ୍ୟବହାର କର ।

୫ । ସାହିତ୍ୟାକାଶ, ଦଣ୍ଡକାରଣ୍ୟ, ଶିକ୍ଷାରମ୍ଭ, ପରୀକ୍ଷା, ପ୍ରତ୍ୟେକ, ବିଦ୍ୟାଳୟ, ଏକାଧିକ, ତତ୍ତ୍ୱାବଧାରକ—ଏଗୁଡ଼ିକର ସନ୍ଧିବିଚ୍ଛେଦ କର ।

ଆମର ସଙ୍ଗୀତ ଓ ନୃତ୍ୟକଳା

—ସଙ୍ଗୀତ—

ଅତି ପ୍ରାଚୀନ କାଳରୁ ଆମ ଦେଶରେ ନୃତ୍ୟ ଓ ସଙ୍ଗୀତ-ବିଦ୍ୟା ପ୍ରଚଳିତ ହୋଇ ପୂଜାପର୍ବ ସଙ୍ଗେ ଜଡ଼ିତ ଅଛି । ମହାଦେବ ଶ୍ରେଷ୍ଠ ନର୍ତ୍ତକ ତଥା ଗାୟକ ରୂପେ କଳ୍ପିତ ହୋଇଛନ୍ତି । ସେ ଡମ୍ବରୁ ବାଦନ କରି ତାଣ୍ଡବ ନୃତ୍ୟ କଲାବେଳେ ସଂସାରର ସୃଷ୍ଟି, ସ୍ଥିତି ଓ ସଂହାର ଘଟିଥାଏ ବୋଲି ପୁରାଣମାନଙ୍କରେ ବର୍ଣ୍ଣିତ ଅଛି । ଧ୍ରୁପଦ ରାଗରେ ସେ ସଙ୍ଗୀତ ଆଳାପ କଲାବେଳେ ଜଗତ ସ୍ପନ୍ଦିତ ହୋଇଉଠେ । ମହାଦେବଙ୍କ ସଙ୍ଗୀତର ପ୍ରଭାବ ବିଷୟରେ ଗୋଟିଏ ସୁନ୍ଦର ଗଳ୍ପ ଅଛି ।

ଥରେ ଇନ୍ଦ୍ରଙ୍କ ସଭାରେ ରମ୍ଭା, ମେନକା, ଉର୍ବଶୀ ଆଦି ଅପ୍ସରାମାନେ ନୃତ୍ୟ କରୁଥାନ୍ତି । ଦେବର୍ଷି ନାରଦ ବୀଣା ବାଦନ କରି ଏପରି ସଙ୍ଗୀତ ଗାନ କଲେ ଯେ, ସ୍ୱର୍ଗର ସବୁ ଦେବତା ତାଙ୍କୁ ସାଧୁବାଦ ଦେଇଥିଲେ । ତହିଁରେ ନାରଦଙ୍କ

Digitized by srujanika@gmail.com

ମନରେ ଅତୀବ ଗର୍ବ ଜାତ ହେଲା ଏବଂ ନିଜକୁ ସେ ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ବୋଲି ବିଚାରିଲେ ।

ଦେବସଭାରୁ ଫେରିବା ପଥରେ ନାରଦ କେତେଗୁଡ଼ିଏ ରମଣୀଙ୍କୁ ହସ୍ତପଦହୀନ ହୋଇ ବିଳାପ କରୁଥିବାର ଦେଖିଲେ । ସେ ସେମାନଙ୍କର ପରିଚୟ ପଚାରିବାରୁ ରମଣୀଗଣ କହିଲେ, "ଆମ୍ଭେମାନେ ସଙ୍ଗୀତର ରାଗରାଗିଣୀ । ଆଜି ଦେବସଭାରେ ସଙ୍ଗୀତ-ଅନଭିଜ୍ଞ ନାରଦ ଆମପ୍ରତି ଅତ୍ୟନ୍ତ ଦୁର୍ବ୍ୟବହାର କରିବା ଯୋଗୁଁ ଆମ୍ଭେମାନେ ଏହି ଦଶା ହୋଇଛୁଁ ।"

ଏଥିରେ ନାରଦ ବ୍ୟଥିତ ଓ କ୍ଷୁବ୍ଧ ହୋଇ ପୁଣି ପଚାରିଲେ, "ଆଉ କେହି ବଡ଼ ସଙ୍ଗୀତଜ୍ଞ ଜଗତରେ ଅଛନ୍ତି କି ?"

ରାଗରାଗିଣୀମାନେ ଜଣାଇଲେ, "ତାହା ଅବଶ୍ୟ ବିଶ୍ୱକର୍ତ୍ତା ବିଷ୍ଣୁଙ୍କୁ ଗୋଚର ଥିବ । ତୁମେ ଯାଇ ତାହାଙ୍କୁ ପଚାରିପାର ।"

ବିଷ୍ଣୁ ନାରଦଙ୍କଠାରୁ ସମସ୍ତ ବିବରଣୀ ଶୁଣି କହିଲେ, "ମୁଁ ଜାଣେ, ମହେଶ୍ୱର ସଙ୍ଗୀତବିଦ୍ୟାରେ ଅତ୍ୟନ୍ତ ପାରଦର୍ଶୀ । ଚାଲ, ତାଙ୍କ ଥରେ ପରୀକ୍ଷା କରିବା ।"

ଅନ୍ୟାନ୍ୟ ଦେବତାଙ୍କ ସହିତ ବିଷ୍ଣୁ ନାରଦଙ୍କୁ ଘେନି କୈଳାସ ପର୍ବତରେ ମହାଦେବଙ୍କୁ ଭେଟିଲେ ।

ମହାଦେବ ସେମାନଙ୍କ ଆସିବାର ଉଦ୍ଦେଶ୍ୟ ଜାଣିପାରି ବିଷ୍ଣୁଙ୍କର ସ୍ତବ ଗାନ କରିଥିଲେ । ଆଶ୍ଚର୍ଯ୍ୟ କଥା, ସ୍ତବର ପ୍ରଥମ ଶ୍ଳୋକଟି ବୋଲିପିବାପରେ ବିଷ୍ଣୁଙ୍କ ପାଦଦୁଇଟି ଜଳରେ ପରିଣତ ହେଲା । ଦ୍ୱିତୀୟ ଶ୍ଳୋକଟି ଗାନ କରିବାପରେ କଟିଦେଶପର୍ଯ୍ୟନ୍ତ ବିଗଳିତ ହୋଇଗଲା । ତୃତୀୟ ଶ୍ଳୋକରେ ବକ୍ଷ ଓ ଚତୁର୍ଥ ଶ୍ଳୋକରେ ମସ୍ତକ ସମେତ ବିଷ୍ଣୁଙ୍କର ସମସ୍ତ ଅଙ୍ଗ ଜଳସ୍ରୋତ ଆକାରରେ

Digitized by srujanika@gmail.com

ବୋହିଯିବାର ଉପକ୍ରମ ହେଲା । ତହୁଁ ଦେବତାମାନେ ବିମୂଢ଼ ଓ ଆତଙ୍କିତ ହୋଇପଡ଼ିଲେ । ତତ୍‌କ୍ଷଣାତ୍ ମହାଦେବ ସେହି ସ୍ରୋତକୁ ଟେକିଆଣି ନିଜ ମସ୍ତକରେ ଧାରଣ କଲେ ଏବଂ ଶିବଜଟାରୁ ତାହା ସୁରଧୁନୀରୂପେ ପ୍ରବାହିତ ହେଲା । ମହାଦେବଙ୍କ ସଙ୍ଗୀତର ଏହି ଅଦ୍ଭୁତ ଶକ୍ତି ଦେଖି ନାରଦ ଲଜ୍ଜିତ ହେଲେ ଏବଂ ତାଙ୍କ ପଦତଳେ ପଡ଼ି କ୍ଷମା ଭିକ୍ଷା କଲେ ।

[ଏସ୍‌ରାଜ, ତବଲା ଓ ସେତାର ସାହାଯ୍ୟରେ ସଙ୍ଗୀତାଳାପ]

ଦୀପକ ରାଗ ଆଳାପ କଲେ ଅଗ୍ନି ଜାତ ହୁଏ, ପୁଣି ମେଘମହ୍ଲାର ଗାନ କଲେ ଆକାଶରୁ ଜଳବୃଷ୍ଟି ହୁଏ ବୋଲି ପ୍ରବାଦ ଅଛି । ଭାରତର ମୋଗଲ ବାଦ୍‌ଶା ଆକବରଙ୍କ ରାଜସଭାର ଶ୍ରେଷ୍ଠ ଗାୟକ ତାନ୍‌ସେନ୍‌ଙ୍କର ଏହିପରି କେତେକ ଆଶ୍ଚର୍ଯ୍ୟ କ୍ଷମତା ଥିଲା ବୋଲି ଶୁଣାଯାଏ । ତାହା ଅସମ୍ଭବ ବୋଧ ହେଲେ ସୁଦ୍ଧା ସଙ୍ଗୀତର ମଧୁର ସ୍ଵରଲହରୀରେ ପଶୁପକ୍ଷୀ, ସର୍ପଆଦି ଆକୃଷ୍ଟ ହେବାର ସ୍ପଷ୍ଟ ପ୍ରମାଣମାନ ଅଛି । ଆକବର ଓ ଜାହାଙ୍ଗୀରଙ୍କ ଦରବାରରେ ଓଡ଼ିଆ ସଙ୍ଗୀତଜ୍ଞମାନେ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲେ । ସେମାନଙ୍କ ମଧ୍ୟରୁ ଦାମୋଦର ମିଶ୍ର 'ସଙ୍ଗୀତଦର୍ପଣ' ନାମକ ପ୍ରସିଦ୍ଧ ସଙ୍ଗୀତଗ୍ରନ୍ଥ ରଚନା କରିଥିଲେ ।

Digitized by srujanika@gmail.com

ଭାରତର ଉତ୍ତରାଞ୍ଚଳରେ ହିନ୍ଦୁସ୍ଥାନୀ ଓ ଦକ୍ଷିଣାଞ୍ଚଳରେ କର୍ଣ୍ଣାଟକ ସଙ୍ଗୀତ ପ୍ରଚଳିତ ।

ସଙ୍ଗୀତାଳାପରେ ବହୁବିଧ ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ସେଥିମଧ୍ୟରୁ ବୀଣା, ତବଲା, ପଖାଉଜ, ବଂଶୀ, ଏସ୍ରାଜ, ବେହେଲା, ତାନପୁରା ପ୍ରଭୃତି ପ୍ରଧାନ । ଆଜିକାଲି ହାରମୋନିୟମ, ପିୟାନୋ ଆଦି କେତେକ ବୈଦେଶିକ ଯନ୍ତ୍ର ମଧ୍ୟ ଭାରତୀୟ ସଙ୍ଗୀତାଳାପରେ ବ୍ୟବହାର କରାଯାଏ । ସଙ୍ଗୀତର ସ୍ୱର ମୁଖ୍ୟତଃ ସା, ରି, ଗା, ମା, ପା, ଧା, ନି—ଏହି ସାତଗୋଟି ବର୍ଣ୍ଣରେ ବଦ୍ଧ । ଏହି ସଙ୍କେତଗୁଡ଼ିକ ଯଥାକ୍ରମେ ମୟୂର, ବୃଷଭ, ମୃଗ, କୋକିଳ, କ୍ରୌଞ୍ଚ, ଘୋଟକ ଓ ହସ୍ତୀ ଏହି ପ୍ରାଣୀମାନଙ୍କ ସ୍ୱରରୁ ଗୃହୀତ ହୋଇଅଛି ।

ପ୍ରାଚୀନ ଓଡ଼ିଆ ସାହିତ୍ୟ କେବଳ ଛାନ୍ଦ, ଭଜନ ଓ ସଙ୍ଗୀତ ରୂପରେ ହିଁ ଆବୃତ୍ତି କରାଯାଉଥିଲା । ତେଣୁ ସଙ୍ଗୀତରୁ ସାହିତ୍ୟର ଉତ୍ପତ୍ତି ବୋଲି ପଣ୍ଡିତମାନେ କହନ୍ତି । ଆଦିଗ୍ରନ୍ଥ ବେଦରେ ଋଷିକଣ୍ଠନିଃସୃତ ସ୍ତୋତ୍ରମାନ ନାନା ଛନ୍ଦରେ ନିନାଦିତ ହୋଇ ଲିପିବଦ୍ଧ ରହିଛି ।

ବୈଦେଶିକ ପ୍ରଭାବ ଫଳରେ ଆଧୁନିକ ସଙ୍ଗୀତର ଛନ୍ଦ ବା ଢଙ୍ଗ ନାନା ଆକାର ଧାରଣ କଲାଣି । ଆକାଶବାଣୀ ଓ ଚଳଚ୍ଚିତ୍ର ସାହାଯ୍ୟରେ ଆଜି ବହୁ ଶ୍ରୋତା ପ୍ରାଚୀନ ଓ ଆଧୁନିକ ସଙ୍ଗୀତ ଉପଭୋଗ କରନ୍ତି । ସଙ୍ଗୀତର ସ୍ୱରମୂର୍ଚ୍ଛନା ଯୁଗେ ଯୁଗେ ମାନବ-ହୃଦୟରେ ନବଭାବର ସଞ୍ଚାର କରିଥାଏ ।

—ନୃତ୍ୟ—

ସଙ୍ଗୀତ ଭଳି ନୃତ୍ୟର ମହତ୍ତ୍ୱ ସବୁ ଯୁଗରେ ଓ ସବୁ ସମାଜରେ ପ୍ରତିଷ୍ଠିତ ହୋଇଅଛି । ଓଡ଼ିଶାରେ ପାଲା, ଗୋଟିପୁଅ,

Digitized by srujanika@gmail.com

ଦାସକାଠିଆ, ରାମଲୀଳା, ରାସ, ଛଉନାଚ ପ୍ରଭୃତି ପ୍ରଧାନ । ଏଥିରୁ କେତେକ ନୃତ୍ୟ ମୂଳରେ ଧର୍ମୋପାସନା ନିହିତ ଅଛି ।

ଆମ୍ଭମାନଙ୍କର ଅଧିକାଂଶ ନୃତ୍ୟ ସହିତ ସଙ୍ଗୀତ ଆବୃତ୍ତି କରାଯାଏ । ଛଉନାଚ ଉତ୍କଳୀୟ ନୃତ୍ୟକଳାରେ ଶୀର୍ଷ ସ୍ଥାନ ଅଧିକାର କରିଅଛି; କାରଣ ତହିଁରେ ସଙ୍ଗୀତ ଆବୃତ୍ତି କରା ନ ଯାଇ କେବଳ ନୃତ୍ୟର ସ୍ୱାତନ୍ତ୍ର୍ୟ ରକ୍ଷିତ ହୋଇଅଛି । ଏହି ନୃତ୍ୟରେ ବାଦ୍ୟ ଓ ବଂଶୀର ତାଳେ ତାଳେ ହସ୍ତପଦର ଚାଳନା ଓ ସଙ୍କେତଦ୍ୱାରା [illegible] ସକଳ ଭାବ ପ୍ରକାଶିତ ହୁଏ ।

[ଆଧୁନିକ ନୃତ୍ୟ]

ନୃତ୍ୟକଳାର ସ୍ୱାତନ୍ତ୍ର୍ୟ ରକ୍ଷା କରିଥିବାରୁ ପାଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ଛଉନାଚ ଆଦର ପାଇଅଛି । କେତେକ ବର୍ଷ ପୂର୍ବେ ସରାଇକେଲାର ଛଉନାଚ ଦଳ ୟୁରୋପର ନାନା ଦେଶ ଭ୍ରମଣ କରି ନିଜ କୃତିତ୍ୱ ପ୍ରଦର୍ଶନଦ୍ୱାରା ଖ୍ୟାତି ଅର୍ଜନ କରିଥିଲେ । ଏହି ନୃତ୍ୟରେ ବୀରତ୍ୱ ଓ ଲାଳିତ୍ୟର ସମାବେଶ ଏକାଧାରରେ ଦେଖାଯାଏ । ଅଭିମନ୍ୟୁବଧ ଆଦି ନାନା ପୌରାଣିକ ନୃତ୍ୟ ସଙ୍ଗେ ତାଣ୍ଡବ ନୃତ୍ୟ, ଶିକାର ବା ମୟୂର ନୃତ୍ୟ ଓ ଜୀବଜନ୍ତୁମୂଳକ ନୃତ୍ୟମାନ ମଧ୍ୟ ପ୍ରଦର୍ଶିତ ହୋଇ

Digitized by srujanika@gmail.com

ଦର୍ଶକଗଣଙ୍କୁ ମୁଗ୍ଧ କରେ । କୃଷକ ନୃତ୍ୟରେ ଭୂମିକର୍ଷଣଠାରୁ ଆରମ୍ଭ କରି ଶସ୍ୟଚ୍ଛେଦନ ଆଦି ସକଳ କର୍ମ ପ୍ରଦର୍ଶିତ ହୁଏ ।

ଛଉନାଚରେ ପୁରୁଷ ନର୍ତ୍ତକ ହିଁ ସ୍ତ୍ରୀବେଶରେ ଅଭିନୟ କରନ୍ତି; ଅଥଚ ବିଖ୍ୟାତ ମଣିପୁରୀ ନୃତ୍ୟ କେବଳ ନାରୀ ନର୍ତ୍ତକୀମାନଙ୍କଦ୍ୱାରା ଅନୁଷ୍ଠିତ ହୁଏ । ଆସାମ ଅଞ୍ଚଳରେ ଅବସ୍ଥିତ ପ୍ରାଚୀନ ମଣିପୁର ରାଜ୍ୟର ଗୋଟିଏ ନର୍ତ୍ତକୀ ଦଳ ମଧ୍ୟ ୟୁରୋପ ଭ୍ରମଣ କରି କୃତିତ୍ୱ ସହିତ ନୃତ୍ୟ ପ୍ରଦର୍ଶନ କରିଥିଲେ ।

ଦକ୍ଷିଣାତ୍ୟର କଥାକାଲୀ ନୃତ୍ୟ ମଧ୍ୟ ବିଶେଷ ଖ୍ୟାତି ଅର୍ଜନ କରିଛି । 'ଭରତ ନାଟ୍ୟମ୍'ମଣ୍ଡଳୀର ନୃତ୍ୟରେ ହସ୍ତ ଓ ଅଙ୍ଗୁଳିର ଚାଳନାଦ୍ୱାରା ଯେଉଁ ମଧୁର ଛନ୍ଦଲହରୀ ପ୍ରକାଶିତ ହୁଏ, ତାହା-ଫଳରେ ପ୍ରତି ଅକ୍ଷରର ଅର୍ଥ ମଧ୍ୟ ପ୍ରକାଶ ପାଇଥାଏ । ଏହିରୂପ ହସ୍ତଚାଳନାକୁ ମୁଦ୍ରା ବୋଲିଯାଏ । ମୁଦ୍ରାଗୁଡ଼ିକର ସଂଖ୍ୟା ବାସ୍ତରି ବୋଲି ଜଣାଯାଇଛି ।

ମୁଖର ନଅ ପ୍ରକାର ଅଭିବ୍ୟକ୍ତିଦ୍ୱାରା ମଧ୍ୟ ଦୁଃଖ, ସୁଖ, କ୍ରୋଧ, ଭୟ, ଘୃଣା, ଦୟା, ସ୍ନେହ, ପ୍ରେମ ଆଦି ମନୁଷ୍ୟପ୍ରକୃତିର ସକଳ ଭାବ ପ୍ରକାଶିତ ହୁଏ । ଗୋଟିଏ ଚକ୍ଷୁରେ ହାସ୍ୟ ଓ ଅପର ଚକ୍ଷୁରେ ଲୋତକ ପ୍ରଦର୍ଶନ କରି ଭାରତର ନର୍ତ୍ତକ ସ୍ୱଦେଶୀ ତଥା ବିଦେଶୀ ଦର୍ଶକମାନଙ୍କୁ ଭାବବିହ୍ୱଳ କରିପାରନ୍ତି ।

ଆଧୁନିକ ଭାରତର ନର୍ତ୍ତକମାନଙ୍କମଧ୍ୟରେ ଉଦୟଶଙ୍କର ସୁପରିଚିତ । ସେ କେବଳ ଧର୍ମ ଓ ପ୍ରାଚୀନ ରୀତିଭିତରେ ନିଜ ନୃତ୍ୟକୁ ଆବଦ୍ଧ ରଖି ନାହାନ୍ତି, ଭାରତୀୟ ନୃତ୍ୟର ଅଙ୍ଗଭଙ୍ଗୀ ମଧ୍ୟରେ ଗମ୍ଭୀର ଭାବ ପ୍ରକାଶ କରିବା ତାହାଙ୍କ ନୃତ୍ୟର ବିଶେଷତ୍ୱ । ନୃତ୍ୟ କଲାବେଳେ ତାଙ୍କର ପ୍ରତ୍ୟେକ ଅଙ୍ଗୁଳି,

Digitized by srujanika@gmail.com

ଚକ୍ଷୁର ଭାବ ଓ ପ୍ରତ୍ତି ଶିର ପ୍ରଶିର ତାଳେ ତାଳେ ନାଚଉଠେ । ଦର୍ଶକର ମନେ ହୁଏ, ଯେପରି ତାଙ୍କର ସର୍ବାଙ୍ଗ ସଙ୍ଗୀତମୟ ହୋଇପଡ଼ନ୍ତି ।

ଉଦୟଶଙ୍କରଙ୍କ ନୃତ୍ୟଦଳରେ ଜନନ୍ତ ନାରୀ ଓ ପୁରୁଷ ଯେ ଯାହାର ଅଭିନୟ କରନ୍ତି । ଏହି ଦଳ ୟୁରୋପ ଓ ଆମେରିକା ଭ୍ରମଣ କରି ସବୁଠି ଅଜସ୍ର ପ୍ରଶଂସା ଲାଭ କରିଅଛନ୍ତି ।

ପ୍ରଶ୍ନ

୧ । ଗଙ୍ଗାନଦୀର ଉତ୍ପତ୍ତି ସମ୍ବନ୍ଧରେ ବର୍ଣ୍ଣିତ କମ୍ବଦନ୍ତୀଟିକୁ ନିଜ ଭାଷାରେ ଲେଖ ।

୨ । ଭାରତରେ ପ୍ରଧାନତଃ କେତେ ପ୍ରକାର ସଙ୍ଗୀତ ଓ ନୃତ୍ୟ ପ୍ରଚଳିତ ଥିବା କଥା ଏ ପାଠରୁ ଜାଣିଲ ? ସେଗୁଡ଼ିକର ନାମ ଉଲ୍ଲେଖ କର ।

୩ । ଛଉନାଚ କାହିଁକି ପ୍ରସିଦ୍ଧ ?

୪ । "ମନଫୁଲଣା ଗୀତଗାଏ"—ଏ ପ୍ରବାଦଟିର ତାତ୍ପର୍ଯ୍ୟ ଲେଖ ।

୫ । ସମ୍+ଗୀତ, ଗୈ+ଅକ, ଦେବ+ଋଷି, ଅନ୍ତ+ଭବ, ଦୁଃ+ବ୍ୟବହାର, ପରି+ଅନ୍ତ, ସମ୍+ଭବ, ଉତ୍ତର+ଅଞ୍ଚଳ, ଉତ୍+ପତ୍ତି, ଚଳତ୍+ଶକ୍ତି—ଏ ପଦଗୁଡ଼ିକର ସନ୍ଧି କର ।

ଦିଲ୍ଲୀ ବହୁତ ଦୂର

(ଆଧୁନିକ ବୃତ୍ତ)

ନୂତନ ଦିଲ୍ଲୀ ନିର୍ମିବା ଲାଗି
ମହାପରତାପୀ ଗିଆସୁଦ୍ଦିନ
କରନ୍ତି ଆଦେଶ ଦାନ
ତୋଗଲକ ସୁଲତାନ ।

Digitized by srujanika@gmail.com

ବହାରକାଳରେ ଦୈନିକ ଯାର   ମୁଖୁଁ ନ ବାହାରୁଁ କଥା
ଆଖିପଲକରେ ଲୋଟିପଡ଼େ ଧୂଳି-   ପରେ ଆଠ ଦଶ ମଥା,
ଖେଳପାଇଁ ଯେଝୁ କନ୍ଦାଏ ନିତି   ଆଠ ଦଶ ପରିବାର,
ନଗର ଛୋଡ଼ିବା ଆଦେଶ ନ ମାନେ ମିସ୍ତ୍ରୀ ମୂଲିଆ ଘର !
ଦୁନିଆଜଗତରେ କେବା ଅଦ୍ଭୁତ,   ଆଉ କେଉଁ କଥା ଶୁଣ ?
ନ ମିଳେ ମିସ୍ତ୍ରୀ ପାଇଲେ ମଜୁରି   ବେଶି ତିନି ଗୁଣ ଗୁଣ !
ଧର୍ମଘଟ କି ହରତାଳ ବୋଲି   ଶବ୍ଦ ଦୁଇଟି କାହିଁ
ଭାଷାର ବିଶାଳ ଅମରକୋଷରେ   ଯେବେ ଲେଖା ଥିଲା ନାହିଁ

ଲେଖା ଥିଲା ନାହିଁ ଜାଣ,

ଅର୍ଥ ନୋହିବ କଥା ପୁଣି ତାର,   ଦିଲ୍ଲୀର ସୁଲତାନ !

ଦିଲ୍ଲୀ ନଗରେ ଜନମିଲା ଶୁଣି   ଡଗରର ପରଗୁରେ,
"ସମ୍ରାଟ-ବାଣୀ ଲଙ୍ଘନ କଲେ   ମିସ୍ତ୍ରୀ ମୂଲିଆ ଘର ।
ସବୁରି ମଥାର ମାଲିକ ହୁକୁମ   ପଡ଼ିଅଛି ଯେଣୁ ତଳେ,
ଜାଣିରଖ ଏବେ କେତେ ମସ୍ତକ   ପଡ଼ିବ ଯମୁନାଜଳେ ।"
କର ଯୋଡ଼ି କେତେ କିଙ୍କର ଜନ   ଜଣାଇଲା ବହୁ ଭୟ,
"ନଗରପ୍ରାନ୍ତେ ସନ୍ନ୍ୟାସୀ ଜଣେ   ଖୋଳାଉଛି ଜଳାଶୟ;
ବିନା ମଜୁରିରେ ବେଠି ଖଟିବାକୁ   ମିସ୍ତ୍ରୀ ମୂଲିଆ ସବୁ
ଫକୀର ଆଦେଶେ ଠୁଳ ସେହିଠାରେ, ଶୁଣିବା ହେଉ ହେ ପ୍ରଭୁ !

ନାଜମୁଦ୍ଦିନ ନାମ,

ପଥର ଫକୀର, ନାହିଁ ମାନେ କଷ୍ଟେ, ନାହିଁ ତାର ଘରଗ୍ରାମ ।

ମୁଖେ ସଦା ହସ, ସବୁଥିରେ ତୋଷ, ଦୋଷ ବୋଲି ତାର ଯଥା-
ଦୁନିଆଜଗତରେ ନ ମାନି କାହାକୁ   କହୁଥାଏ ସତ କଥା ।

Digitized by srujanika@gmail.com

କହୁଥାଏ ଆଗ ମଣିଷର ଶୋଷ   କରିବାକୁ ହେବ ଦୂର,
ତାହା ପଛେ ଯାଇ ଯେତେ ଯହିଁ ପାର   ଗଡ଼ ରାଜରାଣୀପୁର ।"
ଭକତର ବୁଦ୍ଧି ! ପଥର ଫକୀର   ଆଜ କି ବଗୁରପାରେ ?
ଉଠିଲା ହାସ୍ୟ ପାରିଷଦ ମେଳେ   ଦିଲ୍ଲୀର ଦରବାରେ ।
ଶିଷ୍ୟସକଳ ଫକୀର ପାଖରେ   କଲେ ଆସି ନିବେଦନ,
"ମହାପ୍ରଚଣ୍ଡ ଗିଆସୁଦ୍ଦିନ,   କର ତୁମେ ପଳାୟନ ।"
ମୃଦୁ ହସି ସୁମଧୁର,
ଭଣଇ ଫକୀର, "ନ ହୁଅ କାତର,   ଦିଲ୍ଲୀ ବହୁତ ଦୂର !"

ବଙ୍ଗ ନବାବ କଲେ ବିପ୍ଳବ,   ଆସିଲା ତାକର ବନ୍ଧୁ,
ଗିଆସୁଦ୍ଦିନ ଚଳାଇଲା ସୈନ୍ୟ   ଦେଲେ ଅଭିଯାନ ଛନ୍ଦି;
କହିଗଲା, "ଫେରିଆସିଲେ ଦେଖିବା   ସନ୍ନ୍ୟାସୀ କରାମତି ।"
ବଙ୍ଗ ଦମନ କରି ବାହୁଡ଼ିଲା   ପୁଣି ରାଜଧାନୀପ୍ରତି ।
ଉଡ଼େ ବୃହଦେ ବିଜୟପତାକା   ଆକାଶରେ ଫରଫର,
ଫେରେ ସେନାଦଳ ହୋଇ ପ୍ରତିଦିନ   ଦିଲ୍ଲୀ ନିକଟତର ।
ଆସେ କରିଯୂଥ, ଅଶ୍ୱାରୋହୀର   କଦମେ ଥରଇ ମହୀ,
ପଦାତିକ ଧାଡ଼ି ମହା ଉଲ୍ଲାସେ   ପ୍ରତିଦିନ ଲେଉଟଇ ।
ପ୍ରତିଦିନ ଆସେ ଫକୀର ଜୀବନ   ପାଶକୁ ମରଣ ଘୋଟି,
ସ୍ତବ୍ଧ ସକଳେ, କେଉଁ ନିମେଷରେ   କଣ ହେବ ତାର ଗୋଟି;
ଗଡ଼ା ହେବ ରାଜପୁର;
ନାଜିମୁଦ୍ଦିନ ଫକୀର ଭାଷଇ,   "ଦିଲ୍ଲୀ ବହୁତ ଦୂର ।"

ପ୍ରବେଶିଲେ ଥାଟ ରାଜଧାନୀ ବାଟ   ଉନ୍ମାଦେ ଉଲସାଇ,
ଭୂଷି ବେଶ ନାଦେ ଅବନୀ ପୂରିଲା   ସୁଲତାନ ଜୟ ଗାଇ ।

Digitized by srujanika@gmail.com

ନିର୍ମିତ ହେଲା ଦିଲ୍ଲୀ ସୀମାରେ ମଣ୍ଡପ ସୁବର୍ଣ୍ଣ,
ଅଭିନନ୍ଦନ ଜଣାଇବେ ତହିଁ ପାରିଷଦ, ଜନ, ଥାଟ ।
ନଗରପଥରେ ପ୍ରତିଦ୍ୱାରର ସ୍ତମ୍ଭ ଆସେ ଯେବେ ଧୀରେ ଚଳି,
ଚନ୍ଦ୍ରାତପର ଚଉପାଖେ ଜଳେ ସଜ୍ଜିତ ଦୀପାବଳୀ ।
ଦେଖାଇବାପାଇଁ ସମ୍ମାନ ତହିଁ ଜମା ହେଲେ ବହୁ ଲୋକ,
ଯାଉଛନ୍ତି ଆଣିବେ ଜ୍ୟେଷ୍ଠ ଦାମ୍ବାଦ ମହମ୍ମଦ ତୋଗଲକ ।
ଆଣିବେ ଯାଉଛନ୍ତି ଦିଲ୍ଲୀଶ୍ୱରଙ୍କୁ ସେଠାରୁ ଅନ୍ତଃପୁର,
ନଗରପ୍ରାନ୍ତେ ସନ୍ନ୍ୟାସୀ ଭଣେ, "ଦିଲ୍ଲୀ ବହୁତ ଦୂର ।"
ମଞ୍ଚ ଉପର ସିଂହାସନରେ ଗିଆସୁଦ୍ଦିନ ବସି
ନିଜ କନିଷ୍ଠ ପୁତ୍ରଙ୍କୁ ଡାକି ବସାଇଲ ପାଖେ ହସି ।
ଜ୍ୟେଷ୍ଠ ଦାମ୍ବାଦ ମହମ୍ମଦ ତୁଳ୍ଲି ଈର୍ଷାରେ ଜଳିଲେ ଦେଖି,
ଘୋର ଲଜ୍ଜାରେ ଆନତ ବଦନି, ନାହିଁ ପାରେ ମଥା ଟେକି ।
ମନ୍ତ୍ରର ପଦେ କ ଷଡ଼ଯନ୍ତ୍ରେ ମନେ ଜଣାଏ ଅଭ୍ୟର୍ଥନା,
"କରିଯୂଥ ଆଗ ନୁଆଁଇବେ ଶିର" ଆଦେଶିଲେ ଜାହାଁପନା ।
କରିଶୁଣ୍ଡରେ କଡ଼ମଡ଼ ନାଦେ ସ୍ତମ୍ଭକ ପଡ଼ନ୍ତେ ଭାଜି,
ପଡ଼ିଲା ମଞ୍ଚ ଗୃହୁଁ ଗୃହୁଁ ଖସି, ଚଞ୍ଚଳ ଗଜ ବାଜୀ ।
ଗୃହୁଁ ଗୃହୁଁ ଶତ ସମବେତ ଜନ ସମାଧି ହେଲେ ତହିଁ,
ଘୋର ଅନ୍ଧାରେ ମଣ୍ଡପ ସହିତେ ଗଲା କ ପାତାଳେ ନଇଁ !,
ନିମିଷେ ସକଳ ଚୂର,
ଧୀରେ ହସି ଭଣେ ଫକୀର, "ବନ୍ଧୁ ! ଦିଲ୍ଲୀ ବହୁତ ଦୂର !"

ପରଦିନ ପ୍ରାତେ ଦେଖାଗଲା ତହିଁ ଭାରତର ସୁଲତାନ
ମଣ୍ଡପତଳେ ରଚିଲେ ନିରବେ ଆପଣା କବର ସ୍ଥାନ ।
କବର ହେଲା ସକଳ ଗର୍ବ, ଲଭିଗଲା ସବୁ ତେଜ,
ସକଳ ଈର୍ଷା, ଶଙ୍କା, ଦମ୍ଭ ପାଇଲା ସେଠାରେ ଶେଯ !

Digitized by srujanika@gmail.com

ଅତି ଉଦ୍ଧତ ଗିଆସୁଦ୍ଦିନ   ଅତି ନବୋଧ, ନିଷ୍ଠୁର,
ଗମ୍ଭୀର ହୋଇ ଫକୀର କହଇ,   "ଦିଲ୍ଲୀ ବହୁତ ଦୂର !"

ମହାଭାରତର ଯୁଗରୁ ଏଠାରେ   ଦେଖ ଯେବେ ଖୋଜି ଖୋଜି
'ଇନ୍ଦ୍ରପ୍ରସ୍ଥ' ସାଜାହାନବାଦ   କେତେ ଯେ ଗଲଣି ହଜି ।
ମଣିଷର ଦିଲ୍ ପାଇ ନାହିଁ ଯେହୁ   ଦୁନିଆ ପଛେ ସେ ଘୂରେ,
ଆଉ ଯାହା ଲଭୁ, ଦିଲ୍ଲୀ ତା'ଠାରୁ   ରହିଯାଏ ଦୂରେ ଦୂରେ !

ପ୍ରଶ୍ନ

୧ । ଗିଆସୁଦ୍ଦିନ ଓ ନାଜିମୁଦ୍ଦିନ ଏ ଉଭୟଙ୍କ ଚରିତ୍ରର ତୁଳନା କର ।

୨ । ନାଜିମୁଦ୍ଦିନଙ୍କ ଉପରେ ଗିଆସୁଦ୍ଦିନ ରୁଷ୍ଟ ହେଲେ କାହିଁକି ?

୩ । ଯେଉଁ ଘଟଣାରେ "ଦିଲ୍ଲୀ ବହୁତ ଦୂର" କଥାଟି ସାର୍ଥକ ହୋଇଥିଲା, ତାହା ବର୍ଣ୍ଣନା କର ।

୪ । (କ) "ମଣିଷର ଦିଲ୍......ରହିଯାଏ ଦୂରେ ଦୂରେ !"
(ଖ) "ଭିକାରି ବୁଦ୍ଧି !......ଦିଲ୍ଲୀର ଦରବାରେ !"
—ଏ ଦୁଇ ପଦର ଭାବାର୍ଥ ବୁଝାଇ ଲେଖ ।

୫ । ମଥାର ମାଳିକ, ପଥର ଫକୀର, ମାଡ଼ଣ କଣେ, ମଣିଷର ଶୋଷ, ଭିକାରି ବୁଦ୍ଧି, ଜ୍ୟେଷ୍ଠ ଦାୟାଦ, ଜାହାଁପନା, କବର ସ୍ଥାନ, ମଣିଷର ଦିଲ୍—ଏ ପ୍ରୟୋଗଗୁଡ଼ିକର ସରଳାର୍ଥ ଲେଖ ।

Digitized by srujanika@gmail.com

ଭେନିସ୍ ସହରର ସୌଦାଗର

ଅତି ଉନ୍ନତ ଇଂରାଜୀ ସାହିତ୍ୟର ସର୍ବଶ୍ରେଷ୍ଠ କବି ଓ ନାଟ୍ୟକାର ସେକ୍‌ସ୍‌ପିୟରଙ୍କ ଲିଖିତ ନାଟକଗୁଡ଼ିକ ପୃଥିବୀବିଖ୍ୟାତ । ସେଥି-ମଧ୍ୟରୁ "ଭେନିସ୍ ସହରର ସୌଦାଗର" * ନାଟକଟି ଅନ୍ୟତମ ।

[ସେକ୍‌ସ୍‌ପିୟର]

ବହୁ କାଳ ପୂର୍ବେ ଭେନିସ୍ ସହରରେ ଏଣ୍ଟୋନିଓ ନାମରେ ଜଣେ ମହାନ୍ ଓ ଉଦାର ବ୍ୟକ୍ତି ବାସ କରୁଥିଲେ । ସେ ଯେପରି ଧନଶାଳୀ, ସେହିପରି ଦୟାବନ୍ତ ଓ ଦାନଶୀଳ ବୋଲି ଖ୍ୟାତି ଲାଭ କରିଥିଲେ । ଏଣ୍ଟୋନିଓ ବିଭବଶାଳୀ ହେଲେହେଁ ତାହାଙ୍କର ଶ୍ରେଷ୍ଠ ବନ୍ଧୁ ବେସାନିଓ ଅତ୍ୟନ୍ତ ଦରିଦ୍ର ଥିଲେ । ଧନହୀନ ଜୀବନରେ ତାଙ୍କର ଧନ ଥିଲା କେବଳ ଚରିତ୍ର ଓ ସାଧୁତା ।

ପୋର୍ସିଆ ନାମକ ଜଣେ ସମ୍ଭ୍ରାନ୍ତବଂଶୀୟା ପରମରୂପବତୀ ଧନିକକନ୍ୟା ସଙ୍ଗେ ବେସାନିଓଙ୍କର ବିବାହ ପ୍ରସ୍ତାବ ଥାଏ । ମାତ୍ର ଅର୍ଥାଭାବ ଯୋଗୁଁ ପୋର୍ସିଆଙ୍କୁ ଉପଢୌକନ ସହ ସାକ୍ଷାତ୍

---

* ମର୍ଚ୍ଚେଣ୍ଟ ଅଫ୍ ଭେନିସ୍ (Merchant of Venice)

Digitized by srujanika@gmail.com

କରିବା ବେସାନିଓଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ତେଣୁ ସେ ପ୍ରିୟତମ ବନ୍ଧୁ ଏଣ୍ଟୋନିଓଙ୍କୁ ନିଜ ଅବସ୍ଥା ଜଣାଇଲେ ।

ସେତେବେଳେ ଏଣ୍ଟୋନିଓଙ୍କ ଜାହାଜଗୁଡ଼ିକ ବାଣିଜ୍ୟ ଉଦ୍ଦେଶ୍ୟରେ ବିଦେଶକୁ ଯାଇଥାଏ । ନିଜ ହାତରେ ପ୍ରୟୋଜନୀୟ ଅର୍ଥ ନ ଥିବାରୁ ଏଣ୍ଟୋନିଓ ଜଣେ ନିଷ୍ଠୁରପ୍ରକୃତିକ ଲୋଭୀ ମହାଜନର ଦ୍ୱାରସ୍ଥ ହେଲେ । ଏହି ମହାଜନର ନାମ ଶାଇଲକ୍ । ବହୁକାଳରୁ ଶାଇଲକ୍‌ର ଏଣ୍ଟୋନିଓଙ୍କପ୍ରତି ଘୃଣା ଓ ବିଦ୍ୱେଷ ଭାବ ରହିଥାଏ; କାରଣ ଏଣ୍ଟୋନିଓ ଆଦୌ କଳନ୍ତର ନ ନେଇ ଅଭାବଗ୍ରସ୍ତ ଲୋକମାନଙ୍କୁ ଋଣ ଦାନ କରୁଥାନ୍ତି । ଅର୍ଥଲୋଭୀ ଶାଇଲକ୍‌ର ବ୍ୟବସାୟରେ ଏହା ଘୋର ବାଧା ଘଟାଉଥାଏ । ତେଣୁ ସେ ଏଣ୍ଟୋନିଓଙ୍କୁ ନିଜ ଦ୍ୱାରରେ ଦେଖି ପ୍ରତିଶୋଧ ନେବାକୁ ତାହା ଏକ ସୁବର୍ଣ୍ଣସୁଯୋଗ ବୋଲି ଜ୍ଞାନ କଲା । ଶାଇଲକ୍ ବିଚାରିଲା, ଯଦି ଦୈବାତ୍ ଏଣ୍ଟୋନିଓଙ୍କ ବାଣିଜ୍ୟତରୀଗୁଡ଼ିକ ଜଳମଗ୍ନ କିମ୍ବା ଦସ୍ୟୁଦ୍ୱାରା ଆକ୍ରାନ୍ତ ହୁଏ, ତେବେ ଋଣ ପରିଶୋଧ କରିବା ତାଙ୍କ ପକ୍ଷରେ ଅସମ୍ଭବ ହେବ । ସେ ଏହି ଦୁରଭିସନ୍ଧି ରଖି କଥାରେ ଗୁରୁତ୍ୱ ନ ଦେଲାଭଳି ଏଣ୍ଟୋନିଓଙ୍କୁ କହିଲା, "ମୁଁ ଋଣ ଦେଇ ବେଶି ସୁଧ ନିଏଁ ବୋଲି ତୁମେ ସର୍ବଦା ମତେ ଘୃଣା କର । ମୁଁ ମଧ୍ୟ ତୁମଠି ପରି ଏହି ଋଣ ଦେଇ ସୁଧ ନେବାକୁ ଲୋଡ଼େ ନାହିଁ । କିନ୍ତୁ ନାମମାତ୍ର ଏତିକି ସର୍ତ୍ତ ରହୁ ଯେ, ତୁମେ ନିର୍ଦ୍ଦିଷ୍ଟ ଅବସରରେ ଋଣ ପରିଶୋଧ ନ କଲେ ତୁମ ଦେହର ଯେକୌଣସି ଅଙ୍ଗରୁ ମୁଁ ଅର୍ଦ୍ଧସେର ମାଂସ କାଟି ନେବ ।"

ନିର୍ଦ୍ଦିଷ୍ଟ କାଳମଧ୍ୟରେ ଜାହାଜଗୁଡ଼ିକ ଫେରି ଆସିବ ବୋଲି ନିଶ୍ଚିତ ଥିବାରୁ ଏଣ୍ଟୋନିଓ ମଧ୍ୟ ଏହି ବିଚିତ୍ର ସର୍ତ୍ତ

Digitized by srujanika@gmail.com

ଉପରେ କୌଣସି ଗୁରୁତ୍ୱ ନ ଦେଇ ସେଥିରେ ଆବଦ୍ଧ ହେଲେ ଓ ଋଣ ଗ୍ରହଣ କଲେ ।

ଏଣ୍ଟୋନିଓଙ୍କ ସାହାଯ୍ୟରେ ଧନ ଲାଭ କରି ଦରିଦ୍ର ବେସାନିଓ ଯଥାଯୋଗ୍ୟ ଉପଢୌକନ ସହ ପୋର୍ସିଆଙ୍କୁ ଭେଟିଥିଲେ । ଧୂର୍ବେ ଆମ୍ଭମାନଙ୍କ ଦେଶରେ ସମ୍ଭ୍ରାନ୍ତବଂଶୀୟା କନ୍ୟାମାନଙ୍କର ସ୍ୱୟମ୍ବର ପଣ ଭଳି ପୋର୍ସିଆଙ୍କ ବିବାହ ଉପଲକ୍ଷେ ତାହାଙ୍କ ପରଲୋକଗତ ପିତା କେତେକ ପଣ ସ୍ଥିର କରିଥିଲେ ଏବଂ ବେସାନିଓ ସେହି ପଣଗୁଡ଼ିକୁ ପୂରଣ କରିବାପାଇଁ ସମର୍ଥ ହୋଇଥିଲେ । ତେଣୁ ବହୁ ଆଡ଼ମ୍ବରସହକାରେ ଉଭୟଙ୍କ ମଧ୍ୟରେ ବିବାହବନ୍ଧ ସମ୍ପନ୍ନ ହେଲା ।

ବୀରକନ୍ୟା ଓ ବନ୍ଧୁଗଣ ବିବାହ ଉତ୍ସବରେ ନିମଜ୍ଜିତ ଥିବା ଅବସ୍ଥାରେ ହଠାତ୍ ଏକ ଘୋର ଦୁଃସମ୍ବାଦ ମିଳିଲା । ବେସାନିଓଙ୍କର ପରମଉପକାରୀ ଅନ୍ତରଙ୍ଗ ବନ୍ଧୁ ଏଣ୍ଟୋନିଓଙ୍କ ପତ୍ରରୁ ଜଣାଗଲା ଯେ, ତାହାଙ୍କର ବାଣିଜ୍ୟପୋତଗୁଡ଼ିକ ଜଳମଗ୍ନ ହୋଇଥିବାରୁ ସେ ଶାଇଲକ୍‌ର ଋଣ ପରିଶୋଧ କରିବା ନିମିତ୍ତ ଅସମର୍ଥ ହୋଇ ପଡ଼ିଛନ୍ତି । ତେଣୁ ପୂର୍ବ ଚୁକ୍ତି ଅନୁଯାୟୀ ଶାଇଲକ୍ ତାଙ୍କ ଦେହରୁ ଅଧସେର ମାଂସ ଦାବି କରୁଅଛି । ସେ ମରିବାକୁ ପ୍ରସ୍ତୁତ, ମାତ୍ର ଶେଷ ସମୟରେ ବନ୍ଧୁ ବେସାନିଓଙ୍କୁ ଦେଖିପାରିଲେ ଆନନ୍ଦରେ ମରନ୍ତେ ।

ବେସାନିଓ ଋଣଗ୍ରହଣକାଳୀନ ଘଟଣା ଓ ଶାଇଲକ୍‌ର ଅଦ୍ଭୁତ ସର୍ତ୍ତ କଥା ପୋର୍ସିଆଙ୍କ ନିକଟରେ ବର୍ଣ୍ଣନା କରି ତତ୍‌କ୍ଷଣାତ୍ ଏଣ୍ଟୋନିଓଙ୍କ ନିକଟକୁ ଯାତ୍ରା କଲେ ।

ପୋର୍ସିଆ ଯେପରି ରୂପବତୀ, ସେହିପରି ଗୁଣବତୀ ଓ ବୁଦ୍ଧିମତୀ ରମଣୀ ଥିଲେ । ବେସାନିଓ ପ୍ରସ୍ଥାନ କରିବାପରେ ସେ

Digitized by srujanika@gmail.com

ଶାଇଲକ୍‌ର ସର୍ତ୍ତ ସମ୍ବନ୍ଧରେ ଆଲୋଚନା କରି ଏକ ଉପାୟ ସ୍ଥିର କଲେ । ସେ ଜଣେ ପ୍ରସିଦ୍ଧ ଆଇନଜ୍ଞଙ୍କଠାରୁ ଓକିଲମାନଙ୍କର

[ଭେନିସ୍‌ର ବିଚାରାଳୟରେ ପୋର୍ସିଆ]

ପୋଷାକପରିଚ୍ଛଦ ସହିତ ଖଣ୍ଡିଏ ପରିଚୟପତ୍ର ସଂଗ୍ରହ କରି ଭେନିସ୍ ଅଭିମୁଖରେ ଗମନ କଲେ । ଏଣେ ପନ୍ଦଟିରେ

Digitized by srujanika@gmail.com

ସେ ରୋମନଗରର ଜଣେ ପ୍ରବୀଣ ଯୁବକ-ଆଇନଜ୍ଞ ବୋଲି ପରିଚିତ ହୋଇଥିଲେ ।

ପୋର୍ସିଆ ଆଇନଜ୍ଞଙ୍କ ଭଳି ଛଦ୍ମବେଶ ଗ୍ରହଣ କରି ଭେନିସ୍‌ର ବିଚାରାଳୟରେ ଉପସ୍ଥିତ ହେଲେ । ସେତେବେଳେ ବିଚାରାଧିପତିଙ୍କ ସମକ୍ଷରେ ଏକ ପକ୍ଷରେ ଶାଇଲକ୍ ଏବଂ ଅପର ପକ୍ଷରେ ଏଣ୍ଟୋନିଓ, ବେସାନିଓ ଓ ବହୁସଂଖ୍ୟକ ଆଗ୍ରହୀ ଦର୍ଶକ ବିଚାର ଦେଖିବାପାଇଁ ରୁଣ୍ଡ ହୋଇଥାନ୍ତି ।

ଛଦ୍ମବେଶିନୀ ପୋର୍ସିଆ ନିଜର ପରିଚୟପତ୍ରଟି ବିଚାରକଙ୍କ ସମକ୍ଷରେ ଉପସ୍ଥାପିତ କରି ଏ ମକଦ୍ଦମାରେ ଓକିଲାତି କରିବାକୁ ଅନୁମତି ପାଇଥିଲେ । ନିଜର ଜେରା ଆରମ୍ଭ କରି ସେ ପ୍ରଥମେ କହିଲେ, "ସର୍ତ୍ତ ଅନୁଯାୟୀ ଶାଇଲକ୍ ଯେଉଁ ଦାବି ଆଗତ କରିଅଛନ୍ତି, ତା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ । ତଥାପି ଏ କ୍ଷେତ୍ରରେ ସେ ଦୟା ପ୍ରଦର୍ଶନ କରି ଏଣ୍ଟୋନିଓଙ୍କୁ ମୁକ୍ତ ଦିଅନ୍ତୁ । ଦୟା ପ୍ରଦର୍ଶନ କରିବା ବ୍ୟକ୍ତି ଓ ଦୟା ଲାଭ କରିବା ବ୍ୟକ୍ତି ଉଭୟଙ୍କର କଲ୍ୟାଣ ହୋଇଥାଏ । ଦୟାଦାକ୍ଷିଣ୍ୟ ସମ୍ରାଟଙ୍କର ସ୍ୱ-ମୁକୁଟ ଅପେକ୍ଷା ମହତ୍ତର ଭୂଷଣ । ସ୍ୱୟଂ ଭଗବାନ୍‌ହିଁ ଦୟାର ଅବତାର । ବ୍ୟକ୍ତି ମାତ୍ରେ ଦୟା ଲାଭ କରିବାକୁ ଯେପରି ଇଚ୍ଛା କରନ୍ତି, ପ୍ରତ୍ୟେକେ ସେହିପରି ଅପରକୁ ଦୟା ପ୍ରଦର୍ଶନ କରିବା ଉଚିତ ।"

କିନ୍ତୁ ଏ ସକଳ ଉପଦେଶପ୍ରତି ଶାଇଲକ୍ କର୍ଣ୍ଣପାତ କଲା ନାହିଁ । ସେ କହିଲା, "ଆଇନତଃ ମୋର ସେରକ ପ୍ରାପ୍ୟ, ମୁଁ କେବଳ ସେରକ ନେଉଁ । ସେହି କଥା ହିଁ ଦଲିଲରେ ଲିଖିତ ଅଛି ।"

ଏ ଉତ୍ତର ଶୁଣି ଓକିଲ ପଚାରିଲେ, "ତୁମେ ଋଣଧନ ବର୍ତ୍ତମାନ ପାଇଲେ ସନ୍ତୁଷ୍ଟ ହେବ କି ?"

Digitized by srujanika@gmail.com

ଶାଇଲକ୍ ଜିଦ୍ ଧରି ବସିଲା, "ନା, ତା ହୋଇପାରିବ ନାହିଁ ।"

ଏହି ସମୟରେ ବେସାନିଓ ଉତ୍କଣ୍ଠିତ ହୋଇ କହିଲେ, "ଋଣର ଦଶ ଗୁଣ ମୁଁ ପରିଶୋଧ କରିବାକୁ ପ୍ରସ୍ତୁତ । ଆସାମୀ ପକ୍ଷରେ ଆଇନର କଠୋରତାକୁ ସାମାନ୍ୟ କୋହଳ କରାଯାଇ ନ ପାରେ କି ?"

ଓକିଲ ଉତ୍ତର କଲେ, "ନା, ତାହା କିପରି ହେବ ? ଏ ଘଟଣାରେ ଆଇନକୁ କୋହଳ କଲେ ଅନ୍ୟମାନେ ଏହି ମନ୍ଦ ଉଦାହରଣର ସୁଯୋଗ ନେବେ ଏବଂ ଆଇନର ଅବମାନନା ଫଳରେ ଦେଶର ଘୋର କ୍ଷତି ହେବ ।"

ଏହି ଉତ୍ତରରେ ଆନନ୍ଦିତ ହୋଇ ଓକିଲଙ୍କୁ ପ୍ରଶଂସା କରି ଶାଇଲକ୍ କହିଲା, "ସ୍ୱୟଂ ଧର୍ମଦେବତା ଆଜି ବିଚାରାଳୟରେ ଉପସ୍ଥିତ !"

ଏହାପରେ ଓକିଲ ଦଲିଲଟି ପଢ଼ି କହିଲେ, "ଶାଇଲକ୍ ଅଧସେର ମାଂସ ପାଇବାକୁ ଅବଶ୍ୟ ହକ୍‌ଦାର ଅଟନ୍ତି । ଏଣ୍ଟୋନିଓ ବର୍ତ୍ତମାନ ତାହାଙ୍କର ବକ୍ଷ ଉନ୍ମୁକ୍ତ କରନ୍ତୁ । ବିଚାରାଳୟର ନିଷ୍ପତ୍ତି ପାଳିତ ହେଉ ।"

ଆଇନଜ୍ଞଙ୍କ ଅଭିମତ ଶୁଣି ବିଚାରାଳୟରେ ବିଷାଦର ଛାୟା ଘୋଟିଗଲା । ଶାଇଲକ୍ ଏତେଦୂର ଉତ୍‌ଫୁଲ୍ଲ ହୋଇଉଠିଲା ଯେ, ଛୁରିର ଧାର ପରୀକ୍ଷା କରୁ କରୁ ତାହାର ମୁଖରୁ ବାହାରିପଡ଼ିଲା, "ହେ ତରୁଣ ଆଇନବିଶାରଦ, ଧନ୍ୟ ତୁମର ବିଚାରବୁଦ୍ଧି !"

ଏଣ୍ଟୋନିଓ ନିଜର ମୃତ୍ୟୁ ଆସନ୍ନ ଜାଣି ବନ୍ଧୁ ବେସାନିଓଙ୍କୁ ବିଦାୟ ମାଗି କହିଲେ, "ବନ୍ଧୁ, ପୋର୍ସିଆଙ୍କୁ ଜଣାଇଦେବ, ମୋତେ କପଟ ତାଙ୍କରି ସ୍ୱାମୀଙ୍କ ଲାଗି ଜୀବନ ଦେବାକୁ ହେଲା ।"

Digitized by srujanika@gmail.com

ବେସାନିଓ ଶୋକରେ ଅଧୀର ହୋଇ ଉତ୍ତର କଲେ, "ବନ୍ଧୁ, ଏପରି କୌଣସି ପଦାର୍ଥ ନାହିଁ, ଯାହା ମୁଁ ତୁମର ପ୍ରାଣରକ୍ଷାପାଇଁ ଦେଇ ନ ପାରେ—ମୋର ଜୀବନ ଓ ପୋର୍ସିଆଙ୍କୁ ସୁଦ୍ଧା ।"

ଆଇନଜ୍ଞ ପୁଣି ଶାଇଲକ୍‌କୁ ତାର ପ୍ରାପ୍ୟ ଅର୍ଦ୍ଧସେର ମାଂସ ଏଣ୍ଟୋନିଓଙ୍କ ବକ୍ଷରୁ କାଟି ନେବାକୁ ନିର୍ଦ୍ଦେଶ ଦେଲେ । ଶାଇଲକ୍ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଛୁରିକା ଆଘାତ କରିବାକୁ ଅଗ୍ରସର ହେବାବେଳେ ସେ ପୁଣି ବାଧା ଦେଇ କହିଲେ, "ଅପେକ୍ଷା କର, ଆଉ ଟିକିଏ କଥା ଅଛି । ସର୍ତ୍ତ ଅନୁଯାୟୀ ତୁମେ କେବଳ ଅର୍ଦ୍ଧସେର ମାଂସ କାଟି ନେଇପାରିବ; କିନ୍ତୁ ବିନ୍ଦୁଏ ରକ୍ତ ନେଇପାରିବ ନାହିଁ କିମ୍ବା ତିଳେ ହେଲେ ମାଂସ ନ୍ୟୂନାଧିକ କରି କାଟିପାରିବ ନାହିଁ । ଏହା ଦଲିଲରେ ଲେଖା ନାହିଁ ।"

ଏ କଥାରେ ନିଷ୍ଠୁର ଶାଇଲକ୍ ମସ୍ତକରେ ବଜ୍ରପାତ ହେଲାଭଳି ମନେ କଲା । ସେ ବର୍ତ୍ତମାନ ସର୍ତ୍ତ ପାଳନ କରିବା ଅସମ୍ଭବ ଦେଖି ନିଜର ସମସ୍ତ ଅର୍ଥ ଦାବି କରିବସିଲା; କିନ୍ତୁ ତାହା ଆଉ ସମ୍ଭବ ହେଲା ନାହିଁ । ପରନ୍ତୁ ସେ ଭେନିସ୍‌ର ନିୟମ ଅନୁଯାୟୀ ଜଣେ ଭେନିସ୍‌ବାସୀର ପ୍ରାଣନାଶପାଇଁ ଷଡ଼ଯନ୍ତ୍ର କରୁଥିବାରୁ ବିଚାରାଳୟର ନିଷ୍ପତ୍ତିକ୍ରମେ ନିଜର ସମସ୍ତ ସମ୍ପତ୍ତି ହରାଇଲା ।

ପ୍ରିୟତମ ବନ୍ଧୁ ଏଣ୍ଟୋନିଓଙ୍କର ଜୀବନ ଫେରି ପାଇଥିବାରୁ ଉଲ୍ଲସିତ ହୋଇ ବେସାନିଓ ଛଦ୍ମବେଶୀ ଉକିଲଙ୍କୁ ହୃଦୟର କୃତଜ୍ଞତା ଜଣାଇଲେ ଏବଂ ପ୍ରତିଦାନସ୍ୱରୂପ ସେ ଯାହା ଇଚ୍ଛା କରିବେ, ତାହା ଉପହାର ଦେବାନିମନ୍ତେ ମଧ୍ୟ ପ୍ରତିଶ୍ରୁତ ହେଲେ ।

Digitized by srujanika@gmail.com

କିନ୍ତୁ ଚତୁର ଯୁବକ ବେସାନିଓଙ୍କ ଅଙ୍ଗୁରୀୟଟି ମାଗି ନେବାପାଇଁ ଇଚ୍ଛା ପ୍ରକାଶ କଲେ । ଏତେ ବଡ଼ ଉପକାରର ତୁଳନାରେ ଅଙ୍ଗୁରୀୟଟିର ମୂଲ୍ୟ ନଗଣ୍ୟ ହେଲେ ମଧ୍ୟ ବେସାନିଓ ଅତି କ୍ଷୁଣ୍ଣ ଓ ଦୁଃଖିତ ମନରେ ତାହା ଅର୍ପଣ କରିଥିଲେ । କାରଣ ତାହା ପୋର୍ସିଆଙ୍କ ପ୍ରଦତ୍ତ ବିବାହ-ମୁଦ୍ରିକା ।

ଏଣ୍ଟୋନିଓଙ୍କୁ ସଙ୍ଗରେ ନେଇ ବେସାନିଓ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ପୋର୍ସିଆ ଦୁଇ ବନ୍ଧୁଙ୍କୁ ଦେଖି ଅତିବ ଆନନ୍ଦ ପ୍ରକାଶ କଲେ । ମାତ୍ର ହଠାତ୍ ବେସାନିଓଙ୍କ ଅଙ୍ଗୁଳିରେ ବିବାହକାଳୀନ ମୁଦ୍ରିକାଟି ନ ଦେଖି ସେ ବିସ୍ମୟର ଛଳନା କଲେ । ବିବାହ-ଅଙ୍ଗୁରୀୟ ଅନ୍ୟ କାହାକୁ ଦେବା ଅତ୍ୟନ୍ତ ଅନ୍ୟାୟ; ତେଣୁ ପୋର୍ସିଆ ପ୍ରଥମେ ବେସାନିଓଙ୍କ ପ୍ରତି କ୍ରୋଧ ଓ ଅଭିମାନ ପ୍ରକାଶ କରି ପରେ ନିଜେ ସେହି ଅଙ୍ଗୁରୀୟଟି କାଢ଼ି ତାହାଙ୍କୁ ଦେଖାଇଥିଲେ । ପୋର୍ସିଆଙ୍କ ବିଚକ୍ଷଣ ବୁଦ୍ଧିବଳରେ ହିଁ ଏଣ୍ଟୋନିଓ ଜୀବନ ଲାଭ କରିଥିବା କଥା ଜାଣିପାରି ଉଭୟ ବନ୍ଧୁ ତାହାଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ ।

ଠିକ୍ ଏତିକିବେଳେ ପୋର୍ସିଆ କେତେ ଖଣ୍ଡି ପତ୍ର ଏଣ୍ଟୋନିଓଙ୍କୁ ଦେଖାଇଲେ । ସେଥିରେ ଲେଖା ଥିଲା ଯେ, ଏଣ୍ଟୋନିଓଙ୍କର ତିନିଗୋଟି ଜାହାଜ ବହୁ ଧନରତ୍ନ ସହ ନିରାପଦରେ ଫେରିଆସି କୂଳରେ ଲାଗିଛି ।

ପ୍ରଶ୍ନ

୧ । ଏଣ୍ଟୋନିଓ କାହିଁକି ଓ କି ସର୍ତ୍ତରେ ଶାଇଲକ୍‌ଠାରୁ ଋଣ ଗ୍ରହଣ କରିଥିଲେ ?

Digitized by srujanika@gmail.com

୨ । ପୋର୍ସିଆ ବିଚାରାଳୟରେ କି ଯୁକ୍ତି କରି ଏଣ୍ଟୋନିଓଙ୍କ ଜୀବନ ରକ୍ଷା କଲେ ?

୩ । "ଦୟା ପ୍ରଦର୍ଶନ କରିବା ବ୍ୟକ୍ତି ଓ ଦୟା ଲାଭ କରିବା ବ୍ୟକ୍ତି ଉଭୟଙ୍କର କଲ୍ୟାଣ ହୋଇଥାଏ"—ପୂର୍ବାପର ସମ୍ପର୍କ ସହ ବୁଝାଅ ।

୪ । ଧନଶାଳୀ, ଦାନଶୀଳ, ରୂପବତୀ, ପ୍ରିୟତମ, ବୁଦ୍ଧିମତୀ —ଏଗୁଡ଼ିକ କେଉଁ କେଉଁ ମୂଳଶବ୍ଦରୁ ହୋଇଛି ? ଏହିପରି ପ୍ରତ୍ୟୟଯୁକ୍ତ ଆଉ ଦୁଇଟି ଲେଖାଏଁ ଶବ୍ଦ କହ ।

୫ । ଯେ ନାଟକ ଲେଖନ୍ତି ସେ "ନାଟ୍ୟକାର" । ସେହିପରି ଉପନ୍ୟାସ, ଗଳ୍ପ, କବିତା, ଗ୍ରନ୍ଥ, ଇତିହାସ, ବିଜ୍ଞାନ, ଦର୍ଶନ—ଏଗୁଡ଼ିକର ଲେଖକମାନଙ୍କୁ କଅଣ କୁହାଯାଏ ?

ହସ୍ତଶିଳ୍ପ ଓ ସହଯୋଗ

ଏ ଯୁଗର ସୁବୃହତ୍ ଶିଳ୍ପକେନ୍ଦ୍ରମାନଙ୍କରେ କଳକାରଖାନା ପ୍ରତିଷ୍ଠିତ ହୋଇ ଅଳ୍ପ କାଳ ମଧ୍ୟରେ ବହୁ ପରିମାଣ ଦ୍ରବ୍ୟ ପ୍ରସ୍ତୁତ ହେଉଥିଲେହେଁ ହସ୍ତଶିଳ୍ପର ମୂଲ୍ୟ ବା ମହତ୍ତ୍ୱ ହ୍ରାସ ପାଇ ନାହିଁ । ସେଥିପାଇଁ କଳସିଲାଇ ପୋଷାକ ଅପେକ୍ଷା ହସ୍ତସିଲାଇ ପୋଷାକର ମୂଲ୍ୟ ଅଧିକ; କଳଲୁଗା ଅପେକ୍ଷା ତନ୍ତବୁଣା ଲୁଗାର ମର୍ଯ୍ୟାଦା ବେଶି । ମଟର ଗାଡ଼ି ଯନ୍ତ୍ରନିର୍ମିତ ହେଲେହେଁ ଇଞ୍ଜିନର ପ୍ରଧାନ ଅଂଶଟି ହସ୍ତଦ୍ୱାରା ପ୍ରସ୍ତୁତ ହେଲେ ମଟରର ମୂଲ୍ୟ ଅଧିକ ହୋଇଥାଏ । କାରଣ ହସ୍ତନିର୍ମିତ ଶିଳ୍ପ ଯେପରି ସୁଦୃଢ଼, ସେହିପରି ସ୍ଥାୟୀ ହୁଏ ।

Digitized by srujanika@gmail.com

ହସ୍ତଶିଳ୍ପ ଯୋଗୁଁ ଆମ୍ଭମାନଙ୍କର ଓଡ଼ିଶା ଭାରତବିଖ୍ୟାତ ହୋଇପାରିଛି । ଓଡ଼ିଶାର ହସ୍ତଶିଳ୍ପମଧ୍ୟରେ କଟକର ସ୍ୱର୍ଣ୍ଣ ଓ ରୌପ୍ୟର ତାରକସି କାମ ସର୍ବୋତ୍କୃଷ୍ଟ ।

[ତାରକସି କାରିଗର]

ସ୍ୱର୍ଣ୍ଣବଣିକମାନେ ଊର୍ଣ୍ଣନାଭ-ତନ୍ତୁ ପରି ଅତି ସୂକ୍ଷ୍ମ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ତାରରେ ଯେପରି ଲତା, ପୁଷ୍ପ, ପକ୍ଷୀ, ସରୀସୃପ ଆଦିର ପ୍ରତିକୃତି ଅବିକଳ ନିର୍ମାଣ କରନ୍ତି, ତାହା ଭାରତର ଅନ୍ୟାନ୍ୟ ରାଜ୍ୟରେ ତଥା ଆମେରିକା, ଇଂଲଣ୍ଡ ପ୍ରଭୃତି ଉନ୍ନତ ଦେଶମାନଙ୍କରେ ଆଦର ଲାଭ କରିଛି । ବଡ଼ ବଡ଼ ପ୍ରଦର୍ଶନୀମାନଙ୍କରେ ମଧ୍ୟ ସେଗୁଡ଼ିକ ଉଚ୍ଚ ପ୍ରଶଂସା ଲାଭ କରି ପୁରସ୍କୃତ ହୋଇଛି ।

Digitized by srujanika@gmail.com

ଆବହମାନ କାଳରୁ ଉତ୍କଳୀୟ କାରିଗରମାନଙ୍କର ଏହି ଶିଳ୍ପ ଚାଲିଆସୁଛି । ତହିଁରୁ ସେମାନଙ୍କର ଗଭୀର ଏକାଗ୍ରତା, ନିଷ୍ଠା, ସାଧନା ଓ ଉଚ୍ଚ କଳାଜ୍ଞାନର ପରିଚୟ ମିଳେ ଏବଂ ତାହା ଆଜି ମଧ୍ୟ ଶିଳ୍ପକ୍ଷେତ୍ରରେ ଆମ୍ଭମାନଙ୍କ ମୌଳିକତାର କିଞ୍ଚିତ୍ ପରିଚୟ ଦେଇଥାଏ ।

ଦୁଃଖର କଥା ଏହି ଯେ, କାରିଗରମାନଙ୍କ ସାଧାରଣ ଆର୍ଥିକ ଅବସ୍ଥା ସେମାନଙ୍କ କାର୍ଯ୍ୟ ତୁଳନାରେ ଆଶାନୁରୂପ ସ୍ୱଚ୍ଛଳ ନୁହେଁ । ସେମାନେ ଦାବାଗ୍ନିର କୋଇଲି ଜାଳି, ନଳ ଫୁଙ୍କି ଯେପରି କଠୋର ଅଧ୍ୟବସାୟରେ ରତ ହୋଇ ଉତ୍କୃଷ୍ଟ ଶିଳ୍ପ ଉତ୍ପାଦନ କରନ୍ତି, ସେ ଦୃଶ୍ୟ ଦର୍ଶକଚକ୍ଷୁରେ ଧ୍ୟାନରତ ଯୋଗୀର ଚିତ୍ର ଅଙ୍କନ କରେ । ମାତ୍ର ପାରିଶ୍ରମିକ ଯଥେଷ୍ଟ ମିଳୁ ନ ଥିବାରୁ ସେମାନଙ୍କର ଆର୍ଥିକ ଉନ୍ନତି ହୋଇ ପାରୁ ନାହିଁ ।

ମଧ୍ୟବର୍ତ୍ତୀ ବ୍ୟବସାୟୀମାନେ ଏହି ବ୍ୟବସାୟରେ ଅର୍ଥ ଖଟାଉଥିବାରୁ କାରିଗରମାନଙ୍କ ମଜୁରିର ଅଧିକ ଅଂଶ ସେହିମାନେହିଁ ଆତ୍ମସାତ୍ କରିଥାନ୍ତି । କାରିଗରମାନେ ସ୍ୱଭାବତଃ ସ୍ୱାଧୀନଚେତା । କୌଣସି ବ୍ୟବସାୟୀଙ୍କ ଅଧୀନରେ ସର୍ବଦା ରହିବା ସେମାନଙ୍କ ସ୍ୱଭାବବିରୁଦ୍ଧ । ଅଥଚ ସେମାନେ ନିଜେ ସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠା କରିପାରନ୍ତି ନାହିଁ । ଶିକ୍ଷା ଅଭାବରୁ ମଧ୍ୟ ପୃଥିବୀର ଅନ୍ୟାନ୍ୟ ଦେଶର କାରିଗରମାନଙ୍କ ପରି ନିଜ ଅବସ୍ଥାର ଉନ୍ନତିବିଧାନଲାଗି ଏବଂ ଭଦ୍ରୋଚିତ ସାମାଜିକ ଜୀବନ ଯାପନ କରିବାପାଇଁ ତାରକସି କାରିଗରମାନଙ୍କ ମଧ୍ୟରେ ଉଦ୍ୟମ ଓ ଆକାଂକ୍ଷା ଦେଖାଯାଏ ନାହିଁ । ପୁଣି ଅନେକ ଶ୍ରେଷ୍ଠ ଶିଳ୍ପୀ ନିଶାଦ୍ରବ୍ୟ ସେବନ କରି ନିଜର ସ୍ୱାସ୍ଥ୍ୟହାନି ଓ ଅର୍ଥହାନି କରିଥାନ୍ତି ।

Digitized by srujanika@gmail.com

ଓଡ଼ିଶାର ଅତୀତ ଗୌରବର ସାକ୍ଷିସ୍ୱରୂପ ଏହି ଶିଳ୍ପର ଅଧିକ ବିକାଶ କରିବାକୁ ହେଲେ କାରିଗରମାନଙ୍କ ମଧ୍ୟରେ ଉପଯୁକ୍ତ ଶିକ୍ଷା ଦେବା ଆବଶ୍ୟକ । ସମବାୟ ସୂତ୍ରରେ ସେମାନଙ୍କୁ ଅର୍ଥ ଯୋଗାଇ ତାହାର ଯେପରି ଅପବ୍ୟୟ ନ ହୁଏ, ସେଥିପ୍ରତି ମଧ୍ୟ ଦୃଷ୍ଟି ରଖିବାକୁ ହେବ । ବିଭିନ୍ନ ଦେଶର ଅଳଙ୍କାରନିର୍ମାତାମାନେ କି ଉପାୟରେ ସ୍ୱୀୟ ଶିଳ୍ପର ଉନ୍ନତିବିଧାନ କରନ୍ତି ଏବଂ ଆଧୁନିକ ରୁଚି-ଅନୁକୂଳ ନୂତନ ନୂତନ ନକ୍ସାରେ କିପ୍ରକାର ଶିଳ୍ପ ପ୍ରସ୍ତୁତ କଲେ ଅଧିକ ଆୟର ପନ୍ଥା ଉନ୍ମୁକ୍ତ ହେବ, ସେ ସମ୍ପର୍କରେ କାରିଗରମାନଙ୍କ ମଧ୍ୟରେ ଚେତନା ଓ ପ୍ରେରଣା ଆଣିଦେବା ଆବଶ୍ୟକ । ହସ୍ତଶିଳ୍ପଶିକ୍ଷାପାଇଁ ଦେଶରେ ଶିଳ୍ପବିଦ୍ୟାଳୟମାନ ପ୍ରତିଷ୍ଠା କରି ଉତ୍କୃଷ୍ଟ କାରିଗରମାନଙ୍କୁ ଶିକ୍ଷକରୂପେ ନିଯୁକ୍ତ କରାଯାଇପାରେ ।

ବୟନ ଶିଳ୍ପରେ ମଧ୍ୟ ଓଡ଼ିଶା ଭାରତବିଖ୍ୟାତ ହୋଇପାରିଛି । ସମ୍ବଲପୁରୀ ଶାଢ଼ୀ-ପର୍ଦା ଓ ଟେବୁଲ ଆବରଣଗୁଡ଼ିକରେ ମନ୍ଦିର, ଲତା, ବୃକ୍ଷ, ହସ୍ତୀ, ଅଶ୍ୱ, ପକ୍ଷୀ, ହରିଣ ଆଦି ସହିତ ଯେପରି କୃତ୍ରିମ ଚିତ୍ର ଅଙ୍କିତ ହୋଇଥାଏ, ତାହା ଯନ୍ତ୍ରଦ୍ୱାରା କଦାପି ସମ୍ଭବପର ହୋଇପାରନ୍ତା ନାହିଁ । ସେଥିଲାଗି ଭାରତର ସକଳ ସ୍ଥାନରେ ସମ୍ଭ୍ରାନ୍ତ ପରିବାରମାନଙ୍କରେ ସେଗୁଡ଼ିକର ଆଦର ଅଛି । ଭାରତବାହାରେ ଇଂଲଣ୍ଡ ଓ ଆମେରିକାରେ ମଧ୍ୟ ତାହା ଓଡ଼ିଆ ଶିଳ୍ପୀର ସୁରୁଚି ଓ ହସ୍ତନୈପୁଣ୍ୟର ଉତ୍କର୍ଷ ପ୍ରମାଣ କରିଥାଏ ।

କାଶ୍ମୀର, ବନାରସ, ମାନ୍ଦ୍ରାଜ, ମହୀଶୂର, ବମ୍ବେ, ବଙ୍ଗଳା ଓ ଆସାମରେ ପାଟମଠା ଓ ରେଶମ ଶିଳ୍ପର ପ୍ରସାର ଓ ଖ୍ୟାତି ଅଧିକ ହେଲେ ମଧ୍ୟ ଏହି ଶିଳ୍ପରେ ଓଡ଼ିଆ କାରିଗରମାନଙ୍କର

Digitized by srujanika@gmail.com

ହସ୍ତକୌଶଳ ସୁବିଦିତ । ବ୍ରହ୍ମପୁରର ପାଟ, ସମ୍ବଲପୁରର ମଠା, ମୟୂରଭଞ୍ଜ ପ୍ରଭୃତି ଅଞ୍ଚଳର ଏଣ୍ଡି ଏହି କାରଣରୁ ସର୍ବତ୍ର ଆଦୃତ ହୋଇଥାଏ ।

କଟକ ଓ ପାରଳାଖେମୁଣ୍ଡିର ଶିଙ୍ଗକାମଗୁଡ଼ିକ ମଧ୍ୟ ଲାଭଜନକ କୁଟୀରଶିଳ୍ପରୂପେ ପରିଗଣିତ । ଦିଲ୍ଲୀରେ ଅନୁଷ୍ଠିତ ନିଖିଳ ଭାରତ ଶିଳ୍ପ ପ୍ରଦର୍ଶନୀରେ ପାରଳାଖେମୁଣ୍ଡିର ଶିଙ୍ଗକାମଗୁଡ଼ିକ ସର୍ବୋତ୍କୃଷ୍ଟ ବୋଲି ବିବେଚିତ ହୋଇଥିଲା ।

ଚର୍ମପାଦୁକା ପ୍ରସ୍ତୁତ କରିବାରେ କଟକର କାରିଗର ଯଥେଷ୍ଟ ପାରଦର୍ଶିତା ଦେଖାଇପାରନ୍ତି । ଏକ ସମୟରେ କଟକୀ ଚଟିର ସୌନ୍ଦର୍ଯ୍ୟ ଓ କାରୁକାର୍ଯ୍ୟ ଭାରତରେ ବିଭିନ୍ନ ଅଞ୍ଚଳର ସମ୍ଭ୍ରାନ୍ତ-ବଂଶୀୟ ବ୍ୟକ୍ତିମାନଙ୍କୁ ଆକୃଷ୍ଟ କରିଥିଲା । କାଷ୍ଠୋପକରଣ ନିର୍ମାଣ କରିବାରେ ମଧ୍ୟ ଓଡ଼ିଆ ଶିଳ୍ପୀ ସୁନିପୁଣ । କାଷ୍ଠକର୍ମ ଗୋଟିଏ ଅତ୍ୟନ୍ତ ଲାଭଜନକ କୁଟୀରଶିଳ୍ପ ହୋଇଥିବାରୁ ଏଥିପ୍ରତି ସମସ୍ତଙ୍କ ଉତ୍ସାହ ମିଳିବା ଉଚିତ ।

ସ୍ୱନାମଧନ୍ୟ ପରଲୋକଗତ ମଧୁସୂଦନ ଦାସ ଉତ୍କଳୀୟ ଶିଳ୍ପର ବିଶେଷତ୍ୱ ଉପଲବ୍ଧି କରି "ଉତ୍କଳ ଟାନେରି" ନାମକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ । ତାରକସି ଶିଳ୍ପର ଉନ୍ନତି ଲାଗି ମଧ୍ୟ ସେ ଶିଳ୍ପୀମାନଙ୍କୁ ନେଇ ଗୋଟିଏ ଅନୁଷ୍ଠାନ ଗଢ଼ିଥିଲେ ।

ଓଡ଼ିଶା ତଥା ଭାରତର ପ୍ରତିପଲ୍ଲୀରେ ବହୁବିଧ ମୂଲ୍ୟବାନ୍ କୁଟୀରଶିଳ୍ପର ପ୍ରଚଳନ ଅଛି । ଶ୍ରୀନଗର, ଅମୃତସର, ଆଗ୍ରା, ଗୋଆଲିୟର, ଝାନ୍ସି, ମାନ୍ଦ୍ରାଜର କୋଏମ୍ବାତୁର, ବାଙ୍ଗାଲୋର ଏବଂ ବଙ୍ଗଳାର କେତେକ ଅଞ୍ଚଳ ବିଭିନ୍ନ କୁଟୀରଶିଳ୍ପପାଇଁ ପ୍ରସିଦ୍ଧ ।

Digitized by srujanika@gmail.com

ଭାରତୀୟ ପ୍ରଦର୍ଶନୀମାନଙ୍କରେ ଶ୍ରୀନଗରର ଶାଲ, ସତରଞ୍ଜି ଓ ଗାଲିଚ୍, ବନାରସି ପାଟ, ମହୀଶୂରର କାଠ ଓ ହାତୀଦାନ୍ତକାମ ଏବଂ ବଙ୍ଗଳା ଓ କୋଏମ୍ବାତୁରର ସୂତାଲୁଗା ସହିତ ଓଡ଼ିଶାର ତାରକସି, ଶିଙ୍ଗକାମ, ପଥର ପ୍ରଭୃତି ଦର୍ଶକର ଚିତ୍ତାକର୍ଷଣ କରିଥାଏ ।

ସମବାୟ ସୂତ୍ରରେ କୁଟୀରଶିଳ୍ପର ସଂଗଠନ କରାଗଲେ ଏବଂ ତତ୍ପ୍ରତି ଜନସାଧାରଣଙ୍କର ସମ୍ୟକ୍ ଆଦର ଓ ସମର୍ଥନ ମିଳିଲେ କାରିଗରମାନଙ୍କର ଉନ୍ନତି ସଙ୍ଗେ ସଙ୍ଗେ ଦେଶର ମଧ୍ୟ ଉନ୍ନତି ହୋଇପାରିବ ।

ପ୍ରଶ୍ନ

୧ । କୁଟୀରଶିଳ୍ପ ଯନ୍ତ୍ରଶିଳ୍ପ ଅପେକ୍ଷା ଅଧିକ ଆଦୃତ ହୁଏ କାହିଁକି ? ଉଦାହରଣ ସହ ବୁଝାଇଦିଅ ।

୨ । ଓଡ଼ିଶାର ଯେଉଁସବୁ କୁଟୀରଶିଳ୍ପ ଭାରତରେ ବିଖ୍ୟାତ ହୋଇଛି, କି ଉପାୟରେ ସେଗୁଡ଼ିକର ଉନ୍ନତି ବିଧାନ କରାଯାଇପାରେ ?

୩ । ଭାରତର ବିଭିନ୍ନ ସ୍ଥାନର କେତେଗୋଟି ଉତ୍କୃଷ୍ଟ କୁଟୀର-ଶିଳ୍ପର ନାମ କହ ।

୪ । ସିଦ୍ଧହସ୍ତ, ଚର୍ମପାଦୁକା, କୁଟୀରଶିଳ୍ପ, ପାରଦର୍ଶିତା, କାଷ୍ଠୋପକରଣ, ସମ୍ଭ୍ରାନ୍ତବଂଶୀୟ, ମଧ୍ୟବର୍ତ୍ତୀ, ବ୍ୟବସାୟୀ, ସ୍ୱାସ୍ଥ୍ୟହାନି, ସ୍ୱାଧୀନଚେତା, ଯନ୍ତ୍ରଶିଳ୍ପ, ଆବହମାନ କାଳ— ଏଗୁଡ଼ିକର ସରଳାର୍ଥ ଲେଖ ।

୫ । ସିଦ୍ଧହସ୍ତ, ଚର୍ମପାଦୁକା, କୁଟୀରଶିଳ୍ପ, କାଷ୍ଠୋପକରଣ, ପୁରପଲ୍ଲୀ—ଏଗୁଡ଼ିକ କି ସମାସ ?

Digitized by srujanika@gmail.com

ସର୍ ସାର୍ବପାଲି ରାଧାକୃଷ୍ଣନ୍

ସକଳ ଦେଶମଧ୍ୟରେ ଏକତା ଓ ସଦ୍ଭାବ ପ୍ରତିଷ୍ଠିତ ହେବା ଉଚିତ; ପୃଥିବୀରୁ ଯୁଦ୍ଧ ଲୋପ ପାଇବ ଓ ସବୁ ଦେଶ ଧନେ ଅବଶ୍ୟ ବନ୍ଧୁଭାବରେ ଚଳିବେ—ଭାରତର ଶ୍ରେଷ୍ଠ ଦାର୍ଶନିକ ସର୍ ସାର୍ବପାଲି ରାଧାକୃଷ୍ଣନ୍ ଏହିପରି ବିଶ୍ୱାସ କରନ୍ତି । ଏହାହିଁ ତାଙ୍କର ସମସ୍ତ ବକ୍ତୃତା ଓ ଲେଖାର ସାରମର୍ମ ବୋଲି ଜଣାଯାଏ ।

ଅତି ସାଧାରଣ ଅବସ୍ଥାରୁ କେବଳ ନିଜ ଚେଷ୍ଟାବଳରେ ସାର୍ବପାଲି ରାଧାକୃଷ୍ଣନ୍ ଦେଶବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି । ସେ ୧[illegible] ମସିହା ସେପ୍ଟେମ୍ବର ମାସ ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମସ୍ଥାନ ତିରୁତାନି ନାମକ ଗୋଟିଏ ଗ୍ରାମ । ତାହା ମାନ୍ଦ୍ରାଜ ସହରଠାରୁ ପ୍ରାୟ ଚାଳିଶ ମାଇଲ ଦୂରରେ ଅବସ୍ଥିତ ।

[ସର୍ ସାର୍ବପାଲି ରାଧାକୃଷ୍ଣନ୍]

ସାର୍ବପାଲିଙ୍କର ପିତା ଜଣେ ଜମିଦାରଙ୍କ ତହସିଲଦାର କାର୍ଯ୍ୟ କରୁଥିଲେ । ସେ ଅତି ନୈଷ୍ଠିକ ବ୍ରାହ୍ମଣ ଥିଲେ ଓ ପବିତ୍ର ଜୀବନ ଯାପନ କରୁଥିଲେ ।

Digitized by srujanika@gmail.com

ବାର ବର୍ଷ ବୟସ ପର୍ଯ୍ୟନ୍ତ ସାର୍ବପାଳିଙ୍କ ସମସ୍ତ ତିରୁତାନି ଓ ତିରୁପାଟି ନାମକ ଦୁଇଟି ସ୍ଥାନରେ ଅତିବାହିତ ହୋଇଥିଲା । ଏହି ଦୁଇଟି ସ୍ଥାନରେ ସୁନ୍ଦର ଦେବମନ୍ଦିରମାନ ଅଛି ଏବଂ ଭାରତର ନାନା ଅଞ୍ଚଳର ହିନ୍ଦୁ ଯାତ୍ରୀମାନେ ସେଠାକୁ ତୀର୍ଥଯାତ୍ରା କରନ୍ତି । ତେଣୁ ବାଲ୍ୟବୟସରୁ ପରିବାର ଓ ପରିସ୍ଥିତିର ପବିତ୍ର ପ୍ରଭାବ ତାଙ୍କ ଜୀବନରେ ପଡ଼ିଥିଲା । ରାଧାକୃଷ୍ଣନ୍‌ଙ୍କର ବାଲ୍ୟଶିକ୍ଷା ମିସନ୍ ସ୍କୁଲମାନଙ୍କରେ ଓ ଉଚ୍ଚ ଶିକ୍ଷା ମାନ୍ଦ୍ରାଜ ନଗରର ଖ୍ରୀଷ୍ଟୀୟ କଲେଜରେ ସମାପ୍ତ ହୋଇଥିଲା । ତେଣୁ ନୈଷ୍ଠିକ ହିନ୍ଦୁ ଓ ଖ୍ରୀଷ୍ଟ ସମାଜର ପ୍ରଭାବ ତାଙ୍କ ଜୀବନରେ ପ୍ରତିଫଳିତ ହୋଇ-ଅଛି । କଲେଜ ଶିକ୍ଷାରେ ସେ ଧର୍ମ ଓ ଦର୍ଶନକୁ ନିଜର ପ୍ରଧାନ ପାଠ୍ୟରୂପେ ଗ୍ରହଣ କରିଥିଲେ ଏବଂ ସେହି ବିଷୟରେ ଅସାଧାରଣ ଜ୍ଞାନ ଲାଭ କରିଥିଲେ ।

ଏହି ସମୟରେ ସ୍ୱାମୀ ବିବେକାନନ୍ଦ ଆମେରିକା ଓ ବିଲାତରେ ସନାତନ ଧର୍ମର ମହତ୍ତ୍ୱ ପ୍ରଚାର କରୁଥିଲେ । ଯୁବକ ସାର୍ବପାଳି ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ସେହିରୂପେ ଗଠନ କରିଥିଲେ । ସନାତନ ହିନ୍ଦୁ-ଧର୍ମରେ ହିଁ ପୃଥିବୀର ସକଳ ଧର୍ମର ମୌଳିକ ମତ ନିହିତ ଅଛି ବୋଲି ସେ ହୃଦୟଙ୍ଗମ କରିପାରିଥିଲେ ଏବଂ ଏମ୍. ଏ. ପରୀକ୍ଷାରେ ଏହି ବିଷୟରେ ଗୋଟିଏ ଗବେଷଣାମୂଳକ ପ୍ରବନ୍ଧ ଲେଖିଥିଲେ ।

ରାଧାକୃଷ୍ଣନ୍ ହିନ୍ଦୁ ସମାଜର ପ୍ରଥା ଅନୁସାରେ ଅଳ୍ପ ବୟସରେ ବିବାହ କରିଥିଲେ । ତାହାଙ୍କ ସ୍ତ୍ରୀ ଜଣେ ପତିପରାୟଣା ଆଦର୍ଶ ହିନ୍ଦୁ ରମଣୀରୂପେ ସ୍ୱାମିସେବାକୁ ନିଜର ପରମ ସୁଖ ବୋଲି ଜ୍ଞାନ କରନ୍ତି ।

Digitized by srujanika@gmail.com

ଏମ୍. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାଧାକୃଷ୍ଣନ୍ ମାନ୍ଦ୍ରାଜ ସରକାରୀ କଲେଜରେ ସହକାରୀ ଅଧ୍ୟାପକରୂପେ ନିଯୁକ୍ତ ହେଲେ । ଶିକ୍ଷାଦାନରେ ତାଙ୍କର ଦକ୍ଷତା ଯୋଗୁଁ ଏବଂ ନିଜର ଗମ୍ଭୀର ଅଧ୍ୟବସାୟ ଓ ପାଣ୍ଡିତ୍ୟ ଯୋଗୁଁ ସେ ଛାତ୍ରମାନଙ୍କର ଆଦର୍ଶ ଓ ପ୍ରିୟ ହୋଇପାରିଥିଲେ ।

ଏହି ସମୟରେ ମହାକବି ରବୀନ୍ଦ୍ରନାଥ ଠାକୁରଙ୍କ ରଚନା-ଗୁଡ଼ିକୁ ପଢ଼ି ରାଧାକୃଷ୍ଣନ୍ ଇଂରେଜୀରେ ଖଣ୍ଡିଏ ପୁସ୍ତକ ଲେଖିଥିଲେ । ରବୀନ୍ଦ୍ରନାଥ ଏହି ପୁସ୍ତକର ବହୁ ପ୍ରଶଂସା କଲେ । ତାହା ଫଳରେ ରାଧାକୃଷ୍ଣନ୍‌ଙ୍କ ନାମ ଭାରତରେ ବିଖ୍ୟାତ ହୋଇପଡ଼ିଲା ।

ସେତେବେଳେ ମହୀଶୂର ରାଜ୍ୟରେ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ରାଧାକୃଷ୍ଣନ୍ ସେଠାରେ ଦର୍ଶନ-ଅଧ୍ୟାପକରୂପେ ନିଯୁକ୍ତ ହେଲେ । ମହୀଶୂରରେ ଅବସ୍ଥାନ କରୁଥିବା ସମୟରେ ପୃଥିବୀର ବଡ଼ ବଡ଼ ଦାର୍ଶନିକମାନଙ୍କ ମତାମତ ବିଷୟରେ ସେ ଆଉ ଗୋଟିଏ ଗ୍ରନ୍ଥ ପ୍ରଣୟନ କଲେ । ଏହି ଗ୍ରନ୍ଥଟି ତାଙ୍କୁ ଦୂର ବିଦେଶରେ ପରିଚିତ କରାଇ ଦେଇଥିଲା । ଆମେରିକାର ଜଣେ ବିଶିଷ୍ଟ ଅଧ୍ୟାପକ ଗୋଟିଏ ଦାର୍ଶନିକ ସଭାରେ ରାଧାକୃଷ୍ଣନ୍‌ଙ୍କ ଆଦର୍ଶକୁ ବିଶେଷ ପ୍ରଶଂସା କରିଥିଲେ ।

୧୯୨୧ ମସିହାରେ ରାଧାକୃଷ୍ଣନ୍ କଲିକତା ବିଶ୍ୱବିଦ୍ୟାଳୟର ଦର୍ଶନ-ଅଧ୍ୟାପକ ପଦରେ ନିଯୁକ୍ତ ହେଲେ । ଏହିଠାରେ ଭାରତୀୟ ଦର୍ଶନ ବିଷୟରେ ସେ ଗୋଟିଏ ଉପାଦେୟ ଗ୍ରନ୍ଥ ଲେଖିଥିଲେ । ୧୯୨୬ ମସିହାରେ ବିଲାତର କେମ୍ବ୍ରିଜ ବିଶ୍ୱ-ବିଦ୍ୟାଳୟରେ ଇଂରେଜ ସାମ୍ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର

Digitized by srujanika@gmail.com

ଗୋଟିଏ ମହାସଭା ଅନୁଷ୍ଠିତ ହେଲା । କଲିକତା ବିଶ୍ୱବିଦ୍ୟାଳୟ ରାଧାକୃଷ୍ଣନଙ୍କୁ ପ୍ରତିନିଧିରୂପେ ସେଠାକୁ ପଠାଇଥିଲା । ଏହି ସୁଯୋଗରେ ବିଳାତରେ ମଧ୍ୟ ରାଧାକୃଷ୍ଣନଙ୍କ ଖ୍ୟାତି ବିସ୍ତୃତ ହେଲା । ସେଠାରେ ତାଙ୍କ ବକ୍ତୃତା ଶୁଣିବାପାଇଁ ନାନା ସ୍ଥାନରୁ ଏତେ ନିମନ୍ତ୍ରଣ ଆସିଥିଲା ଯେ ସବୁ ନିମନ୍ତ୍ରଣ ରକ୍ଷା କରିବା ରାଧାକୃଷ୍ଣନଙ୍କ ପକ୍ଷରେ ସମ୍ଭବପର ହେଲା ନାହିଁ ।

ଏହାପରେ ଆମେରିକାର ଆନ୍ତର୍ଜାତିକ ଦର୍ଶନମହାସଭାରେ ଭାଷଣ ଦେବାକୁ ମଧ୍ୟ ସେ ନିମନ୍ତ୍ରିତ ହେଲେ । ଇଂଲଣ୍ଡ ଓ ଆମେରିକାର ବିଖ୍ୟାତ ବିଶ୍ୱବିଦ୍ୟାଳୟମାନଙ୍କରେ ଭାଷଣ ଦେଇ ସବୁଠି ସେ ବହୁ ପ୍ରଶଂସା ଓ ସମ୍ମାନ ଲାଭ କଲେ ।

ଭାରତକୁ ଫେରିବା ପରେ ସେ ବିଭିନ୍ନ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଭାଷଣ ଦେବାକୁ ଆହୂତ ହେଲେ ଏବଂ କିଛି ଦିନପରେ ଅକ୍ସ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଦର୍ଶନ-ଅଧ୍ୟାପକ-ରୂପେ ନିଯୁକ୍ତ ହୋଇ ପୁଣି ବିଲାତ ଯାତ୍ରା କଲେ ।

ରାଧାକୃଷ୍ଣନଙ୍କର ଇଂରେଜୀ ଭାଷା ଓ ସାହିତ୍ୟରେ ଗଭୀର ବ୍ୟୁତ୍ପତ୍ତି ଥିବାରୁ ସେ ଭାରତୀୟ ଧର୍ମ ଓ ଦର୍ଶନ ବିଷୟକୁ ଅତି ପ୍ରାଞ୍ଜଳଭାବରେ ଉକ୍ତ ଭାଷାରେ ପ୍ରକାଶ କରିପାରନ୍ତି । ତାଙ୍କର ସମସ୍ତ ଗ୍ରନ୍ଥ ଇଂରେଜୀ ଭାଷାରେ ଲିଖିତ । ଝରଣାରୁ ଜଳ ବାହାରି ଆସିଲାପରି ତାଙ୍କ କଣ୍ଠରୁ ଇଂରେଜୀ ଭାଷଣ ଅନର୍ଗଳ ନିର୍ଗତ ହୋଇ ଆସେ ଏବଂ ଶ୍ରୋତାମାନଙ୍କ ପ୍ରାଣରେ ଅପୂର୍ବ ଆନନ୍ଦ ଜନ୍ମାଇଦିଏ ।

ମିଳିତ ଜାତି ସଂଘର ଏକ ଶାଖାରୂପେ ବୈଜ୍ଞାନିକ ଓ ପଣ୍ଡିତମାନଙ୍କର ଯେଉଁ ସଭା ଅଛି, ତହିଁରେ ମଧ୍ୟ ରାଧାକୃଷ୍ଣନ୍ ସଦସ୍ୟ ନିଯୁକ୍ତ ହେଲେ । ସେ କିଛି କାଳପାଇଁ ଆନ୍ଧ୍ର ବିଶ୍ୱବିଦ୍ୟାଳୟ

Digitized by srujanika@gmail.com

ଓ ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତିରୂପେ କାର୍ଯ୍ୟ କରି ଉକ୍ତ ଅନୁଷ୍ଠାନର ବହୁ ଉନ୍ନତି ବିଧାନ କରିଥିଲେ । ଏହାପରେ ମହାତ୍ମାଙ୍କ ଓ ଶ୍ରେଷ୍ଠ ବକ୍ତାଭାବରେ ରାଧାକୃଷ୍ଣନ୍ ଦେଶ-ବିଦେଶରେ ଆଦର ଓ ସମ୍ମାନ ଅର୍ଜନ କରିଅଛନ୍ତି ।

ଭାରତ ସ୍ୱାଧୀନ ହେବା ପରେ ଭାରତ ସରକାର ଯେଉଁ ବିଶ୍ୱବିଦ୍ୟାଳୟ କମିଶନ୍ ଗଠନ କଲେ, ରାଧାକୃଷ୍ଣନ୍ ତାହାର ସଭାପତି ଥାଇ ବିଶ୍ୱବିଦ୍ୟାଳୟ ଶିକ୍ଷାର ସଂସ୍କାରନିମିତ୍ତ ବହୁ ମୂଲ୍ୟବାନ୍ ପରାମର୍ଶ ଦେଇଛନ୍ତି ।

ଏହାପରେ ରୁଷିଆ ଦେଶରେ ସେ ଭାରତର ରାଷ୍ଟ୍ରଦୂତ ଭାବରେ ନିଯୁକ୍ତ ହେଲେ ଏବଂ ଭାରତ ଓ ରୁଷିଆ ଦେଶମଧ୍ୟରେ ଦୃଢ଼ ବନ୍ଧୁତା ଲାଗି ଉଦ୍ୟମ କଲେ । ବର୍ତ୍ତମାନ ସେ ଭାରତର ଉପରାଷ୍ଟ୍ରପତି ରୂପେ ସମ୍ମାନିତ ଆସନ ଲାଭ କରିଛନ୍ତି ଏବଂ ନିଜ ଚରିତ୍ର ଓ ଅଧ୍ୟବସାୟ ବଳରେ ଆଜି ଭାରତର ମୁଖ ଉଜ୍ଜ୍ୱଳ କରି ଲକ୍ଷ ଲକ୍ଷ ଛାତ୍ର, ଶିକ୍ଷକ ଓ ଜନସାଧାରଣଙ୍କର ଶ୍ରେଷ୍ଠ ଆଦର୍ଶ ହୋଇପାରିଛନ୍ତି ।

ପ୍ରଶ୍ନ

୧ । ରାଧାକୃଷ୍ଣନ୍ଙ୍କ ଜୀବନରେ କେଉଁ ତିନି ଗୋଟି ପ୍ରଭାବ ବିଶେଷଭାବରେ ପଡ଼ିଥିଲା ?

୨ । ରାଧାକୃଷ୍ଣନ୍ଙ୍କ ଖ୍ୟାତି କିଭାବରେ ପ୍ରଥମେ ଭାରତରେ ଓ ବାହାର ଭାରତବାହାରେ ପ୍ରସାରିତ ହେଲା ?

୩ । ସର୍ ସାର୍ବପଲ୍ଲୀ ରାଧାକୃଷ୍ଣନ୍ ବର୍ତ୍ତମାନ କଅଣ କରନ୍ତି ?

୪ । ସକଳ ଦେଶମଧ୍ୟରେ ସଦ୍ଭାବ ପ୍ରତିଷ୍ଠିତ ହେବା ଉଚିତ—ଏ ସମ୍ବନ୍ଧରେ ଏକ ଅନୁଚ୍ଛେଦ ଲେଖ ।

Digitized by srujanika@gmail.com

୫ । ସନାତନ ଧର୍ମ କହିଲେ କଅଣ ବୁଝାଏ ?
୬ । ଗବେଷଣାମୂଳକ ପ୍ରବନ୍ଧ, ଅନର୍ଗଳ, ଦାର୍ଶନିକ, ଉପାଦେୟ ଗ୍ରନ୍ଥ, ବିଦ୍ୟାଳୟ, ଜାତିସଙ୍ଘ ସଦସ୍ୟ, କୁଳପତି, ରାଷ୍ଟ୍ରଦୂତ— ଏମାନଙ୍କର ସରଳ ଅର୍ଥ ଲେଖ ।

ଦୁର୍ଯ୍ୟୋଧନର ଅନୁତାପ

(ରାଗ—ଚୋଖି)

—୧—

ଅବସାନ କୁରୁକ୍ଷେତ୍ର ସମର, ବୀରଶୂନ୍ୟ ବସୁନ୍ଧରା କାତର,
ବିଚ୍ଛେଦବିଧୁରା ଲଳନାଗଣ- ବିଳାପେ ମୁଖର ରଣ-ପ୍ରାଙ୍ଗଣ,
କେତେ ଯୋଦ୍ଧା-ଶବ ଟାଣି
ଶ୍ୱାନ, ଶିବା, କାକ, ଶକୁନ ସନ୍ତୋଷେ ଆହାର କରନ୍ତି ଆଣି ।

—୨—

ଦୁର୍ଯ୍ୟୋଧନ କୁରୁ-ଗଗନ-ଭାନୁ, ଭୀମ-ଗଦାଘାତେ ଭଗନ-ଜାନୁ,
ଦ୍ୱୈପାୟନ ସରୋବରରେ ଲୁଚିଲେ ଯାଇ, ମରଣମୁଖରୁ ବଞ୍ଚିବାପାଇଁ,
ବେଢ଼ି ଶିକାରୀଗଣ
ଲାଘବ କରନ୍ତି ନାନା ଉପହାସେ ଦେହର ଯାତନା କଷଣ ।

—୩—

ଜଳେ ଦୁର୍ଯ୍ୟୋଧନ-ଈର୍ଷା-ଅନଳ, ରୋଷେ କଷାୟିତ ନେତ୍ର-ଯୁଗଳ,
ପାଣ୍ଡବବିନାଶ କରିବ ମହୀ, ଥିଲା ମନେ ସେହି ପ୍ରତିଜ୍ଞା ବହି,
ଲୋଡ଼େ ସେ ନିଜ ମରଣ,
ତଥାପି ପଚାରେ, "ମୋ ପ୍ରତିଜ୍ଞା କିଏ ପାରିବ କରି ପୂରଣ ?"

Digitized by srujanika@gmail.com

—୪—

ଯାଚିଲେ ଅଶ୍ୱତ୍‌ଥାମା ଦ୍ରୋଣତନୁଜ, "ଆଜ୍ଞା ଦିଅ ବାରେ ହେ ମହାଭୁଜ,
ପଞ୍ଚପାଣ୍ଡବର ମସ୍ତକ ହାଣି, ଚରଣେ ତୁମ୍ଭର ଅର୍ପିବି ଆଣି,
ଘେନୁଛି ମୁଁ ଏହି ବ୍ରତ,
ନୋହିଲେ ଜୀବନ ହାରିବି ନକର କରୁଛି ନିବାର ସତ୍ୟ !"

—୫—

ବୋଲେ କୁରୁମଣି, "ଧନ୍ୟ ସାହସ ! ଯୁବକ ଅଳପ ତବ ବୟସ,
ଭୀଷ୍ମ, ଦ୍ରୋଣ, କର୍ଣ୍ଣ ବୀରପୁଙ୍ଗବ ନ ପାରିଲେ ଯାହା କରି ସମ୍ଭବ,
ସେ ପଞ୍ଚପାଣ୍ଡବ-ଶିର
ଦେଇପାର ଯଦି, ହସ୍ତିନାକଣ୍ଟକେ ରଜା ହେବ ତେବେ ବୀର !"

—୬—

ତହୁଁ ଅଶ୍ୱତ୍‌ଥାମା ଚଳିଲା ଗଗରେ, ପଶିଲା ନିଶୀଥେ ପାଣ୍ଡୁନବରେ,
ଦେଖିଲା ଦ୍ରୌପଦୀ-କୋଳେ ଶୟନ କରିଛନ୍ତି ପାଞ୍ଚ ଶିଶୁ ନନ୍ଦନ,
ନବୀନ କୋମଳ ତନୁ,
କାଟିଲା ନୃଶଂସ, ବ୍ୟାଧ ଯଥା ପକ୍ଷି- ଶାବକ ମାରଇ ବନୁ ।

—୭—

ସତେଜ ପାଞ୍ଚଟି କୁସୁମ ସମ ସରସ ନିର୍ମଳ କ ମନୋରମ,
ସୁପତେ ଜନନୀ-କୋଳେ ସ୍ୱପନ ଦେଖୁଥିଲେ ସୁଖେ ହୋଇ ମଗନ,
ମୁଖରେ ଲାଗିଛି ହାସ,
ତୁହାଙ୍କ ପାଞ୍ଚ ଶିର ଅଶ୍ୱତ୍‌ଥାମା ଆଣେ ଦୁର୍ଯ୍ୟୋଧନ ପାଶ ।

—୮—

ପରମ ଉଲ୍ଲାସେ କୌରବପତି ଗୃହେଁ ଛିନ୍ନ ପାଞ୍ଚ ମସ୍ତକପ୍ରତି,
ଉଠିଲା ଚମକ ଗୃହିଁବାମାତ୍ର, ଶୋକେ ଅବସନ୍ନ ହେଲା ତା ଗାତ୍ର,

Digitized by srujanika@gmail.com

ବୋଲଇ, "କି କଲୁ ମୂର୍ଖ !
ମରଣକାଳରେ ଦେଲୁ ମୋ ପ୍ରାଣରେ   କେତେ ନିଦାରୁଣ ଦୁଃଖ !

—୯—

ଏ ଯେ ପାଣ୍ଡବର କୁଳନନ୍ଦନ,   ପାଞ୍ଚ ଶିଶୁ-ଶିର କଲୁ ଛେଦନ,
କୁରୁପାଣ୍ଡବଙ୍କ ଅନ୍ତିମକାଳେ   ଶାସିଥାନ୍ତେ ଧରା ଯେ ପାଞ୍ଚ ବାଳେ,
ରଖିଥାନ୍ତେ ଯେତୁ ଯଶ,
ଘୋର ଅବବୁଝପଣେ ଲୋପ କଲୁ   ଆଜି ସିନା ସେହି ବଂଶ ।

—୧୦—

ମୁହିଁ ଅପରାଧୀ, ମହାପାତକ   କରି, ପାଶକୁ ଡାକିଲି ଅନ୍ତକ,
ସତୀ ଯାଜ୍ଞସେନୀ ନିର୍ଦ୍ଦୋଷ ନାରୀ,   ଝରାଇଲି ତାଙ୍କ ନୟନୁ ବାରି,
ମରାଇଲି ଶିଶୁ କୋଳେ,
କରାଇଲି ଅତି କାପୁରୁଷ ସମ   ବିବସନା ସଭାତଳେ ।

—୧୧—

ହେଲି ପାଣ୍ଡବଙ୍କପ୍ରତି ନିଷ୍ଠୁର,   କଲି ତାଙ୍କ ସୁଖ-ସମ୍ପଦ ଦୂର,
ଦେଲି ଜତୁଗୃହ ଜାଳି କପଟେ,   ପଶାଖେଳେ ହରି ପଣ ଖଟିଣ
ପଠାଇଲି ନିର୍ବାସନେ,
ଚିନ୍ତିଲି ଅନ୍ୟାୟେ ପାଣ୍ଡବକୁଳକୁ   ମାରିବି ବୋଲି ଜୀବନେ ।

—୧୨—

ଚିନ୍ତିଲି ଅନ୍ୟର ସଦା ଅହିତ,   ହିଂସା-ଅନଳରେ ଜଳଇ ଚିତ୍ତ,
ଦହେ ଅହରହ ନିଜ ମରମ   ଅସଂଖ୍ୟ ବୃଶ୍ଚିକ-ଦଂଶନ ସମ,
ଜୀବନର ସବୁ ପାପ,
ମରଣ ଆଗରୁ ମୃତ୍ୟୁର ଯନ୍ତ୍ରଣା   ଦିଏ ଶତ ଅନୁତାପ ।

Digitized by srujanika@gmail.com

ଏ ଜୀବନେ ଆଉ ନାହିଁ କାରଣ, ଜୀବନ୍ତ-ମରଣ କଲି ବରଣ,
ମନ୍ତ୍ରି ଅପକର୍ମେ ଜୀବନବ୍ୟାପୀ ନୋହିଲି ସନ୍ତୁଷ୍ଟ ଶତ୍ରୁ ତଥାପି,
ଶେଷେ ବଂଶ ଦେଲି ନାଶି,
ମୋର ମରଣରେ ଏ କଥା ସୁରଣେ ରଖନ୍ତୁ ଜଗତବାସୀ ।"

ପ୍ରଶ୍ନ

୧ । ଦୁର୍ଯୋଧନ କି ଅବସ୍ଥାରେ ଓ କେଉଁବେଳେ ବ୍ୟାସ-ସରୋବରମଧ୍ୟରେ ଆଶ୍ରୟ ନେଇଥିଲେ ?

୨ । ଅଶ୍ୱତ୍ଥାମା ପଞ୍ଚପାଣ୍ଡବଙ୍କୁ ହତ୍ୟା କରିବାକୁ ଯାଇ କାହାକୁ ହତ୍ୟା କରିଥିଲେ ?

୩ । ଦୁର୍ଯୋଧନ ପାଞ୍ଚଗୋଟି ଛିନ୍ନ ଶିର ଦେଖିବାମାତ୍ରେ ତାଙ୍କ ମନରେ କି ଭାବ ଜାତ ହେଲା ?

୪ । (କ) "ମରଣ ଆଗରୁ ମୃତ୍ୟୁର ଯନ୍ତ୍ରଣା ଦିଏ ଶତ ଅନୁତାପ !"
—ଏହାର ସରଳାର୍ଥ ଲେଖ ।
(ଖ) "ସେ ପଞ୍ଚପାଣ୍ଡବ-ଶିର······ହେବ ତେବେ କାର !"
—ପୂର୍ବାପର ସମ୍ପର୍କ ସହିତ ଏହାର ଭାବାର୍ଥ ଲେଖ ।

୫ । ଦ୍ରୋଣଙ୍କ ତନୁରୁ ଜାତ, ମହାନ୍ ଅଟେ ଭୁଜ ଯାହାର, କୁରୁମାନଙ୍କମଧ୍ୟରେ ପତି, ଈର୍ଷାରୂପକ ଅନଳ, କୁଳର ନନ୍ଦନ, ଭଗ୍ନ ହୋଇଛି ଜାନୁ ଯାହାର, ରୋଷଦ୍ୱାରା କଷାୟିତ, ସୁଖ ଓ ସମ୍ପଦ, ଜହ୍ନୁନନ୍ଦିନୀ ଗୃହ—ଏଗୁଡ଼ିକର ସମସ୍ତପଦ କର ।

Digitized by srujanika@gmail.com

ଚିତ୍ର, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ

ସାଧାରଣତଃ ଚିତ୍ର, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟକୁ ସୂକ୍ଷ୍ମକଳା ବୋଲଯାଏ । ରେଖା ଓ ରଙ୍ଗ ସାହାଯ୍ୟରେ ଯେଉଁ ଛବି ଅଙ୍କିତ ହୁଏ ତାହାକୁ ଚିତ୍ର କୁହାଯାଏ । କାଷ୍ଠ, ହସ୍ତିଦନ୍ତ, ପ୍ରସ୍ତର, ମୃତ୍ତିକା, ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଓ ପିତ୍ତଳ ଆଦିରେ ଯେଉଁସବୁ ରୂପ ଓ ମୂର୍ତ୍ତି ଗଠିତ ବା ଖୋଦିତ ହୁଏ, ତାହା ଭାସ୍କର୍ଯ୍ୟର ଅନ୍ତର୍ଭୁକ୍ତ । ପୁଣି ଏହିସକଳ ଚିତ୍ର ବା ଭାସ୍କର୍ଯ୍ୟଦ୍ୱାରା ସଜ୍ଜିତ ଗୃହ କିମ୍ବା ମନ୍ଦିରର ଗଠନ-କଳା ସ୍ଥାପତ୍ୟ ନାମରେ ପରିଚିତ ।

ବସ୍ତ୍ର, ଅଳଙ୍କାର, ବାସନ ଆଦି ଗୃହର ଉପକରଣଗୁଡ଼ିକରେ ଅଙ୍କିତ କାରୁକାର୍ଯ୍ୟଗୁଡ଼ିକ ମଧ୍ୟ ସୂକ୍ଷ୍ମକଳା ନାମରେ ପରିଚିତ । ଆମ୍ଭ ଦେଶରେ ଏହିସବୁ କଳା ନାନା ରୂପରେ ପ୍ରକାଶିତ ହୋଇଛି । ସେଗୁଡ଼ିକୁ ବିଚାର କଲେ ମନୁଷ୍ୟ-ସଭ୍ୟତା ସମ୍ବନ୍ଧରେ ଜ୍ଞାନ ଜାତ ହୁଏ । ମାନବର ରୁଚି ସବୁ ଯୁଗରେ ସମାନ ରହେ ନାହିଁ । ରୁଚି ବଦଳିବା ସଙ୍ଗେ ସଙ୍ଗେ ଚିତ୍ର, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ମଧ୍ୟ ବଦଳି ଯାଇଥାଏ । ଉଦାହରଣସ୍ୱରୂପ ପୂର୍ବେ ଯେଉଁସବୁ ପୋଷାକ ଓ ଅଳଙ୍କାର ବ୍ୟବହୃତ ହେଉଥିଲା ଏବଂ ଯେପରି ଗୃହରେ ଲୋକେ ବାସ କରୁଥିଲେ, ବର୍ତ୍ତମାନ ତାହା ନାହିଁ । ପ୍ରାଚୀନ କଳାର ଅବଶେଷ ସଙ୍ଗେ ଆଧୁନିକ କଳାର ତୁଳନା କଲେ ଏହା ବୁଝିହେବ ।

— ଚିତ୍ର —

ଭାରତର ଶ୍ରେଷ୍ଠ ଚିତ୍ରକଳା ଅଜନ୍ତା ଗୁମ୍ଫାରେହିଁ ଜନ୍ମ ଲାଭ କରିଥିଲା ବୋଲି କୁହାଯାଏ । ହାଇଦରାବାଦ ରାଜ୍ୟର ଆଉରଙ୍ଗାବାଦଠାରୁ ପନ୍ଦର ମାଇଲ ଦୂରରେ ଅଜନ୍ତା ଗୁମ୍ଫାଗୁଡ଼ିକ

Digitized by srujanika@gmail.com

ପ୍ରାୟ ୨୫୦ ଫୁଟ ଉଚ୍ଚ ଗୋଟିଏ ପ୍ରକାଣ୍ଡ ପର୍ବତଗାତରେ ଖୋଦିତ । ଆନୁମାନିକ ଦୁଇ ହଜାର ବର୍ଷ ପୂର୍ବେ ବୁଦ୍ଧଦେବଙ୍କ ଜୀବନଚରିତ ବିଷୟରେ ଏହି ଗୁହାମାନଙ୍କରେ ଅତି ସୁନ୍ଦର ଚିତ୍ର ଅଙ୍କିତ ହୋଇଥିଲା । ସେଥିମଧ୍ୟରୁ କେତେକ ନଷ୍ଟପ୍ରାୟ ହୋଇଥିଲେହେଁ ଆଉ କେତେକ ଚିତ୍ରର ରଙ୍ଗ ଆଜି ସୁଦ୍ଧା ଅବିକୃତ ଅବସ୍ଥାରେ ଅଛି ।

[ଅଜନ୍ତାର ଚିତ୍ରକଳା]

ଅଜନ୍ତା ଗୁମ୍ଫାର କାନ୍ଥ ଓ ସ୍ତମ୍ଭଉପରେ ତତ୍କାଳୀନ ଭାରତର ଯେଉଁସବୁ ଦୈନନ୍ଦିନ ଚିତ୍ର ନିପୁଣ ଶୈଳୀରେ ଅଙ୍କିତ ହୋଇଛି, ତାହା ଦେଖି ନିରକ୍ଷର ଲୋକ ମଧ୍ୟ ଅତୀତର ଇତିହାସ ଓ ସଭ୍ୟତା ବିଷୟରେ ଜ୍ଞାନ ଲାଭ କରେ । ଏଗୁଡ଼ିକରେ ରାଜ-ପୁତ୍ର,

Digitized by srujanika@gmail.com

ରାଜକନ୍ୟା, ସାଧାରଣ ନାରୀପୁରୁଷ, ରନ୍ଧନ, ଭୋଜନ, ନୃତ୍ୟ, କ୍ରୀଡ଼ା, ଶିକାର, ହସ୍ତିଯୁଦ୍ଧ ପ୍ରଭୃତି ଜୀବନ୍ତଭାବରେ ଫୁଟିଉଠିଛି ।

ବୌଦ୍ଧଯୁଗପରେ ରାଜପୁତ ଓ ମୋଗଲମାନଙ୍କ ସମୟରେ ସ୍ୱତନ୍ତ୍ର ରୀତି ଅନୁଯାୟୀ ବିଭିନ୍ନ ରଙ୍ଗର ସମାବେଶରେ ଚିତ୍ରାଙ୍କନ କରାଯାଉଥିଲା । ସେତେବେଳେ ହିନ୍ଦୁ ଦେବଦେବୀ, ବିଶେଷତଃ ରାଧାକୃଷ୍ଣଙ୍କ ଛବି ବେଶି ଜନପ୍ରିୟ ହୋଇଥିବା ଜଣାପଡ଼େ । ସପ୍ତଦଶ ଶତାବ୍ଦୀରେ ରାଜସ୍ଥାନୀ ଚିତ୍ରକଳା ନାମକ ଗୋଟିଏ ନୂତନ ରୀତି ପଞ୍ଜାବ ଓ କାଶ୍ମୀର ରାଜ୍ୟରେ ପ୍ରଚଳିତ ଥିଲା । ଏହିସକଳ ଆଲେଖ୍ୟରେ ଉଜ୍ଜ୍ୱଳ ରଙ୍ଗଚ୍ଛଟା ଦର୍ଶକନେତ୍ରକୁ ଝଲସାଇଦିଏ । ମୋଗଲସମ୍ରାଟ୍ ଆକବରଙ୍କ ସମୟରେ ପାରସ୍ୟର ଅବ୍ଦୁସ୍ ସମଦ୍ ପ୍ରମୁଖ କେତେକ ବିଶିଷ୍ଟ ଶିଳ୍ପୀ ଭାରତକୁ ଆସି ଚିତ୍ରାଙ୍କନରେ ଖ୍ୟାତି ଅର୍ଜନ କରିଥିଲେ । ମାତ୍ର ତାହାପରେ ଭାରତୀୟ ଚିତ୍ରକଳାର ଅବନତି ଘଟିଥିଲା ।

ବର୍ତ୍ତମାନ ଯୁଗରେ ଅବନୀନ୍ଦ୍ରନାଥ ଠାକୁର ଓ ନନ୍ଦଲାଲ ବୋଷଙ୍କ ନେତୃତ୍ୱରେ ଭାରତୀୟ ଚିତ୍ରକଳାର ପୁଣି ଅଭ୍ୟୁଦୟ ହେଲା । ଆଧୁନିକ ଯୁଗର ଚିତ୍ରଶିଳ୍ପୀମାନେ ଅଜନ୍ତା ରୀତିକୁ ଅନୁସରଣ କଲେ । ଅଜନ୍ତା ଚିତ୍ରର ରୂପଲାବଣ୍ୟ ଓ କମନୀୟ ଭଙ୍ଗୀ ଭାରତୀୟ ଶିଳ୍ପୀର ତୂଳୀରେ ପୁଣି ଜୀବନ୍ୟାସ ଲାଭ କଲା । କଲିକତା, ବମ୍ବେ ଓ ମାଡ୍ରାଜରେ ପ୍ରତିଷ୍ଠିତ ଶିଳ୍ପବିଦ୍ୟାଳୟମାନଙ୍କରୁ ଏବେ ଶତାଧିକ ଛାତ୍ରଛାତ୍ରୀ ପ୍ରତି ବର୍ଷ ଉତ୍ତୀର୍ଣ୍ଣ ହୋଇ ଚିତ୍ରକଳାର ଉନ୍ନତି ସାଧନ କରୁଛନ୍ତି ।

ଓଡ଼ିଶାରେ ପ୍ରାଚୀନ ଚିତ୍ରକଳାର କେତେକ ନିଦର୍ଶନ କେନ୍ଦୁଝର ଜିଲ୍ଲାର ରାବଣଛାୟାପର୍ବତ-ଗାତରେ ଆଜିପର୍ଯ୍ୟନ୍ତ ଅବିକଳ ଅବସ୍ଥାରେ ଅଛି । ସେଥିରେ ଯେଉଁସବୁ ରଙ୍ଗ ବ୍ୟବହୃତ ହୋଇଥିଲା, ତାହା ଉଖୁଡ଼ି ମଳିନ ପଡ଼ିଥିଲେହେଁ ମୌଳିକ

Digitized by srujanika@gmail.com

ଜ୍ୟୋତି ହରାଇ ନାହିଁ । ଏବେ ମଧ୍ୟ ଓଡ଼ିଶାରେ ଚିତ୍ରକର ନାମକ ଗୋଟିଏ ସ୍ୱତନ୍ତ୍ର ଜାତି ଅଛନ୍ତି । ବିବାହ, ବ୍ରତ, ଓଷାପର୍ବାଦିରେ ସେମାନେ କାନ୍ଥରେ ଚିତ୍ର ଅଙ୍କନ କରନ୍ତି । ଜଗନ୍ନାଥ ପଟି, ହାଣ୍ଡି, ସବାର ଓ ପେଡ଼ି ପ୍ରଭୃତି ସେହିମାନଙ୍କଦ୍ୱାରା ଚିତ୍ରିତ ହୁଏ ।

ଆମ୍ଭମାନଙ୍କ ପ୍ରାଚୀନ ଶୈଳୀର ଚିତ୍ରଗୁଡ଼ିକ ରେଖାପ୍ରଧାନ; ବର୍ଣ୍ଣ ସେଠାରେ ଗୌଣ ହୋଇ ରହେ । ଓଡ଼ିଆ ଚିତ୍ରକରମାନେ ଏକାଥରକେ ତୂଳୀ ସାହାଯ୍ୟରେ ଅଙ୍କନ କରନ୍ତି । ଯଥାସ୍ଥାନରେ ସେମାନେ ଏପରି ତୂଳୀ ଟାଣନ୍ତି ଯେ, ତାହାର ସଂଶୋଧନ ଆବଶ୍ୟକ ହୁଏ ନାହିଁ । ଓଡ଼ିଆ ତାଳପତ୍ର ପୋଥିରେ ମଧ୍ୟ ଲୌହଲେଖନୀ ସାହାଯ୍ୟରେ ରେଖାଙ୍କନଦ୍ୱାରା ନାନାପ୍ରକାର ଚିତ୍ର ଅଙ୍କନ କରି ରଙ୍ଗ ଦେବା ଗୋଟିଏ ପ୍ରାଚୀନ ଶୈଳୀ ଥିଲା । ରାମାୟଣ ଓ ଗୀତଗୋବିନ୍ଦ ପ୍ରଭୃତି ପୋଥିରେ ଏପ୍ରକାର ସୁନ୍ଦର ଚିତ୍ରମାନ ଦେଖାଯାଏ । ଏହିପରି ଗୋଟିଏ ପୋଥିରେ ଏକ ହଜାରରୁ ଅଧିକ ରେଖାଚିତ୍ର ସାହାଯ୍ୟରେ ରାମାୟଣ ବର୍ଣ୍ଣିତ ହୋଇଛି ଏବଂ ତାହା କଲିକତା ବିଶ୍ୱବିଦ୍ୟାଳୟର ଆଶୁତୋଷ ଯାଦୁଘରେ ପ୍ରଦର୍ଶିତ ହୋଇଅଛି ।

ଓଡ଼ିଆ ଚିତ୍ରଶିଳ୍ପୀମାନଙ୍କର ରଙ୍ଗ ଦେବା ପ୍ରଣାଳୀ ସର୍ବତ୍ର ପ୍ରାୟ ସମାନ ହୋଇଥାଏ । ସେମାନେ କେଶକୁ କୃଷ୍ଣ, ଦେହକୁ ଗୌର ଓ ପୀତ, ଜଳକୁ ନୀଳ, ବସ୍ତ୍ର ବା ବସ୍ତ୍ରଧଡ଼ିକୁ ରକ୍ତବର୍ଣ୍ଣଦ୍ୱାରା ରଞ୍ଜନ କରନ୍ତି । ଶ୍ରୀକୃଷ୍ଣଙ୍କ ବସ୍ତ୍ରହରଣ, କାଳୀୟଦଳନ, ଲକ୍ଷ୍ମୀନୃସିଂହ ଓ ସୀତାରାମ ଚିତ୍ର ସଙ୍ଗେ ଋଷି-ଆଶ୍ରମ, ସଂକୀର୍ତ୍ତନ, ହସ୍ତୀ, ଅଶ୍ୱ, ବ୍ୟାଘ୍ର, ସିଂହ, ପକ୍ଷୀ ଓ ଲତାପତ୍ର ଆଦି ଚିତ୍ରରେ ଓଡ଼ିଆ ଶିଳ୍ପୀଙ୍କ କୃତିତ୍ୱର ପରିଚୟ ମିଳେ । ନବଗୁଞ୍ଜର ଚିତ୍ର ଓଡ଼ିଆ ଶିଳ୍ପୀଙ୍କର ଗୋଟିଏ ବିଚିତ୍ର ସୃଷ୍ଟିରୂପେ ପରିଗଣିତ ହୋଇଛି ।

Digitized by srujanika@gmail.com

ବର୍ତ୍ତମାନ କେତେକ ଉତ୍କଳୀୟ ଶିଳ୍ପୀ ଆଧୁନିକ ରୀତିରେ ଶିକ୍ଷା ଲାଭ କରି ଚିତ୍ରଶିଳ୍ପରେ ଖ୍ୟାତି ଅର୍ଜନ କଲେଣି । ଭାରତୀୟ ବିଭିନ୍ନ ପ୍ରଦର୍ଶନୀରେ ସେମାନଙ୍କର ଚିତ୍ର ଆଦୃତ ଓ ପୁରସ୍କୃତ ହୋଇଛି ।

—ଭାସ୍କର୍ଯ୍ୟ—

ଚିତ୍ରପରି ଭାସ୍କର୍ଯ୍ୟ ମଧ୍ୟ ସର୍ବଜନବୋଧ; ଅର୍ଥାତ୍ ଗୋଟିଏ ଦେଶର ଭାସ୍କର୍ଯ୍ୟକୁ ଅପର ଭାଷାଭାଷୀ ଅଞ୍ଚଳର ଲୋକେ ସହଜରେ ବୁଝିପାରନ୍ତି । ଓଡ଼ିଆ ଭାଷା ଜାଣି ନ ଥିବା ଲୋକମାନଙ୍କ ପକ୍ଷରେ ଉତ୍କଳୀୟ ମୂର୍ତ୍ତିଗୁଡ଼ିକରୁ ଏ ଦେଶର ଶିକ୍ଷା ଓ ସଭ୍ୟତା ସମ୍ପର୍କରେ ଧାରଣା କରିବା କଷ୍ଟକର ହୁଏ ନାହିଁ । ତେଣୁ ଚିତ୍ର, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟକୁ ସଭ୍ୟତାର ମୂକ-ସାକ୍ଷୀ ବୋଲାଯାଏ ।

ସଙ୍ଗୀତଜ୍ଞର ଭାବ ଯେପରି ବିଭିନ୍ନ ରାଗରାଗିଣୀ ଓ ନାଦ ସାହାଯ୍ୟରେ ପ୍ରକାଶିତ ହୁଏ, ସେହିପରି ଶିଳ୍ପୀର ମନୋଭାବ ମୂକ ପ୍ରସ୍ତରମୂର୍ତ୍ତିଗୁଡ଼ିକରେ ପରିସ୍ଫୁଟ ହୋଇଥାଏ । ଓଡ଼ିଶାର ପୁରୀ, ଭୁବନେଶ୍ୱର ଓ କୋଣାର୍କ ମନ୍ଦିରର ଗାତ୍ରରେ ଯେଉଁସବୁ ଦେବ-ଦେବୀ, ନର୍ତ୍ତକ-ନର୍ତ୍ତକୀ, ଗୃହସ୍ଥ-ସନ୍ନ୍ୟାସୀ, ରାଜା-ସୈନିକ, କୃଷକ-ନାବିକ, ପଶୁ-ପକ୍ଷୀ ଓ ବୃକ୍ଷ-ଲତାର ମୂର୍ତ୍ତିସକଳ ଖୋଦିତ ହୋଇଛି, ତହିଁରୁ ଆମ୍ଭମାନଙ୍କ ଅତୀତ ସଭ୍ୟତାର ଉତ୍ତମ ପରିଚୟ ମିଳେ ।

ଭୁବନେଶ୍ୱର ମନ୍ଦିରମାନଙ୍କର ମୂର୍ତ୍ତିସକଳରୁ ଜଣାଯାଏ ଯେ, ତତ୍କାଳୀନ ଓଡ଼ିଶାର ପୁରୁଷମାନେ ଚପକନ ଓ ପାଇଜାମା ପିନ୍ଧୁଥିଲେ ଏବଂ ନାରୀମାନେ ସୁନ୍ଦର ଛିଟବସ୍ତ୍ରଦ୍ୱାରା ଅଙ୍ଗର ଶୋଭା ବର୍ଦ୍ଧନ କରୁଥିଲେ । ସେଥିରୁ ଏଦେଶର ତନ୍ତୀ ଓ ଦରଜୀମାନେ ସୂକ୍ଷ୍ମ ବସ୍ତ୍ର ଓ ପୋଷାକ ପ୍ରସ୍ତୁତ କରିବାରେ ନିପୁଣ ଥିଲେ ବୋଲି ଜଣାଯାଏ

Digitized by srujanika@gmail.com

[ନଟରାଜ ମୂର୍ତ୍ତି]

ନାହିଁ କି ? ରମଣୀମାନେ ମସ୍ତକ, କର୍ଣ୍ଣ, ନାସିକା, ଗ୍ରୀବା, ବାହୁ, ହସ୍ତ, କଟି ଓ ପାଦରେ ନାନା ଅଳଙ୍କାର ଧାରଣ କରୁଥିଲେ । ସେସମୟରେ ସ୍ୱର୍ଣ୍ଣ ଓ ରୌପ୍ୟକାରିଗରମାନଙ୍କର ଦକ୍ଷତା ଏଥିରୁ ପ୍ରମାଣିତ ହୁଏ ନାହିଁ କି ? ସୂକ୍ଷ୍ମ କାରୁକାର୍ଯ୍ୟଖଚିତ ଖଟ, ପଲଙ୍କ, ପାଲିଙ୍କି, ସବାରି ଓ ଚୌଦୋଳର ଚିତ୍ରରୁ ଜଣାଯାଏ ଯେ, କାଷ୍ଠକର୍ମରେ ମଧ୍ୟ ସେକାଳର ଓଡ଼ିଆ ବଢ଼େଇ ନିପୁଣ ଥିଲେ । କଂସାପିତ୍ତଳର ନାନାପ୍ରକାର ଗରା, ଡାଳ, ଥାଳି, ପିକଦାନ, ଫୁଲଦାନ ତଥା ଦର୍ପଣ, ବନ୍ଧଣା, ଆଲଟ ପ୍ରଭୃତିର ଚିତ୍ର ମଧ୍ୟ ଖୋଦିତ ହୋଇଛି । ଏସବୁ ଆମ ଅତୀତ ସଭ୍ୟତାର ସ୍ପଷ୍ଟ ପରିଚୟ ଦିଏ ନାହିଁ କି ?

ଏ ମୂର୍ତ୍ତିଗୁଡ଼ିକରୁ ଆହୁରି ମଧ୍ୟ ଜଣାଯାଏ ଯେ, ସେକାଳରେ ଢୋଲ, ପଖାଉଜ, ବୀଣା, ମର୍ଦ୍ଦଳ, ଘଣ୍ଟା, କାହାଳୀ ଓ ବଂଶୀ ଆଦି ବାଦ୍ୟଯନ୍ତ୍ରର ବ୍ୟବହାର ଥିଲା ଏବଂ ଉତ୍କଳୀୟମାନେ ସଙ୍ଗୀତ କଳାରେ ପାରଦର୍ଶୀ ଥିଲେ । ଯାନବାହନମଧ୍ୟରେ ଶଗଡ଼, ରଥ, ନୌକା, ହସ୍ତୀ, ଅଶ୍ୱ ଓ ବଳଦ ପ୍ରଧାନ ଥିଲା ବୋଲି ଜଣାଯାଏ । ଯୁଦ୍ଧ କରିବା ସମୟରେ

Digitized by srujanika@gmail.com

ଓଡ଼ିଆ ସୈନ୍ୟମାନେ ଧନୁଶର, ବର୍ଚ୍ଛା, ଗଦା, ତରବାରି, ଛୁରୀ, କଟାରି ଆଦି ବ୍ୟବହାର କରୁଥିଲେ । ରଣ-ଅଭିଯାନରେ ଢକ୍କା, ତୂରୀ, ଦମାମା ଓ ଶଙ୍ଖ ନିନାଦ କରି ତ୍ରିକୋଣାକାର ପତାକା ଉଡ଼ାଇ ବୀରମାନେ ଯାତ୍ରା କରୁଥିଲେ ।

ଭାସ୍କର୍ଯ୍ୟରେ ଓଡ଼ିଆ ଶିଳ୍ପୀ ଚରମ ଉତ୍କର୍ଷ ଲାଭ କରିଥିଲା ବୋଲିବାକୁ ହେବ । ପ୍ରସ୍ତରମୂର୍ତ୍ତିମାନଙ୍କରେ ଯେଉଁସକଳ ଭାବ ପ୍ରକାଶ କରାଯାଇଛି, ତାହାର ପଟାନ୍ତର ନାହିଁ । ସୁନାରୂପାର କାର୍ଯ୍ୟ ପରି କୋଣାର୍କ ଓ ଭୁବନେଶ୍ୱର ପାଷାଣଦେହରେ ଲତାପତ୍ରର ଅଙ୍କନ ଯେପରି ସୂକ୍ଷ୍ମ, ସେହିପରି ସୁନ୍ଦର ଏବଂ ଜୀବଜନ୍ତୁ ଓ ମନୁଷ୍ୟର ରୂପ ସେତିକି ଜୀବନ୍ତ ବୋଧ ହୋଇଥାଏ । କେଉଁଠାରେ ତ୍ରସ୍ତ ହରିଣଶ୍ରେଣୀ ସାକ୍ଷାତ୍ ଧାବମାନ; କେଉଁଠି ନୃତ୍ୟରତା ନାରୀର ଅପୂର୍ବ ଭଙ୍ଗିମା; କେଉଁଠି ଧ୍ୟାନମଗ୍ନ ଯୋଗୀର ଶାନ୍ତ ନିଶ୍ଚଳତା; ଆଉ କାହିଁ ବା ସୈନିକର ବିଜୟୋଲ୍ଲାସ—ଏସବୁ ସୁନ୍ଦର ଅଙ୍କିତର ଏକ ବିଚିତ୍ର ସ୍ୱପ୍ନରାଜ୍ୟକୁ ଦର୍ଶକଚିତ୍ତକୁ ଟାଣି ନେଇଯାନ୍ତି ।

ସାତ ଶହ ବର୍ଷ ପୂର୍ବେ କୋଣାର୍କ ମନ୍ଦିର ନିର୍ମିତ ହୋଇଥିଲା । କିନ୍ତୁ ମୂର୍ତ୍ତିଗୁଡ଼ିକୁ ଦେଖିଲେ ମନେ ହୁଏ, ବର୍ତ୍ତମାନ ଯେପରି ଶିଳ୍ପୀ ତାହାର କାର୍ଯ୍ୟ ଶେଷ କରି ବିଶ୍ରାମ ନେବାକୁ ଯାଇଛି । ରଥାକାରରେ ନିର୍ମିତ ହୋଇ ଏଥିରେ ଚକ, ଅଶ୍ୱ, ଅନୀକଳ ଆଦି ଯେପରି କୌଶଳରେ ଖଞ୍ଜାଯାଇଛି, ତାହା ଦେଖି ଦର୍ଶକ ବିହ୍ୱଳ ହୋଇପଡ଼େ । ବହୁସଂଖ୍ୟକ ପଦ୍ମପୁଷ୍ପରେ ମନ୍ଦିରର ସର୍ବାଙ୍ଗ ଆବୃତ । ସୂକ୍ଷ୍ମ ଶିଳ୍ପବୈଭବ ସଙ୍ଗେ କୋଣାର୍କର ବିଶାଳ ଶିଳାସମାବେଶ ଅଧିକ ବିସ୍ମୟ ଜନ୍ମାଇଥାଏ । ଗୋଟିଏ

Digitized by srujanika@gmail.com

ଗୋଟିଏ ଶିଳାଖଣ୍ଡ ସୂତ୍ର ତାନାରେ ଗଢ଼ ପ୍ରକାଣ୍ଡ । ସେଥିଲାଗି କୋଣାର୍କ କେବଳ ଭାରତରେ ନୁହେଁ, ବିଶ୍ୱ-ସ୍ଥାପତ୍ୟରେ ମଧ୍ୟ ଶ୍ରେଷ୍ଠ ଆସନ ଲାଭ କରିଅଛି ।

[ଏଲୋର ମନ୍ଦିର]

ଭାରତର ଶ୍ରେଷ୍ଠ ଭାସ୍କର୍ଯ୍ୟମଧ୍ୟରେ ଏଲୋର ଗୁମ୍ଫାସ୍ଥ କୈଳାସ-ମନ୍ଦିରର ମୂର୍ତ୍ତିସକଳ ପ୍ରଧାନ । ଏକ ପର୍ବତଗାତ୍ରରୁ ଖୋଦିତ ହୋଇ ଏହି ମନ୍ଦିର ଗୋଟିଏ ମାତ୍ର ପ୍ରକାଣ୍ଡ ଶିଳାରେ ଗଠିତ ହୋଇଅଛି, ଅଥଚ ଦୂରରୁ ଦେଖିଲେ ବହୁସଂଖ୍ୟକ ପ୍ରସ୍ତର ବ୍ୟବହୃତ ହୋଇ-ଥିବା ପରି ଜଣାପଡ଼େ । ଏଥିରେ ରାମାୟଣ ଓ ମହାଭାରତର ଚିତ୍ରସକଳ ଖୋଦିତ ହୋଇଅଛି ।

ବୁଦ୍ଧଗଦ୍ୱାର ମନ୍ଦିର ଓ ସାଞ୍ଚିସ୍ତୂପଗୁଡ଼ିକରେ ବୁଦ୍ଧଦେବଙ୍କ ଜୀବନବୃତ୍ତାନ୍ତ ଅତି ସୁନ୍ଦରଭାବରେ ଅଙ୍କିତ ହୋଇଛି । ଏହିସକଳ

Digitized by srujanika@gmail.com

ସୌନ୍ଦର୍ଯ୍ୟ ଦେଖିଲେ ଭାରତୀୟ ଶିଳ୍ପୀମାନଙ୍କର ବହୁବର୍ଷବ୍ୟାପୀ ନୀରବ ଅଧ୍ୟବସାୟ, ଧୈର୍ଯ୍ୟ ଓ ଅଭିନିବେଶର ସୂଚନା ମିଳିଥାଏ ।

ଆଧୁନିକ ଭାସ୍କରମାନେ ମଧ୍ୟ ମୂର୍ତ୍ତିଗଠନରେ ପାରଦର୍ଶିତା ଲାଭ କରିଛନ୍ତି ଏବଂ ବହୁ ପ୍ରଖ୍ୟାତ ନେତା ଓ ଶାସକଙ୍କର ପ୍ରତିକୃତି-ଗଠନରେ କୃତିତ୍ୱ ଅର୍ଜନ କରିଛନ୍ତି । ତଥାପି ଅନ୍ୟାନ୍ୟ ଉନ୍ନତ ଦେଶର ଭାସ୍କରମାନଙ୍କ ସହିତ ସମାନ ହେବାପାଇଁ, ପୁଣି ନିଜ ଅତୀତ ଗୌରବର ଯୋଗ୍ୟ ଉତ୍ତରାଧିକାରୀ ହେବାପାଇଁ ଅଧିକ ସାଧନା ଓ ଅଧ୍ୟବସାୟ ଆବଶ୍ୟକ ।

—ସ୍ଥାପତ୍ୟ—

ଭାରତର ପ୍ରାଚୀନ ସ୍ଥାପତ୍ୟକୀର୍ତ୍ତିମଧ୍ୟରେ ମୋଗଲସମ୍ରାଟ୍ ସାହାଜାହାନଙ୍କଦ୍ୱାରା ନିର୍ମିତ ତାଜମହଲଟି ସର୍ବଶ୍ରେଷ୍ଠ ବୋଲି କଥିତ । ଏହାର ନିର୍ମାଣପ୍ରଣାଳୀ ପୃଥିବୀପ୍ରସିଦ୍ଧ । ଏହା ଆଗ୍ରା ସହରରେ ଅବସ୍ଥିତ । ଅଠର ଫୁଟ ଉଚ୍ଚ ବେଦିକାଉପରେ ଶୁଭ୍ର ଶ୍ୱେତମର୍ମର ପ୍ରସ୍ତରରେ ତାଜମହଲ ଓ ତାହାର ସ୍ତମ୍ଭ-ଚତୁଷ୍ଟୟ ନିର୍ମିତ ହୋଇଛି । ଏଥିରେ ମାର୍ବଲ ପ୍ରସ୍ତରର ସୂକ୍ଷ୍ମ କାରୁକାର୍ଯ୍ୟ ଅତୁଳନୀୟ । ଅଦ୍ଭୁତ ନିର୍ମାଣ-ଗୌରବ ତାଜ-ମହଲକୁ ଚିର ନୂତନ କରି ରଖିଅଛି । ଅଦୂରରେ ଯମୁନା ନଦୀର ରମଣୀୟ ଦୃଶ୍ୟ ଏହି ଅଦ୍ଭୁତ ସୃଷ୍ଟିକୁ ପ୍ରାକୃତିକ ଶୋଭା-ସମ୍ପଦରେ ମଣ୍ଡନ କରେ ।

[ବୁଦ୍ଧଗୟାମନ୍ଦିର ୨୦୦୦ ବର୍ଷ ପୂର୍ବେ ନିର୍ମିତ]

Digitized by srujanika@gmail.com

ଭାରତର ଅନ୍ୟାନ୍ୟ ସ୍ଥାପତ୍ୟମଧ୍ୟରେ ଦାକ୍ଷିଣାତ୍ୟର କାଞ୍ଜିବରମ୍ ମନ୍ଦିର, ତ୍ରିଚିନାପଲ୍ଲୀର ଶ୍ରୀରଙ୍ଗମ୍ ମନ୍ଦିର ଏବଂ ମଦୁରା ଓ ରାମେଶ୍ୱର ମନ୍ଦିରମାନଙ୍କର ଗଠନଶୈଳୀ ବିଖ୍ୟାତ । ମଧ୍ୟ ଓ ଉତ୍ତର-ଭାରତର ବୁଦ୍ଧଗୟା, କୋଣାର୍କ, ପୁରୀ ଓ ଭୁବନେଶ୍ୱର ମନ୍ଦିରମାନ, ରାଜପୁତାନାର ପ୍ରାସାଦମାନ, ଗୋଆଲିୟରର ଦୁର୍ଗ, କାଶ୍ମୀରର ସ୍ୱର୍ଣ୍ଣମନ୍ଦିର, ବିଜାପୁରର ଗୋଲ-ଗମ୍ବୁଜ, ଲକ୍ଷ୍ନୌର ଇମାମ୍‌ବାରା, ଦିଲ୍ଲୀର ଲାଲକିଲ୍ଲା, ଜୁମା ମସଜିଦ୍ ଓ କୁତବମିନାର, ଆଗ୍ରା ନିକଟବର୍ତ୍ତୀ ଫତେପୁର ସିକ୍ରୀ ଏବଂ ଅହମଦାବାଦର ମସଜିଦ-ମାନଙ୍କଦ୍ୱାରା ପ୍ରାଚୀନ ସ୍ଥାପତ୍ୟର କୀର୍ତ୍ତି ଘୋଷିତ ହେଉଅଛି ।



[ଭାରତୀୟ ବ୍ୟବସ୍ଥାପକ ସଭାଗୃହ]

କଲିକତାର ଭିକ୍ଟୋରିଆ ମେମୋରିଆଲ୍ ହଲ୍ ଓ ନୂତନ ଦିଲ୍ଲୀର ପାର୍ଲିଆମେଣ୍ଟ ଭବନ ଇତ୍ୟାଦି ଆଧୁନିକ ଶିଳ୍ପକଳାର ବିରାଟ ନିଦର୍ଶନରୂପେ ବିଦ୍ୟମାନ ।

ପ୍ରଶ୍ନ

୧ । ଚିତ୍ର, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ କାହାକୁ କହନ୍ତି ?

୨ । ଅଜନ୍ତା ଗୁମ୍ଫାର କାନ୍ଥଗୁଡ଼ିକରେ କି କି ଚିତ୍ର ଦେଖାଯାଏ ?

Digitized by srujanika@gmail.com

୩ । କୋଣାର୍କ ଓ ଭୁବନେଶ୍ୱରର ମୂର୍ତ୍ତିଗୁଡ଼ିକରୁ ସେକାଳର ଲୋକମାନଙ୍କ ବେଶଭୂଷା ଓ ଆଚାରବ୍ୟବହାର ସମ୍ବନ୍ଧରେ କଅଣ ଜଣାଯାଏ ?

୪ । ତାଜମହଲ କାହିଁକି ପୃଥିବୀବିଖ୍ୟାତ ? ଏହା କି ପଥରରେ ତିଆରି ଏବଂ କେଉଁ ନଗରରେ ଓ କେଉଁ ନଦୀ ନିକଟରେ ଅବସ୍ଥିତ ?

୫ । (କ) ଚିତ୍ର ପରି ଭାସ୍କର୍ଯ୍ୟ ମଧ୍ୟ ସର୍ବଜନବୋଧ୍ୟ । (ଖ) ସଙ୍ଗୀତଜ୍ଞର ଭାବ······ପରିସ୍ଫୁଟ ହୋଇଥାଏ । ଏ ବାକ୍ୟ ଦୁଇଟିର ଭାବ ସରଳ ଭାଷାରେ ବୁଝାଇଦିଅ ।

୬ । ରୂପକଳା, କ୍ଷୟପ୍ରାପ୍ତ, ଅବିକୃତ, ସମାବେଶ, ଜନପ୍ରିୟ, ପ୍ରମୁଖ, ଅଭ୍ୟୁଦୟ, ନିଦର୍ଶନ, ରେଖାପ୍ରଧାନ, ଭାବନ୍ୟାସ, ଗୌଣ, ଆଲେଖ୍ୟ, ମୂକ-ସାକ୍ଷୀ, ଚରମ ଉତ୍କର୍ଷ, ମହିମା—ଏ ଶବ୍ଦଗୁଡ଼ିକର ଅର୍ଥ ଲେଖ ।

୭ । ନିମ୍ନ ଶବ୍ଦଗୁଡ଼ିକରେ ଥିବା ଉପସର୍ଗ, ଧାତୁ ଓ ପ୍ରତ୍ୟୟଗୁଡ଼ିକୁ ସ୍ୱତନ୍ତ୍ରଭାବରେ ଦେଖାଇଦିଅ—

ସମାବେଶ, ପ୍ରମୁଖ, ଅଭ୍ୟୁଦୟ, ବିକୃତ, ଅଭିଯାନ, ବିଖ୍ୟାତ, ପରିଧାନ, ସଙ୍କୀର୍ତ୍ତନ ।

୮ । ଅଧ୍ୟବସାୟ, ଅଭିନିବେଶ ଓ ଧୈର୍ଯ୍ୟ—ଏ ଶବ୍ଦଗୁଡ଼ିକର ଅର୍ଥଗତ ପାର୍ଥକ୍ୟ ବୁଝାଅ ।

Digitized by srujanika@gmail.com

ନେତାଜୀ ସୁଭାଷଚନ୍ଦ୍ର

"ଦୂରେ ବନ୍ଧୁ ଦୂରେ—ନଦନଦୀ-ଅରଣ୍ୟ-ପର୍ବତର ଅପର ପାର୍ଶ୍ୱରେ—ଆମର ମାତୃଭୂମି । ସେହି ଦେଶକୁ ଆମେ ଫେରି ଯାଉଥାଉଁ । ଏହି ଶୁଣ ! ଭାରତ ଆମକୁ ଡାକୁଛି । ଭାରତର ରାଜଧାନୀ ଦିଲ୍ଲୀ ଆମକୁ ଡାକୁଛି । ଶୁଣ ! ରକ୍ତ ଡାକୁଛି ରକ୍ତକୁ । ଅଠତିରିଶ କୋଟି ଦେଶବାସୀଙ୍କର ଆହ୍ୱାନ ଆଜି ଆସିଛି । ଆତ୍ମୀୟମାନେ ଆତ୍ମୀୟମାନଙ୍କୁ ଡାକୁଛନ୍ତି ।

ଉଠ, ନଷ୍ଟ କରିବାର ସମୟ ନାହିଁ । ହାତରେ ଅସ୍ତ୍ର ଧର । ଦେଖ, ତୁମ ଆଗରେ ସ୍ୱାଧୀନତାର ବାଟ ପଡ଼ିଛି । ସେ ବାଟ ଆମର ପୂର୍ବପୁରୁଷମାନେ ତିଆରି କରିଛନ୍ତି । ସେହି ପଥରେ ଆମକୁ ଯିବାକୁ ହେବ ।"

୧୯୪୩ ମସିହା ଜୁଲାଇ ୫ ତାରିଖରେ ଭାରତର ଜାତୀୟ-ବାହିନୀର ପୁନର୍ଗଠନ କରି ଯୁଦ୍ଧପାଇଁ ସେମାନଙ୍କୁ ଏହିପରି ତେଜସ୍ୱୀ ଭାଷାରେ ଯେଉଁ ସେନାପତି ଉତ୍ତେଜନା ଦେଉଥିଲେ, ତାହାଙ୍କ ନାମ ସୁଭାଷଚନ୍ଦ୍ର ବୋଷ । "ନେତାଜୀ" ରୂପେ ସେ ଭାରତର ସର୍ବତ୍ର ସୁପରିଚିତ ହୋଇଛନ୍ତି । ସେ ଏଗାର ଥର ଜେଲ ଏବଂ ବହୁ ଦୁଃଖ-କଷ୍ଟ ବରଣ କରି ଭାରତର ସ୍ୱାଧୀନତାପାଇଁ ଲଢ଼ିଥିଲେ । ତାହାଙ୍କ ଜୀବନକାହାଣୀ ଯେପରି ବିଚିତ୍ର, ସେହିପରି ବିସ୍ମୟକର । ଶେଷଥର ଜେଲଭିତରେ ଅନଶନକରିବାରୁ ସେ ଖଲାସ ହେଲେ । କଲିକତାରେ ନିଜ ବାସଭବନରେ ତାଙ୍କୁ ରହିବାପାଇଁ ଇଂରେଜ ସରକାର ଅନୁମତି ଦେଇଥିଲେ । କିନ୍ତୁ ଦିନପରେ ପୁଣି ତାହାଙ୍କୁ ବନ୍ଦୀ କରି ରଖା ଯାଇଥାନ୍ତା । ଦିବାରାତ୍ର ଗୋଇନ୍ଦା ପୁଲିସ ତାଙ୍କ ଗୃହକୁ ଜଗି ରହିଥାନ୍ତି । ୧୯୪୧ ମସିହା ଜାନୁଆରୀ ମାସ ୨୬ ତାରିଖରେ

Digitized by srujanika@gmail.com

ଜାତୀୟଦିବସ ପାଳନ ଉପଲକ୍ଷରେ ଦେଶବ୍ୟାପୀ ଉତ୍ସବ ଅନୁଷ୍ଠିତ ହେବାର ଆୟୋଜନ ଚାଲିଥିଲାବେଳେ ସମଗ୍ର ଭାରତବର୍ଷରେ ଏକ ଚମକପ୍ରଦ ସମ୍ବାଦ ଶୁଣାଗଲା ଯେ, ସୁଭାଷଚନ୍ଦ୍ର ସ୍ୱଗୃହରୁ ଅକସ୍ମାତ୍ ଅନ୍ତର୍ହିତ ହୋଇଛନ୍ତି । ପ୍ରବଳପ୍ରତାପୀ ଇଂରେଜ ସରକାର ମହାଝାଲେଣିରେ ପଡ଼ିଲେ । ସର୍ବତ୍ର ସୁଭାଷ ବୋଷଙ୍କୁ ଅନୁସନ୍ଧାନ କରାଗଲା, କିନ୍ତୁ ତାଙ୍କର କୌଣସି ସନ୍ଧାନ ମିଳିଲା ନାହିଁ ।

[ନେତାଜୀ ସୁଭାଷଚନ୍ଦ୍ର]

ସେତେବେଳେ ଦ୍ୱିତୀୟ ମହାସମର ଲାଗିଥାଏ । ଭାରତର ପୂର୍ବ ପଟେ ଜାପାନ ସହିତ ଏବଂ ପଶ୍ଚିମରେ ଜର୍ମାନୀ ଓ ଇଟାଲି ସହିତ ଇଂଲଣ୍ଡ, ଆମେରିକା ପ୍ରଭୃତି ଦେଶ ଘୋର ଯୁଦ୍ଧରେ ବ୍ୟାପୃତ ଥାନ୍ତି । ସୁଭାଷଚନ୍ଦ୍ରଙ୍କ ଅନ୍ତର୍ଦ୍ଧାନର ରହସ୍ୟ ଜଣାଯିବାପୂର୍ବରୁ ସେ ଭାରତରୁ ଜର୍ମାନୀ ଯାତ୍ରା କରି ସେଠାରୁ ପୁଣି ଜାପାନରେ ପହଞ୍ଚିସାରିଥିଲେ । ୧୯୪୨ମସିହାର ଫେବୃଆରୀ ମାସରେ ପ୍ରାଚ୍ୟ ଏସିଆରେ ଥିବା ଇଂରେଜ ଶକ୍ତିର କେନ୍ଦ୍ରସ୍ଥଳ ସିଙ୍ଗାପୁର ବନ୍ଦର ଜାପାନୀମାନଙ୍କ ହସ୍ତଗତ ହେଲା ।

ଯେଉଁ ଭାରତୀୟ ସୈନ୍ୟବାହିନୀ ଇଂରେଜ ସରକାରଙ୍କ ପକ୍ଷରେ ଯୁଦ୍ଧ କରୁଥିଲେ, ସେଥିମଧ୍ୟରୁ ବତିଶ ହଜାର ସୈନ୍ୟ ଜାପାନୀ-ମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ ।

[ସ୍ୱାଧୀନ ଭାରତୀୟ ସୈନିକ]

ସୁଭାଷଚନ୍ଦ୍ର ଦେଖିଲେ ଯେ, ଭାରତର ପ୍ରାଚ୍ୟ ସୀମାନ୍ତ ସୁରକ୍ଷିତ ନୁହେଁ । ସେ ଯଦି ସ୍ୱଦେଶବାହାରେ ଥିବା ଭାରତୀୟମାନଙ୍କୁ ଏକତ୍ର କରି ପୂର୍ବ ପଟୁ ଭାରତ ଆକ୍ରମଣ କରନ୍ତି, ତାହାହେଲେ ଜନ୍ମଭୂମିକୁ

Digitized by srujanika@gmail.com

ସ୍ୱଦେଶୀ କବଳରୁ ମୁକ୍ତ କରିପାରିବେ । ତେଣୁ ସେ ଜାପାନ ସରକାରର ସଙ୍ଗେ ଚୁକ୍ତି କରି ଭାରତର ବନ୍ଦୀ ସୈନ୍ୟମାନଙ୍କୁ ଖଲାସ କରାଇଦେଲେ । ସେମାନଙ୍କ ସହିତ ବିଦେଶରେ ଥିବା ଅନ୍ୟାନ୍ୟ ଭାରତୀୟଙ୍କୁ ନେଇ ସେ ଏକ ବିଶାଳ ଜାତୀୟ ସୈନ୍ୟବାହିନୀ ଗଠନ କଲେ ଓ ନିଜେ ତାହାର ପ୍ରଧାନ ସେନାପତି ହେଲେ । ଏହି କଥା ସେ ୧୯୪୩ ମସିହା ଜୁଲାଇ ମାସ ୮ ତାରିଖରେ ଏକ ବେତାର-ଘୋଷଣା କରି ସମଗ୍ର ପୃଥିବୀକୁ ଜଣାଇଦେଲେ । ସେ ତାଙ୍କର ନିଜ ଗୃହରୁ ଅନ୍ତର୍ଦ୍ଧାନ ହେବାର ପ୍ରକୃତ ଉଦ୍ଦେଶ୍ୟ ସେହି ଦିନ ଜଣାପଡ଼ିଥିଲା ।

ନେତାଜୀଙ୍କ ନେତୃତ୍ୱ ଓ ପ୍ରେରଣା ବଳରେ ଜାତୀୟ ବାହିନୀ ସୀମାନ୍ତ ପାର୍ ହୋଇ ଭାରତରେ ପ୍ରବେଶ କଲେ । କିନ୍ତୁ ୧୯୪୫ ମସିହା ବସନ୍ତକାଳରେ ମଣିପୁରର ରାଜଧାନୀ ଇମ୍ଫାଲଠାରେ ଇଂରେଜପକ୍ଷର ଏକ ବହୁସଂଖ୍ୟକ ସୈନ୍ୟ-ସମାବେଶ ଏହି ଜାତୀୟ ବାହିନୀକୁ ପରାସ୍ତ କରିଥିଲା । ଏହି ପରାଜୟପରେ ନେତାଜୀ ଶ୍ୟାମ ଦେଶର ରାଜଧାନୀ ବ୍ୟାଙ୍କକ୍ ଯାତ୍ରା କଲେ ।

ଜାପାନର ଏକ ସମ୍ବାଦରୁ ପରେ ଜଣାଗଲା ଯେ, ସୁଭାଷ ବୋଷ ୧୯୪୫ ମସିହା ଅଗଷ୍ଟ ମାସ ୧୭ ତାରିଖରେ ଏକ ବ୍ୟୋମଯାନ ଦୁର୍ଘଟଣାରେ ମୃତ୍ୟୁମୁଖରେ ପଡ଼ିଛନ୍ତି ।

ବାଲ୍ୟକାଳରେ ସୁଭାଷଚନ୍ଦ୍ରଙ୍କର ସାହସ, ନିଷ୍ଠା, ପ୍ରତିଭା ଓ ଚରିତ୍ରବଳର ପରିଚୟ ମିଳିଥିଲା । କଟକ ସହରର ଓଡ଼ିଆବଜାରରେ ୧୮୯୭ ମସିହା ଜାନୁଆରୀ ମାସ ୨୩ ତାରିଖ ଶନିବାର ମଧ୍ୟାହ୍ନ ସମୟରେ ସଦ୍ୟଜାତ ଶିଶୁ ସୁଭାଷଙ୍କର ପ୍ରଥମ କ୍ରନ୍ଦନ ଶୁଣାଯାଇଥିଲା । କଟକର ପ୍ରସିଦ୍ଧ ଉକିଲ ଜାନକୀନାଥ ବୋଷଙ୍କର ସହଧର୍ମିଣୀ ପ୍ରଭାବତୀ ଦେବୀଙ୍କ ଗର୍ଭରୁ ଏହି ଶିଶୁର ଆବିର୍ଭାବ ହୋଇଥିଲା ।

Digitized by srujanika@gmail.com

ଷୋଡ଼ଶ ବର୍ଷ ବୟସ ପର୍ଯ୍ୟନ୍ତ ସୁଭାଷ କଟକର ବେଷ୍ଟନୀ ଓ ଜଳବାୟୁରେ ଜୀବନ ଗଠନ କରିଥିଲେ ।

ପ୍ରଥମେ କଟକର ପ୍ରୋଟେଷ୍ଟାଣ୍ଟ ଇଉରୋପୀୟ ବିଦ୍ୟାଳୟରେ ଅଧ୍ୟୟନ କରି ୧୯୦୯ ରେ ସେ କଲେଜିଏଟ୍ ସ୍କୁଲରେ ପ୍ରବେଶ କଲେ । ଛାତ୍ରାବସ୍ଥାରେ ସୁଭାଷଙ୍କର ସନ୍ନ୍ୟାସୀମାନଙ୍କପ୍ରତି ବୈରାଗ୍ୟ-ଭାବ ଜାତ ହୋଇଥିଲା । ସେହିମାନଙ୍କ ବେଶଭୂଷା ଓ ନିୟମ-ନିଷ୍ଠାରେ ଚଳିବାକୁ ସେ ସୁଖକର ମଣୁଥିଲେ । ସେଥି ସଙ୍ଗେ ଜାତୀୟ ଭାବରେ ମଧ୍ୟ ସେ ଅନୁପ୍ରାଣିତ ହୋଇ ପଡ଼ିଥିଲେ । ୧୯୧୩ ଖ୍ରୀଷ୍ଟାବ୍ଦରେ ସେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଲିକତା ପ୍ରେସିଡ଼େନ୍‌ସି କଲେଜରେ ପଢ଼ିବାକୁ ଗଲେ । ମାତ୍ର ବର୍ଷକପରେ ହଠାତ୍ ପଢ଼ା ଛାଡ଼ି ସେ ହରିଦ୍ୱାର ଓ ଅନ୍ୟାନ୍ୟ ତୀର୍ଥସ୍ଥାନ ଭ୍ରମଣ କରିଥିଲେ । ତାହାପରେ ଆଇ. ଏ. ପରୀକ୍ଷା ଦେଇ ସେ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହେଲେ । ବି. ଏ. ଶ୍ରେଣୀରେ ପଢ଼ୁଥିବା ସମୟରେ କଲିକତାର ଛାତ୍ରମାନଙ୍କ ନେତାରୂପେ ତାଙ୍କର ଖ୍ୟାତି ବୃଦ୍ଧି ପାଇଥିଲା । ଥରେ ଅଧ୍ୟାପକ ଓଟେନ୍‌ଙ୍କ ବ୍ୟବହାରରେ ସୁଭାଷ ଅସନ୍ତୁଷ୍ଟ ହୋଇ ତାହାଙ୍କୁ ଅପମାନ କରିଥିଲେ । ସେହି ଅଭିଯୋଗରେ ତାଙ୍କୁ କଲେଜରୁ ବାହାର କରି ଦିଆଯାଇଥିଲା । ମାତ୍ର ସୁଭାଷଙ୍କ ପରି ମେଧାବୀ ଛାତ୍ରଙ୍କର ଅଧ୍ୟୟନ ଏଭଳି ଘଟନାରେ ସମାପ୍ତ ହୋଇପାରେ ନାହିଁ । ୧୯୧୭ ଖ୍ରୀଷ୍ଟାବ୍ଦରେ ସେ ପୁଣି ପଢ଼ା ଆରମ୍ଭ କଲେ ଓ ଦୁଇ ବର୍ଷପରେ ଦର୍ଶନ ଶାସ୍ତ୍ରରେ ଦ୍ୱିତୀୟ ସ୍ଥାନ ଲାଭ କରି ବି. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ତାପରେ ସେ ଭାରତର ତତ୍କାଳୀନ ସର୍ବଶ୍ରେଷ୍ଠ ସରକାରୀ ଚାକିରୀ ଆଇ. ସି. ଏସ୍. ପାଇବାପାଇଁ ବିଲାତରେ ଅଧ୍ୟୟନ କରିବାକୁ ଯାଇଥିଲେ ।

Digitized by srujanika@gmail.com

ଲଣ୍ଡନର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଦର୍ଶନରେ କୃତିତ୍ୱର ସହ ସେ ଉତ୍ତୀର୍ଣ୍ଣ ହେଲେ । ତାଙ୍କର ମାତା ପିତା ଓ ବନ୍ଧୁ ସ୍ୱଜନ ମହାନନ୍ଦରେ ଅପେକ୍ଷା କରି ରହିଲେ ଯେ, ସ୍ୱଦେଶକୁ ଫେରିଆସି ସୁଭାଷ ସର୍ବଶ୍ରେଷ୍ଠ ସମ୍ମାନଜନକ ଚାକିରିରେ ନିଯୁକ୍ତ ହେବେ । କାରଣ ସେମାନେ ବୁଝିପାରି ନ ଥିଲେ ଯେ, ସୁଭାଷଙ୍କ ଭଳି ବିରାଟ ପ୍ରତିଭାଶାଳୀ ବୀରପୁରୁଷ କ୍ଷୁଦ୍ର ବୃହତ୍ ଯେକୌଣସି ଚାକିରିର ସଂକୀର୍ଣ୍ଣ ଗଣ୍ଡିମଧ୍ୟରେ ଆବଦ୍ଧ ହୋଇ ରହିବା ଅସମ୍ଭବ । ବିଲାତରୁ ଫେରି ଭାରତରେ ପାଦ ଦେବାମାତ୍ରେ ସେ ମହାତ୍ମା ଗାନ୍ଧିଙ୍କ ସହିତ ସାକ୍ଷାତ୍ କରି ଦେଶସେବା ଉଦ୍ଦେଶ୍ୟରେ ତାଙ୍କ ନିକଟରେ ଆତ୍ମ-ସମର୍ପଣ କରିଥିଲେ । ବଙ୍ଗର ଶ୍ରେଷ୍ଠ ନେତା ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ସହିତ ମିଶି ଅସହଯୋଗ ଆନ୍ଦୋଳନର ପ୍ରଚାରପାଇଁ କାର୍ଯ୍ୟ କରିବାକୁ ଗାନ୍ଧିଙ୍କଠାରୁ ଉପଦେଶ ମିଳିଥିଲା । ସେହି ଉପଦେଶ ଅନୁସାରେ କାର୍ଯ୍ୟ କରି ନାନା ଆନ୍ଦୋଳନ ଓ ସଂଗଠନ କ୍ଷେତ୍ରରେ ସେ ଅସାଧାରଣ ପାରଦର୍ଶିତା ଦେଖାଇଯାଇଛନ୍ତି । ସେ ଶେଷ ପର୍ଯ୍ୟନ୍ତ ନିଜର ଜନ୍ମଭୂମି ଓଡ଼ିଶାକୁ ପାସୋରି ପାରି ନ ଥିଲେ । ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସେ ଗୁରୁଜନଙ୍କ ଶ୍ରଦ୍ଧା କରୁଥିଲେ । ସେ ଭାରତୀୟ ଜାତୀୟ ବାହିନୀରେ ଓଡ଼ିଆ ଯୁବକମାନଙ୍କୁ ସମ୍ମାନଜନକ ଉଚ୍ଚପଦରେ ନିଯୁକ୍ତ କରିଥିଲେ ।

ସୁଭାଷ ବୋଷ ନିଜର ରାଜନୈତିକ ପ୍ରତିଭାବଳରେ ଭାରତ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ ଏବଂ କଲିକତା କର୍ପୋରେସନର ପ୍ରଧାନ କର୍ତ୍ତାରୂପେ ନିର୍ବାଚିତ ହୋଇ ଦେଶବାସୀଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ ।

ପ୍ରଶ୍ନ

୧ । ଭାରତବାହାରେ ଜାତୀୟ ସୈନ୍ୟବାହିନୀ କିପରି ଗଠିତ ହେଲା ? ଏହା ପରାସ୍ତ ହେବାର କାରଣ କ'ଣ ?

Digitized by srujanika@gmail.com

୨ । ନେତାଜୀ ସୁଭାଷଙ୍କ ଜୀବନୀ ବିଷୟରେ ଗୋଟିଏ ଅନୁଚ୍ଛେଦ ଲେଖ ।

୩ । ନେତାଜୀଙ୍କ ଜୀବନରୁ କି ଶିକ୍ଷା ମିଳିଥାଏ ? ସେ କିପରି ସୈନ୍ୟମାନଙ୍କୁ ଉତ୍ତେଜିତ କରୁଥିଲେ, ନିଜ ଭାଷାରେ ଲେଖ ।

୪ । ରେଖାରୂଢ଼ ଶବ୍ଦଗୁଡ଼ିକର ଅର୍ଥଗତ ପାର୍ଥକ୍ୟ ବୁଝାଇଦିଅ—

(କ) ତାହାଙ୍କ ଜୀବନକାହାଣୀ ଯେପରି ବିଚିତ୍ର ସେହିପରି ବିସ୍ମୟକର ।

(ଖ) ନେତାଜୀଙ୍କର ନେତୃତ୍ୱ ଓ ପ୍ରେରଣା ବଳରେ ଜାତୀୟବାହିନୀ ସୀମାନ୍ତ ପାର ହେଲେ ।

(ଗ) ସୁଭାଷ ବୋଷ ମେଧାବୀ ଓ ପ୍ରତିଭାଶାଳୀ ଥିଲେ ।

(ଘ) ତାହାଙ୍କର ସାହସ ଓ ବିଚକ୍ଷଣତାର ପରିଚୟ ମିଳେ ।

୫ । ନିମ୍ନ ରେଖାଙ୍କିତ ପଦଗୁଡ଼ିକର ଅନ୍ୱୟ କର—
"ଏହି ଶୁଣ ! ଭାରତ ଆମକୁ ଡାକୁଛି । ଭାରତର ରାଜଧାନୀ ଦିଲ୍ଲୀ ଆମକୁ ଡାକୁଛି । ହାତରେ ଅସ୍ତ୍ର ଧର ।"

ଦୀପଦାନ

(ରାଗ—ଆଶାବରୀ)

ଅନ୍ଧକାରେ ଆମି ତୁମ୍ଭେ ଯାଅ ଆଲୋକରେ,
ତୁମ୍ଭଲାଗି ଦୀପାବଳୀ ଜାଳୁଁ ଘରେ ଘରେ ।
ଦେହତ୍ୟାଗୀ ମୋ ବଂଶର ଅମୃତ ସନ୍ତାନ,
କୋଟି ତାରକାର ମେଳେ ତୁମ୍ଭର ସନ୍ଧାନ,

Digitized by srujanika@gmail.com

ମିଳୁ ମୋତେ, ହେ ଆଦମ, ହେ ଦୂର୍ବପୁରୁଷ,
ହେ ସନକ, ହେ ସନନ୍ଦ, ଅକ୍ଷୟ-ଆୟୁଷ !
ରଖିଗଲ ଯେ ଉଜ୍ଜ୍ୱଳ ଜ୍ଞାନାଲୋକରଶ୍ମି,
ବିକଶିତ ହେଉ ତାହା ଚିତ୍ତେ ମୋର ଆଜି ।
ଘରେ ଘରେ ଛୁଟୁ ସେହି ଜ୍ଞାନ-ପ୍ରସ୍ରବଣ;
ଶ୍ରଦ୍ଧାପୂର୍ଣ୍ଣ ଶ୍ରାଦ୍ଧ ମୋର କର ହେ ଗ୍ରହଣ ।
ହେ ଯଯାତି, ହେ ଅନଙ୍ଗ, ନରସିଂହ ବୀର !
ଉନ୍ନତ କରିଲ ତୁମ୍ଭେ ଉତ୍କଳର ଶିର ।
ପୁରୀ, କୋଣାର୍କ ମନ୍ଦିର, ଭୁବନେଶ୍ୱର,
ଗଢ଼ିଗଲ କୀର୍ତ୍ତିସ୍ତମ୍ଭ ବିଜୟୀ ବିଶ୍ୱର ।

ହେ ସାରଳା, ଜଗନ୍ନାଥ, ଭଞ୍ଜ, କବିସୂର୍ଯ୍ୟ,
ଅଭିମନ୍ୟୁ, ଦୀନକୃଷ୍ଣ, ଏ ଜାତିର ପୂଜ୍ୟ !
ରଚିଲ ସାହିତ୍ୟ-କଳା, କବିତା-ବିଭୂତି,
ଏ ଦେଶର ଏ ଜାତିର ଜୀବନ୍ତ ସଂସ୍କୃତି ।

ହେ ଶ୍ରମିକ, ହେ କୃଷକ, ସ୍ଥପତିପ୍ରବର !
ନିର୍ମିଲ ମନ୍ଦିର, ଗ୍ରାମ ନଗର ମନୋହର ।
ଦେଖାଇଲ ପ୍ରତି କ୍ଷେତ୍ରେ ମହା ଆଦରଣ,
ଉଜ୍ଜ୍ୱଳ କରିଲ ପୁଣ୍ୟ ତେଜେ ସ୍ୱୀୟ ବଂଶ ।
ପିତୃଦାନ ଦେବ ଆଜି, ଦେବ ନମସ୍କାର,
ଆନନ୍ଦ-ଆଲୋକେ ଲୁଚୁ ବିଷାଦ-ଅନ୍ଧାର ।
କର ଆଶୀର୍ବାଦ, ସେହି ଆଦର୍ଶେ ସତତ
ଆଲୋକାଇଦେବୁଁ ଆମ୍ଭେ ଅମାବାସ୍ୟା ପଥ ।

Digitized by srujanika@gmail.com

ପ୍ରଶ୍ନ

୧ । ଦୀପାବଳୀ ଅମାବାସ୍ୟା ଦିନ କାହାକୁ ଓ କାହିଁକି ଦୀପଦାନ କରାଯାଏ ?

୨ । ଆମର ପୂର୍ବପୁରୁଷଗଣ କି କି କାର୍ଯ୍ୟ ଯୋଗୁଁ ଆମ୍ଭମାନଙ୍କର ଶ୍ରଦ୍ଧାଭାଜନ ହୋଇଅଛନ୍ତି—ଏ କବିତାରୁ ବର୍ଣ୍ଣନ କର ।

୩ । କବିତା-ବଲ୍ଲରୀ, ଜୀବନ୍ତ ସଂସ୍କୃତି, ଜ୍ଞାନ-ପ୍ରସ୍ରବଣ, ଶ୍ରଦ୍ଧାପୂର୍ଣ୍ଣ ଶ୍ରାଦ୍ଧ, ଅମୃତ ସନ୍ତାନ, ଅକ୍ଷୟ-ଆପ୍ଲୁତ—ଏ ପ୍ରୟୋଗଗୁଡ଼ିକର ସରଳାର୍ଥ ଲେଖ ।

୪ । ଉଜ୍ଜ୍ୱଳ, ଆଗମନୀ, ଜୀବନ୍ତ, ତେଜଃ, ବିଷାଦ, ଆନନ୍ଦ—ଏ ଶବ୍ଦଗୁଡ଼ିକ କେଉଁ କେଉଁ ଧାତୁରୁ ନିଷ୍ପନ୍ନ ହୋଇଅଛି ଲେଖ ।

୫ । ଯଯାତି, ନରସିଂହ, କବିସୂର୍ଯ୍ୟ, ଅଭିମନ୍ୟୁ, ଭଞ୍ଜ—ଏମାନେ କିଏ ?

୬ । "ରଖିଗଲ ଯେ ଉଜ୍ଜ୍ୱଳ······ଶତ୍ରୁ ମୋର ଆଜ" ଏହାର ସରଳ ଭାବ ପ୍ରକାଶ କର ।

ବ୍ୟାଧିବିରୁଦ୍ଧରେ ଅଭିଯାନ

ସୈନ୍ୟମାନେ ଶତ୍ରୁବିରୁଦ୍ଧରେ ଯୁଦ୍ଧ ଅଭିଯାନ କରି ସ୍ୱଦେଶକୁ ଶତ୍ରୁ-ଆକ୍ରମଣରୁ ରକ୍ଷା କରନ୍ତି । ଦେଶର ଶତ୍ରୁଭଳି ଆମ୍ଭମାନଙ୍କ ନିଜ ଦେହଉପରେ ବ୍ୟାଧିରୂପକ ବହୁ ଶତ୍ରୁ ଆକ୍ରମଣ କରନ୍ତି । ସେହି ଶତ୍ରୁବିରୁଦ୍ଧରେ ଅଭିଯାନ ଚଳାଇ ଚିକିତ୍ସକଗଣ

Digitized by srujanika@gmail.com

ଆମ୍ଭମାନଙ୍କୁ ରୋଗମୁକ୍ତ କରିଥାନ୍ତି । ସେମାନଙ୍କୁ ବାସ୍ତବରେ ଲୋକହିତପାଇଁ ସୈନିକପରି ଜୀବନ ଉତ୍ସର୍ଗ କରିବାକୁ ହୋଇଥାଏ ।

ମନୁଷ୍ୟସମାଜରୁ ବ୍ୟାଧି ଦୂର କରିବା ଉଦ୍ଦେଶ୍ୟରେ ଜଣେ ଜଣେ ଚିକିତ୍ସକ ଯେଉଁ ଅକ୍ଲାନ୍ତ ଗବେଷଣା, ତ୍ୟାଗ ଓ ଅଧ୍ୟବସାୟ କରନ୍ତି, ତାହାର ବିବରଣ ଜାଣିଲେ ସ୍ତମ୍ଭିତ ହେବାକୁ ହୁଏ । ସେମାନଙ୍କ ତ୍ୟାଗଫଳରେ ଆଜ ଆମ୍ଭେମାନେ ବହୁ ପରିମାଣରେ ସୁସ୍ଥ-ସବଳ ଜୀବନ ନିର୍ବାହ କରିବାକୁ ସମର୍ଥ ହୋଇଛୁଁ ।

ଅନେକ ବୟୋବୃଦ୍ଧଲୋକ ନିଜ ଅନୁଭୂତିରୁ କହିଥାନ୍ତି ଯେ, ପୂର୍ବେ କୌଣସି ଗ୍ରାମରେ ହଇଜା କିମ୍ବା ବସନ୍ତ ରୋଗର ଆରମ୍ଭ ହେଲେ ତାହା ନଦୀବନ୍ୟାପରି ଗ୍ରାମେ ଗ୍ରାମେ ବ୍ୟାପିଯାଇ ବହୁ ପ୍ରାଣ ନାଶ କରୁଥିଲା । ପୁରୀ ରଥଯାତ୍ରା ସମୟରେ ପ୍ରାୟ ପ୍ରତିବର୍ଷ ହଇଜା, ଆମାଶୟରେ ଅନେକ ଯାତ୍ରୀ ମୃତ୍ୟୁମୁଖରେ ପଡ଼ୁଥିଲେ । ମାତ୍ର ବର୍ତ୍ତମାନ ଏପରି ଦୁର୍ଘଟଣା ବିରଳ । କାରଣ ରଥଯାତ୍ରା ସମୟରେ ବ୍ୟାପକଭାବରେ ହଇଜା-ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରାଯାଉଛି ଏବଂ ଯାତ୍ରୀମାନଙ୍କୁ ବାଧ୍ୟତାମୂଳକ ଇଞ୍ଜେକ୍‌ସନ୍ ଦିଆଯାଇ ପାନୀୟଜଳ ଓ ଖାଦ୍ୟର ସୁବ୍ୟବସ୍ଥା ହେଉଛି ।

ରୋଗୀକୁ ରୋଗଯନ୍ତ୍ରଣାରୁ ମୁକ୍ତ ଦେବାପାଇଁ ସର୍ ଜେମ୍‌ସ୍ ସିମ୍ପସନ୍ ନାମକ ଜଣେ ଇଂରେଜ ଡାକ୍ତର ଏକ ଶତ ବର୍ଷ ପୂର୍ବେ କ୍ଲୋରଫର୍ମ ଉଦ୍ଭାବନ କରିଥିଲେ । ଏହି ଔଷଧକୁ ଆଘ୍ରାଣ କଲେ ରୋଗୀ ସଙ୍ଗେ ସଙ୍ଗେ ଚୈତନ୍ୟ ହରାଏ । ସେତେବେଳେ ତାହାର ଯେକୌଣସି ଅଙ୍ଗରେ ଅସ୍ତ୍ରୋପଚାର କଲେ ମଧ୍ୟ ସେ ଯନ୍ତ୍ରଣା ଅନୁଭବ କରିପାରେ ନାହିଁ । ଇଞ୍ଜେକ୍‌ସନ୍‌ଦ୍ୱାରା ମଧ୍ୟ ଏହିପରି

Digitized by srujanika@gmail.com

ରୋଗୀକୁ ଅଚେତନ କରାଯାଇଥାଏ । ଅସ୍ତ୍ରୋପଚାର କରାଯିବା ସ୍ଥାନରେ କୋକେନ୍ ଇଞ୍ଜେକ୍‌ସନ୍ ପ୍ରୟୋଗ କଲେ ଚେତନ ଅବସ୍ଥାରେ ପୁଣ୍ଡା ରୋଗୀ କୌଣସି କଷ୍ଟ ଅନୁଭବ କରେ ନାହିଁ । ସାଧାରଣ ରୋଗୀମାନଙ୍କ ବ୍ୟତୀତ ଯୁଦ୍ଧରେ ଆହତ ସୈନ୍ୟମାନଙ୍କ ପକ୍ଷରେ ଅସ୍ତ୍ରୋପଚାର ବହୁ ପରିମାଣରେ ଆବଶ୍ୟକ ହେଉଥିବାରୁ ଏହି ଉଦ୍ଭାବନଦ୍ୱାରା ସେମାନଙ୍କର ଅଶେଷ କଲ୍ୟାଣ ସାଧିତ ହେଉଅଛି ।

—ରୋଗର ନିଦାନ—

ରୋଗର ମୂଳକାରଣ ଓ ପ୍ରକାର ନିର୍ଦ୍ଦେଶ କରିବାର ନାମ ନିଦାନ । ବ୍ୟାଧି-ଉତ୍ପତ୍ତିର କାରଣ ସ୍ଥିର କରି ନ ପାରିଲେ ତାହାର ପ୍ରକୃତ ଚିକିତ୍ସା ହୋଇପାରେ ନାହିଁ ।

ଦୁଇ ଜଣ ବିଖ୍ୟାତ ଡାକ୍ତର ରୋଗର ନିଦାନ ବିଷୟରେ ଜୀବନବ୍ୟାପୀ ସାଧନା କରି ଯାଇଛନ୍ତି । ଫରାସୀ ଦେଶର ଡାକ୍ତର ଲୁଇ ପାଷ୍ଟର୍ ଓ ଜର୍ମାନୀର ଡାକ୍ତର କଚ୍ ଦୀର୍ଘକାଳ ଗବେଷଣା କରି ସିଦ୍ଧାନ୍ତ କଲେ ଯେ, ପ୍ରତ୍ୟେକ ବ୍ୟାଧି ଜୀବାଣୁଦ୍ୱାରା ହିଁ ଜାତ ହୋଇଥାଏ । ବିଭିନ୍ନ ବ୍ୟାଧିର ଜୀବାଣୁ ପୃଥକ୍ ପ୍ରକାରର ହୋଇଥାନ୍ତି ଏବଂ ସେମାନେ ରୋଗୀର ରକ୍ତରେ ପ୍ରବେଶ କରି ତାହାକୁ ବିଷାକ୍ତ କରିପକାନ୍ତି । ରୋଗୀର ରକ୍ତ କିମ୍ବା ନିଷ୍ଠୀବନ ଓ ମଳମୂତ୍ରକୁ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କଲେ ଜୀବାଣୁଗୁଡ଼ିକ ସ୍ପଷ୍ଟରୂପେ ଦେଖାଯାଇପାରନ୍ତି ।

ଗବେଷଣା ଫଳରେ ପାଷ୍ଟର୍ ପାଗଳ କୁକୁର ବା ଶୃଗାଳର ଦଂଶନଦ୍ୱାରା ଆକ୍ରାନ୍ତ ରୋଗୀମାନଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରିବାର ଟିକା ଉଦ୍ଭାବନ କରିଥିଲେ । ଡାକ୍ତର କଚ୍ ଏଗାର ବର୍ଷ ପର୍ଯ୍ୟନ୍ତ

Digitized by srujanika@gmail.com

ଅକ୍ଲାନ୍ତ ପରିଶ୍ରମ କରି ଯକ୍ଷ୍ମାରୋଗର ଜୀବାଣୁ ଆବିଷ୍କାର କରିଥିଲେ । ତାହା ଫଳରେ ଏହି ମାରାତ୍ମକ ବ୍ୟାଧି ଆଜି ଚିକିତ୍ସାର ଆୟତ୍ତ ହୋଇପାରିଛି । ଇଂଲଣ୍ଡର ଅନ୍ୟତମ ପ୍ରସିଦ୍ଧ ଡାକ୍ତର ଏଡ୍‌ୱାର୍ଡ୍ ଜେନର୍ ମଧ୍ୟ ଆବିଷ୍କାର କରିଥିଲେ ଯେ, ମନୁଷ୍ୟ-ଦେହରେ ସାମାନ୍ୟ ପରିମାଣରେ ଗୋ-ବସନ୍ତ ଜନ୍ମାଇପାରିଲେ ବସନ୍ତ ରୋଗ ହେବାର ଆଉ ଭୟ ରହେ ନାହିଁ । ଗୋବୀଜ ଟିକା ଦିଆଯିବା ଫଳରେ କୋଟି କୋଟି ଲୋକ ମାରାତ୍ମକ ବସନ୍ତରୋଗର ଆକ୍ରମଣରୁ ରକ୍ଷା ପାଉଛନ୍ତି ।

[ଭାରତର ଏକ ଗବେଷଣାଗାର]

କେତେକ ଡାକ୍ତର ରୋଗ ନିବାରଣ ପାଇଁ ଗବେଷଣା-ମନ୍ଦିରରେ ପରୀକ୍ଷା କରୁଁ କରୁଁ ସୈନିକଭଳି ନିଜର ଜୀବନ ଦାନ କରିଛନ୍ତି; କାରଣ ସେମାନଙ୍କୁ ଅତି ମାରାତ୍ମକ ଜୀବାଣୁ-ଗୁଡ଼ିକୁ ନେଇ ପରୀକ୍ଷା କରିବାକୁ ହୋଇଥାଏ । ଅଳ୍ପକାଳ ପୂର୍ବେ

Digitized by srujanika@gmail.com

ଡାକ୍ତର ହୁଦେଓ ନୋଗୁଚି ନାମକ ୨୮ ବର୍ଷ ବୟସ୍କ ଜାପାନ-ଦେଶୀୟ ଜଣେ ପ୍ରସିଦ୍ଧ ଚିକିତ୍ସକ ଏହିରୂପେ ପ୍ରାଣ ହରାଇଛନ୍ତି । ହଳଦିଆଜ୍ୱର ନାମକ ଏକପ୍ରକାର ମାରାତ୍ମକ ବ୍ୟାଧିର ଇଞ୍ଜେକ୍‌ସନ୍ ପ୍ରସ୍ତୁତ କରିବାକୁ ଯାଇ ପଶ୍ଚିମ-ଆଫ୍ରିକାରେ ସେ ସ୍ୱୟଂ ଉକ୍ତ ରୋଗରେ ଆକ୍ରାନ୍ତ ହେଲେ ଏବଂ ମୃତ୍ୟୁମୁଖରେ ପଡ଼ିଲେ ।

ଏକ୍‌ସ୍-ରେ ବା ରଞ୍ଜନରଶ୍ମିର ବିଖ୍ୟାତ ଉଦ୍ଭାବକ ଡାକ୍ତର ରନଟେଜନ୍ ମାନବଜାତିର ଅଶେଷ କଲ୍ୟାଣ ସାଧନ କରିଅଛନ୍ତି । ଏହି ରଶ୍ମିଦ୍ୱାରା ଶରୀର-ଅଭ୍ୟନ୍ତରର ଆଲୋକଚିତ୍ର (ଫଟୋଗ୍ରାଫି) ନିଆଯାଏ । ଏହା ଫଳରେ ଉପଯୁକ୍ତ ଚିକିତ୍ସା କରିବାର ସୁବିଧା ହୁଏ ।

ଭାରତବାସୀମାନଙ୍କୁ ରୋଗମୁକ୍ତ କରିବା ପାଇଁ ଯେଉଁ ଚିକିତ୍ସକଗଣ ଗବେଷଣା କରିଛନ୍ତି, ସେମାନଙ୍କ ମଧ୍ୟରେ ସର୍ ରୋନାଲ୍ଡ୍ ରସ୍‌ଙ୍କ ନାମ ଚିରସ୍ମରଣୀୟ ହୋଇରହିଛି । ଏକପ୍ରକାର ମଶାର ଦଂଶନଦ୍ୱାରା ମେଲେରିଆ ଜ୍ୱର ଉତ୍ପନ୍ନ ହୋଇଥାଏ ବୋଲି ସେ ବହୁ ପରୀକ୍ଷାପରେ ପ୍ରମାଣ କରିଥିଲେ ।

ବିଖ୍ୟାତ ବୈଜ୍ଞାନିକଦମ୍ପତି ଅଧ୍ୟାପକ କ୍ୟୁରି ଓ ମାଦାମ୍ କ୍ୟୁରିଙ୍କ ମିଳିତ ଗବେଷଣା ଫଳରେ ରେଡ଼ିୟମ୍ ନାମକ ଯେଉଁ ଆଶ୍ଚର୍ଯ୍ୟ ଧାତୁର ଆବିଷ୍କାର ହୋଇଛି, ତାହାର ପ୍ରୟୋଗଦ୍ୱାରା ଅତି ସାଂଘାତିକ କର୍କଟ (କେନ୍‌ସର୍) ରୋଗର ଜୀବାଣୁମାନେ ମଧ୍ୟ ନଷ୍ଟ ହୋଇଯାନ୍ତି ।

ମନୁଷ୍ୟକୁ ସୁସ୍ଥ ଓ ସୁଖୀ କରିବା ସକାଶେ ବ୍ୟାଧିବିରୁଦ୍ଧରେ ଏହି ଅଭିଯାନ ଅହରହ ଚାଲିଅଛି । ମାରାତ୍ମକ ଜୀବାଣୁଗୁଡ଼ିକର ପରୀକ୍ଷାରେ ପ୍ରତ୍ୟେକ ଉନ୍ନତ ଦେଶର ସାହସୀ ଚିକିତ୍ସକମାନେ ଜୀବନପଣ କରି ଲାଗିଛନ୍ତି ।

Digitized by srujanika@gmail.com

—ପ୍ରତିଷେଧ ଓ ପ୍ରତିକାର—

ଆମ୍ଭମାନଙ୍କ ଶାରୀରିକ ପ୍ରକ୍ରିୟାମାନେ ବିଶୃଙ୍ଖଳା ଘଟିଲେ ରୋଗ ଦେଖା ଦେଇଥାଏ । ଶରୀରଧାରଣର ପ୍ରଧାନ ଉପାଦାନ ଖାଦ୍ୟ । କେଉଁ ଖାଦ୍ୟରେ କି କି ଜୀବନଶକ୍ତି ଅଛି ଏବଂ କେତେ ପରିମାଣରେ ତାହା ଆହାର କରିବା ଆବଶ୍ୟକ, ବୈଜ୍ଞାନିକମାନେ ସେ ବିଷୟରେ ଗବେଷଣା କରିଛନ୍ତି । ଖାଦ୍ୟରେ ଜୀବନିକାର ଅଭାବ ହେଲେ ନାନା ରୋଗର ଉତ୍ପତ୍ତି ହୋଇଥାଏ । ଖାଦ୍ୟ ପ୍ରଥମେ ଜୀର୍ଣ୍ଣ ହୋଇ ରକ୍ତରେ ପରିଣତ ହେଉଥିବାରୁ କୁଖାଦ୍ୟଦ୍ୱାରା ରକ୍ତ ଦୂଷିତ ଓ ବିଷାକ୍ତ ହୋଇପଡ଼େ ଏବଂ ତାହା ନାନା ରୋଗର କାରଣ ହୁଏ ।

ଦୂଷିତ ବାୟୁ ମଧ୍ୟ ବ୍ୟାଧିର ଅନ୍ୟତମ କାରଣ । ଆମ୍ଭମାନଙ୍କର ପ୍ରଶ୍ୱାସ ବାୟୁ ହୃଦ୍‌ଯନ୍ତ୍ରମଧ୍ୟରେ ପ୍ରବେଶ କରେ । ଏହି ବାୟୁଦ୍ୱାରା ବାହାରର ବିଷାକ୍ତ ବାୟୁ ହୃଦ୍‌ଯନ୍ତ୍ରରେ ଲାଗିଲେ ରୋଗ ଜାତ ହୁଏ । ତେଣୁ ନିର୍ମଳ ବାୟୁ ସେବନ କରିବା ରୋଗ-ନିବାରଣର ଅନ୍ୟତମ ଉପାୟରୂପେ ନିର୍ଦ୍ଦିଷ୍ଟ ହୋଇଅଛି ।

ସର୍ବତ୍ର ବିଭିନ୍ନ ରୋଗର ଜୀବାଣୁ ବିକୀର୍ଣ୍ଣ ହୋଇ ରହିଛନ୍ତି । ସେମାନଙ୍କ କବଳରୁ ଶରୀରକୁ ରକ୍ଷା କରିବାକୁ ହେଲେ ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ପାନୀୟ ଓ ବାୟୁ ପ୍ରଧାନତଃ ଆବଶ୍ୟକ । ଏହା ବ୍ୟତୀତ ନିୟମିତ ବ୍ୟାୟାମ କଲେ ରୋଗର ପ୍ରତିରୋଧ ପାଇଁ ଶରୀରରେ ଶକ୍ତି ସଞ୍ଚିତ ହୁଏ । ପରିଷ୍କୃତ ଗୃହ ଓ ରନ୍ଧନଶାଳାଦି ମଧ୍ୟ ରୋଗପ୍ରତିଷେଧପାଇଁ ଅନ୍ୟତମ ଉପାୟରୂପେ ପରିଗଣିତ ।

ରୋଗପ୍ରତିଷେଧ ଲାଗି ସରକାର ଆଇନ ପ୍ରଣୟନ କରନ୍ତି । ସଭ୍ୟଦେଶମାନଙ୍କରେ ଯତ୍ରତତ୍ର ନିଷ୍ଠୀବନ ତ୍ୟାଗ କରିବା

Digitized by srujanika@gmail.com

ଏହି କାରଣରୁ ଆଇନବଳରେ ହୋଇଛନ୍ତି । ଯକ୍ଷ୍ମାରୋଗୀର ଶ୍ଳେଷ୍ମ ଓ ଖଙ୍କାରମଧ୍ୟରେ ରୋଗର ଜୀବାଣୁ ଥିବାରୁ ତାହା ବାୟୁକୁ ଦୂଷିତ କରେ । ଏହି ବାୟୁ ଅନ୍ୟ ଲୋକମାନେ ସେବନ କରିବା ଫଳରେ ରୋଗ ସଂକ୍ରମିତ ହୋଇଥାଏ ।

ବ୍ୟାଧିର ପ୍ରତିଷେଧ ପ୍ରତିକାର ଲାଗି ନବ ନବ ତଥ୍ୟ ଉଦ୍ଭାବିତ ହେଉଅଛି । ଅଳ୍ପ କାଳ ପୂର୍ବେ ସର୍ ଆଲେକଜାଣ୍ଡାର୍ ଫ୍ଲେମିଙ୍ଗ୍ ପେନିସିଲିନ୍ ନାମକ ଯେଉଁ ନୂତନ ଔଷଧ ଆବିଷ୍କାର କରିଛନ୍ତି ତାହାର ପ୍ରୟୋଗ ଯେପରି ନିରାପଦ, ସେହିପରି କଠିନ ଯନ୍ତ୍ରଣାରୁ ରୋଗୀକୁ ଉଦ୍ଧାର କରିବା ପକ୍ଷରେ ଆଶ୍ଚର୍ଯ୍ୟଫଳପ୍ରଦ ହୋଇଥାଏ ।

[ପେନିସିଲିନ୍ ଔଷଧ କାରଖାନା]

ରକ୍ତହୀନ ରୋଗୀକୁ ମୃତ୍ୟୁମୁଖରୁ ବଞ୍ଚାଇବା ଲାଗି ସୁସ୍ଥ ବ୍ୟକ୍ତିର ରକ୍ତଦାନ କରିବା, ଜୀବନର ଶେଷ ବାୟୁ ନିର୍ଗତ ହେବା

Digitized by srujanika@gmail.com

ସମୟରେ ଅକ୍ସିଜେନ୍ ବା ଅମ୍ଳଜାନ ବାଷ୍ପ ଆଘ୍ରାଣ କରାଇ ତାହାର ଯନ୍ତ୍ରଣାକୁ ଲଘୁ କରିବା ତଥା ବିକଳାଙ୍ଗ ଶରୀରରେ ଅସ୍ତ୍ରୋପଚାରଦ୍ଵାରା ନୂତନ ସୌଷ୍ଠବ ଆଣିଦେବାପାଇଁ ଯେଉଁସବୁ ଅଦ୍ଭୁତ ଚିକିତ୍ସା ପ୍ରବର୍ତ୍ତନ କରାଯାଇଛି, ତାହା ଆଧୁନିକ ବିଜ୍ଞାନର ବିଶେଷତ୍ଵ ପ୍ରତିପାଦନ କରୁଅଛି ।

—ପ୍ରାଚୀନ ଭାରତରେ ଚିକିତ୍ସା—

ପ୍ରାୟ ଛଅ ହଜାର ବର୍ଷ ପୂର୍ବେ ଋଗ୍‌ବେଦ ରଚିତ ହେବା ସମୟରେ ଭାରତୀୟମାନେ ଚିକିତ୍ସା ବିଦ୍ୟାରେ ନିପୁଣ ଥିବାର ପ୍ରମାଣ ମିଳେ । ସେତେବେଳେ ଯୁଦ୍ଧକ୍ଷେତ୍ରକୁ ସେନାମାନଙ୍କ ସହିତ ଚିକିତ୍ସକମାନେ ଯାଇ କରି ଆହତ ସୈନ୍ୟମାନଙ୍କ ଶରୀରରୁ ଶରନିଷ୍କାସନ, ପଦଚ୍ଛେଦନ, କ୍ଷତଚକ୍ଷୁର ଦୂରୀକରଣ ଆଦି ଚିକିତ୍ସା କରୁଥିଲେ ।

ଏହାପରେ ଆୟୁର୍ବେଦର ଉଦ୍ଭବ ହୋଇଥିଲା । ଆତ୍ରେୟ ଋଷି ଆୟୁର୍ବେଦର ସର୍ବପ୍ରାଚୀନ ସ୍ରଷ୍ଟା ଥିଲେ । ଧନ୍ଵନ୍ତରି ଚିକିତ୍ସା ଶାସ୍ତ୍ରକୁ ବିଜ୍ଞାନସମ୍ମତ କରିବାରେ ଅଗ୍ରଣୀ ଥିଲେ ଏବଂ ବନାରସଠାରେ ଏକ ଆୟୁର୍ବେଦ ବିଶ୍ଵବିଦ୍ୟାଳୟ ସ୍ଥାପନ କରି ତାହାର ଅଧ୍ୟକ୍ଷ ହୋଇଥିଲେ । ଧନ୍ଵନ୍ତରିଙ୍କର ପ୍ରଧାନ ଶିଷ୍ୟ ସୁଶ୍ରୁତ ଆୟୁର୍ବେଦରେ ଅସାଧାରଣ ପାରଦର୍ଶିତା ଲାଭ କରିଥିଲେ ।

ପୌରାଣିକ ଯୁଗରେ ରାମାୟଣରୁ ଜଣାଯାଏ ଯେ, ଇନ୍ଦ୍ରଜିତ-ଦ୍ଵାରା ଲକ୍ଷ୍ମଣ ଶରବିଦ୍ଧ ହୋଇଥିଲେ । ହନୁମାନ ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟକରଣୀ ନାମକ ଔଷଧମୂଳ ଆଣିବାରୁ ତାହାଙ୍କ କ୍ଷତର ଉପଶମ ହୋଇଥିଲା । ସେକାଳରେ ସଞ୍ଜୀବନୀ ନାମକ ଏକପ୍ରକାର

Digitized by srujanika@gmail.com

ଔଷଧଦ୍ୱାରା ସୈନିକମାନଙ୍କର ସେନାଧ୍ୟକ୍ଷମାନଙ୍କର ମଧ୍ୟ ଚେତନା ଫେରି ଆସୁଥିଲା । ମହାଭାରତରେ ଉଲ୍ଲେଖ ଅଛି ଯେ, ବହୁସଂଖ୍ୟକ ଶରଦ୍ୱାରା ବିଦ୍ଧ ହୋଇଥିବା କୁରୁପତି ଦୁର୍ଯ୍ୟୋଧନଙ୍କୁ ଚିକିତ୍ସକଗଣ ଏକ ଔଷଧପୂର୍ଣ୍ଣ ଭାଣ୍ଡରେ ରଖିଥିଲେ ଏବଂ ତାହା ଫଳରେ ସେ ଆରୋଗ୍ୟ ଲାଭ କରିଥିଲେ ।

ଚରକ ଓ ସୁଶ୍ରୁତଙ୍କର ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀ ଭାରତରେ ସୁବିଦିତ ଥିଲା । ଚରକ ଯେଉଁ ଗ୍ରନ୍ଥ ରଚନା କରିଥିଲେ, ତାହା ୧୨୦ ଗୋଟି ପରିଚ୍ଛେଦରେ ବିଭକ୍ତ । ଦେହବିଜ୍ଞାନ ଓ ପଥ୍ୟାପଥ୍ୟ ବିଷୟରେ ମଧ୍ୟ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ତାହାଙ୍କ ଲିଖିତ ଗ୍ରନ୍ଥରେ ବିଷାକ୍ତ ଔଷଧ ଓ ଚିକିତ୍ସା ସମ୍ବନ୍ଧରେ ବହୁ ବିବରଣ ଅଛି । ଚିକିତ୍ସାଳୟର ନିର୍ମାଣ, ଶିଶୁଚିକିତ୍ସା ଓ ରୋଗୀଗୃହର ଉପକରଣ ସମ୍ବନ୍ଧରେ ମଧ୍ୟ ସେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ।

ଋଷି ବିଶ୍ୱାମିତ୍ରଙ୍କର ପୁତ୍ର ସୁଶ୍ରୁତ ଜଣେ ଅଦ୍ୱିତୀୟ ଅସ୍ତ୍ରୋପଚାରକ ଥିଲେ । ତାହାଙ୍କ ଲିଖିତ ଗ୍ରନ୍ଥରେ ସେ ଶାସ୍ତ୍ରୀୟ ଅସ୍ତ୍ରୋପଚାରକୁ ପାଞ୍ଚ ଭାଗରେ ବିଭକ୍ତ କରି ସକଳ ଅସ୍ତ୍ରୋପଚାର ଲାଗି ଶତାଧିକ ସ୍ଥୂଳଧାର ଓ ବିଂଶତି ପ୍ରକାର ସୂକ୍ଷ୍ମଧାର ଅସ୍ତ୍ରର ବର୍ଣ୍ଣନା କରିଛନ୍ତି । ଅତୀବ ଆଶ୍ଚର୍ଯ୍ୟର ବିଷୟ ଯେ, ବହୁ ଆଧୁନିକ ବୈଜ୍ଞାନିକ ଚିକିତ୍ସା ଯନ୍ତ୍ର ବା ଅସ୍ତ୍ରଗୁଡ଼ିକରେ ପ୍ରାଚୀନ ଅସ୍ତ୍ରସବୁର ସାମାନ୍ୟ ପରିବର୍ତ୍ତନ ମାତ୍ର ଦେଖାଯାଏ ।

ସୁଶ୍ରୁତଙ୍କ ଅସ୍ତ୍ରୋପଚାର ବ୍ୟବସ୍ଥାରେ ମଧ୍ୟ ରୋଗୀଗୃହକୁ ଓ କ୍ଷତସ୍ଥାନକୁ ଗନ୍ଧଦ୍ରବ୍ୟଦ୍ୱାରା ବିଶୋଧନ ଓ ବିଷଶୂନ୍ୟ କରିବାପାଇଁ ଉଲ୍ଲେଖ ଅଛି । ତାଙ୍କ ସମୟରେ ରୋଗୀର ଅବୟବଚ୍ଛେଦନ,

Digitized by srujanika@gmail.com

ଭଗ୍ନ ଅସ୍ଥି କିମ୍ବା ସ୍ଥାନାନ୍ତରିତ ଅସ୍ଥିର ସଂଯୋଗ ଓ ଉଦର-ଅସ୍ତ୍ରୋପଚାରର ଆଦି ସଫଳତାର ସହିତ କରାଯାଉଥିଲା । ଚରକ ଓ ସୁଶ୍ରୁତ ଦୁହେଁ ସମ୍ମୋହିନୀ ନାମକ ଏକପ୍ରକାର ଔଷଧ-ମଦ୍ୟ ବ୍ୟବହାର କରି ଅସ୍ତ୍ରୋପଚାରର ସମୟରେ ରୋଗୀକୁ ଜ୍ଞାନଶୂନ୍ୟ କରିପାରୁଥିଲେ । ୯୨୭ ଖ୍ରୀଷ୍ଟାବ୍ଦରେ ଭୋଜରାଜଙ୍କୁ ଏହି ସମ୍ମୋହିନୀବଳରେ ଜ୍ଞାନଶୂନ୍ୟ କରି ଚିକିତ୍ସକମାନେ ତାହାଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରିଥିଲେ । ଭୋଜରାଜଙ୍କ ତାଳୁକୁ ଦ୍ୱିଧା ବିଭକ୍ତ କରି ମସ୍ତିଷ୍କମଧ୍ୟରୁ ବୃଦ୍ଧି ପାଇଥିବା ଏକ ମାଂସ କାଟି ଦିଆଯାଇଥିଲା ଏବଂ ତାହାପରେ ପୁଣି ତାଳୁକୁ ସଂଯୁକ୍ତ କରି ସଞ୍ଜୀବନୀ ଔଷଧଦ୍ୱାରା ରାଜାଙ୍କର ଚୈତନ୍ୟ ଫେରାଇ ଅଣା ହୋଇଥିଲା । ବର୍ତ୍ତମାନ ବିଂଶ ଶତାବ୍ଦୀରେ ମଧ୍ୟ ଏହିପରି ଏକ ଅସ୍ତ୍ରୋପଚାରକୁ ଅତ୍ୟନ୍ତ ସାବଧାନତା ସହିତ କରାଯାଇଥାଏ । ହଜାର ବର୍ଷପୂର୍ବେ ଏପରି ଅସ୍ତ୍ରୋପଚାର ଯେ ସମ୍ଭବପର ହୋଇଥିଲା, ତାହା ଆଶ୍ଚର୍ଯ୍ୟଜନକ ନୁହେଁ କି ?

ଚନ୍ଦ୍ରଗୁପ୍ତ ଏବଂ ଅଶୋକଙ୍କ ରାଜତ୍ୱ ସମୟରେ ଦେଶରେ ବହୁ ଚିକିତ୍ସାଳୟ ସ୍ଥାପିତ ହୋଇଥିଲା ।

୭୮୭ ଖ୍ରୀଷ୍ଟାବ୍ଦରେ ବାଗ୍‌ଦାଦ୍‌ର ହାରୁନଉଲ ରସିଦଙ୍କ ରାଜତ୍ୱକାଳରେ ହିନ୍ଦୁ ଚିକିତ୍ସକମାନେ ସେଠାରେ ଚିକିତ୍ସା କରୁଥିଲେ । ସେମାନେ ସଂସ୍କୃତରୁ ଆରବୀ ଭାଷାରେ ହିନ୍ଦୁ ଚିକିତ୍ସା ବିଜ୍ଞାନର ଅନୁବାଦ କରିଥିବାର ପ୍ରମାଣ ମିଳେ ।

ମଙ୍କ ନାମକ କାଲିଫଙ୍କର ଜଣେ ହିନ୍ଦୁ ଚିକିତ୍ସକ ପାରସୀ ଭାଷାରେ ଚରକଙ୍କ ବିଷ ସମ୍ବନ୍ଧୀୟ ଗ୍ରନ୍ଥଟିକୁ ଅନୁବାଦ କରିଥିଲେ । ମୋଗଲ ରାଜତ୍ୱ ସମୟରେ ଭାରତରେ ୟୁନାନି

Digitized by srujanika@gmail.com

ଚିକିତ୍ସାର ପ୍ରଚଳନ କରାଯାଇଥିଲେହେଁ ଆୟୁର୍ବେଦର ପ୍ରସାର କମି ଯାଇ ନ ଥିଲା ।

ବର୍ତ୍ତମାନ ଭାରତରେ ଚିକିତ୍ସାଗବେଷଣାଗାରର ସଂଖ୍ୟା ବୃଦ୍ଧି ଲାଭ କରୁଛି । ବମ୍ବେର ହାଫ୍‌କିନ୍ ଗବେଷଣାଗାରରେ ପେନିସିଲିନ୍ ଔଷଧ ମଧ୍ୟ ପ୍ରସ୍ତୁତ ହେଲାଣି ।

ଆମ୍ଭମାନଙ୍କ ଦେଶରେ ବହୁସଂଖ୍ୟକ ଗବେଷଣା କେନ୍ଦ୍ର, ବହୁ ସହସ୍ର ଚିକିତ୍ସକ ଓ ନର୍ସ ଆଦି ଆବଶ୍ୟକ । ତୁମ୍ଭମାନଙ୍କ ମଧ୍ୟରୁ କେତେକ ମଧ୍ୟ ଏହି କାର୍ଯ୍ୟ କରିପାର; କାରଣ ଏହାଠାରୁ ଅଧିକ ସମ୍ମାନଜନକ ଓ ଲୋକହିତକର କାର୍ଯ୍ୟ ଆଉ ନାହିଁ ।

ପ୍ରଶ୍ନ

୧ । ଚିକିତ୍ସା କାର୍ଯ୍ୟକୁ ସବୁଠାରୁ ସମ୍ମାନଜନକ ଓ ଲୋକହିତକର କାର୍ଯ୍ୟ କୁହାଯାଏ କାହିଁକି ?

୨ । କେଉଁ କେଉଁ ପ୍ରଧାନ କାରଣରୁ ଦେହରେ ରୋଗୋତ୍ପତ୍ତି ହୋଇଥାଏ ?

୩ । ପ୍ରତିକାର, ପ୍ରତିଷେଧ ଓ ସଂଶୋଧନ କାହାକୁ କହନ୍ତି ?

୪ । ପ୍ରାଚୀନ ଭାରତୀୟ ଚିକିତ୍ସାଶାସ୍ତ୍ରରେ ରୋଗିଗୃହର ସଂଶୋଧନ-ପାଇଁ କିପ୍ରକାର ବ୍ୟବସ୍ଥା ଥିଲା ?

୫ । ପେନିସିଲିନ୍, ନାଗାର୍ଜୁନଟିକା, ରଞ୍ଜନରଶ୍ମି, ବିଶଲ୍ୟକରଣୀ, କ୍ଲୋରଫର୍ମ, ସମ୍ମୋହନୀ, ସଞ୍ଜୀବନୀ—ଏଗୁଡ଼ିକ କଅଣ ?

୬ । ଚରକ, ସୁଶ୍ରୁତ, ଧନ୍ୱନ୍ତରି, ଆତ୍ରେୟ—ଏମାନଙ୍କର ପରିଚୟ ଦିଅ ।

Digitized by srujanika@gmail.com

୭ । ସିମ୍ପ୍‌ସନ୍, ଜେନର୍, ଲୁଇପାଷ୍ଟର୍, କଚ୍, ରନ୍ଟଜେନ୍, କ୍ୟୁରି — ଏମାନେ କ'ଣ ଉଦ୍ଭାବନ କରି ବ୍ୟାଧିବିରୁଦ୍ଧରେ ଅଭିଯାନ କରିଥିଲେ ?

୮ । ପୁଙ୍ଖାନୁପୁଙ୍ଖ, ଦ୍ୱିଧା, ସୌଷ୍ଠବ, ଯଥେଚ୍ଛ, ନିଷ୍ଠୀବନ, ଅ[illegible]ଗସ୍ତର, ପ୍ରତିପାଦନ, ସେନାନୀ, ପାରଦର୍ଶିତା, ଅନୁଗ୍ରହ — ଏମାନଙ୍କର ଅର୍ଥ ଲେଖ ।

ଅଣୁର ଶକ୍ତି

ନବଯୁଗର ବୈଜ୍ଞାନିକ ଉଦ୍ଭାବନଗୁଡ଼ିକମଧ୍ୟରେ ଆଣବିକ ଶକ୍ତିର ଅଲୌକିକ କ୍ରିୟା ପୃଥିବୀକୁ ଯେପରି ଚମତ୍କୃତ କରିଛି, ସେହିପରି ଆତଙ୍କିତ ମଧ୍ୟ କରିଦେଇଛି । ଗତ ୧୯୩୯ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ ଯେଉଁ ଦ୍ୱିତୀୟ ମହାସମର ମାନବ-ସମାଜକୁ ଆତଙ୍କିତ କରିଥିଲା, ଏହି ଶକ୍ତିର ପ୍ରୟୋଗଫଳରେ ହିଁ ତାହାର ଶୀଘ୍ର ଅବସାନ ଘଟିଲା ।

ଦୀର୍ଘ ଛଅ ବର୍ଷ ଧରି ଯେଉଁ ଯୁଦ୍ଧର ଶାନ୍ତିପାଇଁ ସମସ୍ତ [illegible] ନା [illegible]ମଧ୍ୟରେ କାହିଁ [illegible] ସମ୍ଭବପର ହୋଇଥିଲା, ସେ ଘଟଣାକୁ ସ୍ମରଣ କଲେ ହୃତ୍କମ୍ପ ଜାତ ହୋଇଥାଏ । ଜାପାନ ରଣକ୍ଷେତ୍ରରେ ହିଁ ଆଣବିକ ବୋମାର ପରୀକ୍ଷା ଆରମ୍ଭ କରାଗଲା । ଗୋଟିଏ ମାତ୍ର ବୋମାନିକ୍ଷେପଦ୍ୱାରା ଲକ୍ଷାଧିକ ଅଧିବାସୀଙ୍କ ସମେତ ହିରୋସିମା ସହରଟି ନିଶ୍ଚିହ୍ନ ହୋଇଯାଇଥିଲା । ଦ୍ୱିତୀୟ ବୋମାଟି ନାଗାସାକି ନାମକ ସେହିପରି ଗୋଟିଏ ବଡ଼ ସହରର ଅସ୍ତିତ୍ୱ ଲୋପ କରିଦେଲା । ମୁହୂର୍ତ୍ତ-ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କର ପ୍ରାଣନାଶ ଘଟିବା ସଙ୍ଗେ ସଙ୍ଗେ

Digitized by srujanika@gmail.com

ଦୁଇଗୋଟି ସମୃଦ୍ଧିଶାଳୀ ନଗର ଧ୍ୱଂସପ୍ରାପ୍ତ ହେବାରୁ ଏହି ଆଣବିକ ଶକ୍ତି ସାହାଯ୍ୟରେ ଶାନ୍ତି ପ୍ରତିଷ୍ଠିତ ହୋଇଥିଲା ।

ଆଣବିକ ଶକ୍ତିର ଉଦ୍ଭାବନ କରି ରଦର୍‌ଫୋର୍ଡ ଓ ବୋର୍‌ ନାମକ ଦୁଇ ଜଣ ପଦାର୍ଥବିତ୍ ବୈଜ୍ଞାନିକ ପୃଥିବୀର ସାମରିକ ଇତିହାସରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି । ଆଜି ଯେଉଁ ଦେଶ ଯେତେ ବେଶି ଆଣବିକ ଶକ୍ତିର ଅଧିକାରୀ, ଅନ୍ୟାନ୍ୟ ଦେଶ-ଉପରେ ତାହାର କର୍ତ୍ତୃତ୍ୱ ସେତେ ଅଧିକ । ଏହି କାରଣରୁ ଆମେରିକା ଓ ରୁଷିଆ ଏହି ଦୁଇଟି ଦେଶ ପୃଥିବୀର ସର୍ବଶ୍ରେଷ୍ଠ ଶକ୍ତିରୂପେ ବିବେଚିତ ହୋଇଛନ୍ତି ।

ବସ୍ତୁର କ୍ଷୁଦ୍ରତମ ଅଂଶକୁ ପରମାଣୁ କୁହାଯାଏ । ସୂକ୍ଷ୍ମାତିସୂକ୍ଷ୍ମ ଏହି ପରମାଣୁର ଶକ୍ତିହିଁ ଆଜି ପୃଥିବୀକୁ ମଧ୍ୟ ଧ୍ୱଂସ କରିପାରେ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବୈଜ୍ଞାନିକମାନେ ପରମାଣୁର ବିଶ୍ଳେଷଣ ଜାଣିଥିଲେହେଁ ୧୯୩୦ ମସିହା ବେଳକୁ ତାହାର ପ୍ରତିକ୍ଷୁଦ୍ରାଦପି କ୍ଷୁଦ୍ର ଅଂଶର ଅବସ୍ଥା ଓ କାର୍ଯ୍ୟ ଜଣା ପଡ଼ିଥିଲା । ଅବଶ୍ୟ ବିଜ୍ଞାନ ଓ ଗଣିତର ସାହାଯ୍ୟ ବିନା ଏହି ସକଳ ଅଣୁପରମାଣୁର ଦାହିକା ଶକ୍ତି ପରୀକ୍ଷା କରିବା ବିଡ଼ମ୍ବନା ମାତ୍ର । ପୂର୍ବେ ବୈଜ୍ଞାନିକମାନେ ଅନୁମାନ କରିଥିଲେ ଯେ, କୋଇଲା ଓ କାଷ୍ଠ ଆଦି ପଦାର୍ଥରେ ଏକପ୍ରକାର ଦାହ୍ୟଗୁଣ ଅଛି । ତେଣୁ ଅଗ୍ନି ସଂଯୋଗ କଲେ ତାହା ପ୍ରଜ୍ୱଳିତ ହୋଇ-ଉଠେ; କିନ୍ତୁ ବର୍ତ୍ତମାନ ବୈଜ୍ଞାନିକମାନଙ୍କ ମତରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳର ରସାୟନିକ ମିଶ୍ରଣରୁ ହିଁ ଆଲୋକ ବା ଉତ୍ତାପ ଜାତ ହୋଇଥାଏ । ଏହିରୂପେ ବହୁ ପରୀକ୍ଷା ଓ ଗବେଷଣାଦ୍ୱାରା ପଦାର୍ଥବିତ୍‌ମାନେ ପରମାଣୁର ଭୟାବହ ଦାହିକା ଶକ୍ତି ଉତ୍ପାଦନ-କରିଛନ୍ତି ।

Digitized by srujanika@gmail.com

ତେରହଜାର ଅଶ୍ୱଶକ୍ତିବିଶିଷ୍ଟ ଗୋଟାଏ ପ୍ରକାଣ୍ଡ ଇଞ୍ଜିନ ବୟାଳିଶ ଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଚବିଶ ଘଣ୍ଟା ଚାଲୁ ରହି ଯେଉଁ ପରିମାଣ ବସ୍ତ୍ର, ଖାଦ୍ୟପଦାର୍ଥ, କଳକବ୍ଜା କିମ୍ବା ବ୍ୟବହାର୍ଯ୍ୟ ଉପକରଣ ଜନ୍ମାଇପାରେ, ବାଲେଶ୍ୱରୀ ଓଜନର ଅଧସେର ମାତ୍ର ଆଣବିକ ବିସ୍ଫୋରକଦ୍ୱାରା ଅଳ୍ପ କେତେକ ଘଣ୍ଟାରେ ତାହା ସମ୍ଭବ-



[ଆଣବିକ ଶକ୍ତିର ଜଳଗର୍ଭରେ ପ୍ରଥମ ପରୀକ୍ଷା —
ପାଞ୍ଚ ହଜାର ଫୁଟ ଊର୍ଦ୍ଧ୍ୱକୁ ଉତ୍ଥିତ ଜଳସ୍ତମ୍ଭ]

ପର ହୋଇଥାଏ । ଏହି ଅଧସେର ବା ଏକ ପାଉଣ୍ଡ ଓଜନ ଆଣବିକ ବିସ୍ଫୋରକର ଆୟତନ ଦୁଇ ଘନଇଞ୍ଚ ମାତ୍ର । ଅଥଚ ଏହାଦ୍ୱାରା ୧୫୦୦ ଟନ୍ କୋଇଲାର କାମ ହୋଇପାରେ; ପୁଣି ଏକ ଶହ ଘୋଟକଶକ୍ତିଯୁକ୍ତ ମଟରଗାଡ଼ି ବା ରେଳ ଇଞ୍ଜିନକୁ ତାହା ପନ୍ଦର

Digitized by srujanika@gmail.com

ଦିନ ଓ ପନ୍ଦର ଘଣ୍ଟା ପର୍ଯ୍ୟନ୍ତ ମହାବେଗରେ ଚଳାଇ ନେଇପାରେ ।

ଗୋଟିଏ ଆଣବିକ ବୋମାମଧ୍ୟରେ ଏହିରୂପେ କୋଡ଼ିଏଠାରୁ ତିରିଶ ପାଉଣ୍ଡ ପର୍ଯ୍ୟନ୍ତ ବିସ୍ଫୋରକ ରଖାଯାଏ । ଏହିଭଳି ଗୋଟିଏ-ମାତ୍ର ବୋମାରୁ ଯେଉଁ ପରିମାଣ ବିଦ୍ୟୁତ୍‌ଶକ୍ତି ଜାତ ହୁଏ, ତାହା ସତୁରି ଲକ୍ଷ ଲୋକ ବାସ କରୁଥିବା ଆମେରିକାର ବିରାଟ ନ୍ୟୁୟର୍କ ସହରକୁ ଏକ ସପ୍ତାହପାଇଁ ସମସ୍ତ ବିଦ୍ୟୁତ୍ ଆଲୋକ ଓ କଳକାରଖାନାର ବିଦ୍ୟୁତ ଶକ୍ତି ଯୋଗାଇପାରେ ବୋଲି ବୈଜ୍ଞାନିକମାନେ କହିଥାନ୍ତି । ସେଥିପାଇଁ ଏହି ଅମୂଲ୍ୟ ଉଦ୍ଭାବନକୁ ଆଜ ମନୁଷ୍ୟର ଧ୍ୱଂସ ଉଦ୍ଦେଶ୍ୟରେ ପ୍ରୟୋଗ ନ କରି ଉତ୍ପାଦନ କ୍ଷେତ୍ରରେ ପ୍ରୟୋଗ କରିବା ଲାଗି ଆନ୍ଦୋଳନ ଚାଲିଛି । ଦେଶ ଦେଶମଧ୍ୟରେ ରାଜନୈତିକ ହିଂସାଦ୍ୱେଷ ତ୍ୟାଗ କରି ଏହାକୁ ମାନବସମାଜର କଲ୍ୟାଣପାଇଁ ପ୍ରୟୋଗ କରିବାକୁ ଚିନ୍ତାଶୀଳ ବ୍ୟକ୍ତିମାନେ ମତ ପ୍ରକାଶ କରୁଛନ୍ତି ।

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଆଣବିକ ଶକ୍ତିର ଯେତିକ ଗବେଷଣା ହୋଇଛି, ସେଥିରୁ ତାହା ଶୈଶବାବସ୍ଥାରୁ ଉତ୍ତୀର୍ଣ୍ଣ ହୋଇ ନାହିଁ ବୋଲି ପଣ୍ଡିତମାନେ କହନ୍ତି । ଏହି ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ପୁଣି ଆଣବିକ ଗବେଷଣାର କେଉଁ ପରିମାଣ ଉନ୍ନତି ଯେ ସମ୍ଭବପର ହୋଇପାରେ, ତାହାର ଆଭାସ ସେହି ବୈଜ୍ଞାନିକମାନଙ୍କ ମୁଖରୁ ହିଁ ମିଳିଥାଏ । ଏହି ଶକ୍ତିଦ୍ୱାରା ପୃଥିବୀରେ କେତେ ଯେ ଅସାଧ୍ୟ ସାଧନ କରାଯାଇପାରେ, ତାହା ଚିନ୍ତା କଲେ ବାସ୍ତବିକ ସ୍ତମ୍ଭିତ ହେବାକୁ ପଡ଼େ । ପୃଥିବୀର ଭୌଗୋଳିକ ଅବସ୍ଥିତିକୁ ମଧ୍ୟ ଏହି ଶକ୍ତି ବଦଳାଇ ଦେଇପାରେ ଏବଂ ଗିରିମୟ ପ୍ରଦେଶକୁ ସମତଳରେ ପରିଣତ କରି,

Digitized by srujanika@gmail.com

ଶସ୍ୟହୀନ ଶୁଷ୍କ ମରୁଭୂମିରେ ଜଳସ୍ରୋତ ସୃଷ୍ଟି କରିପାରେ । ନଦୀର ଗତିକୁ ଭିନ୍ନମୁଖୀ କରି ସ୍ଥାନୀୟ ଜଳବାୟୁକୁ ମଧ୍ୟ ବଦଳାଇଦେବା ଏହା ପକ୍ଷରେ କଠିନ ବ୍ୟାପାର ନୁହେଁ । ହେନେ· ହୁଏତ ଏହି ଶକ୍ତିବଳରେ ବିରାଟ ସାହାରା ଓ ଗୋବି ମରୁଭୂମି ସୁଶ୍ୟାମଳ ଶସ୍ୟରାଜିରେ ହସିଉଠିବ ଏବଂ ଅଗମ୍ୟ ପର୍ବତଶ୍ରେଣୀ-ମଧ୍ୟରେ ସୁରମ୍ୟ ନଗର ନିର୍ମିତ ହେବ । ପୃଥିବୀର ଲୋକସଂଖ୍ୟା ଯେତେ ବୃଦ୍ଧି ପାଇଲେ ସୁଦ୍ଧା କାହାରିପାଇଁ ସ୍ଥାନାଭାବ ଓ ଖାଦ୍ୟାଭାବ ଘଟିବ ନାହିଁ । ଏହିରୂପେ ସର୍ବାପେକ୍ଷା ସାଙ୍ଘାତିକ ମାରଣାସ୍ତ୍ର ହିଁ ଜନସମାଜର ସର୍ବଶ୍ରେଷ୍ଠ କଲ୍ୟାଣ ଆନୟନ କରିପାରେ । ବିଷଦ୍ୱାରା ପ୍ରାଣନାଶ ଘଟିଲେହେଁ ଔଷଧରୂପେ ବ୍ୟବହୃତ ହୋଇ ତାହା ପ୍ରାଣ ଦାନ କରିଥାଏ ।

ବୈଜ୍ଞାନିକମାନଙ୍କ ମତରେ ଆଣବିକ ଶକ୍ତିଦ୍ୱାରା ପୃଥିବୀର ସର୍ବନିମ୍ନ ଅନୁନ୍ନତ ଦେଶର ଲୋକେ ମଧ୍ୟ ଉଦ୍ବୋଗିତ ଜୀବନ ନିର୍ବାହ କରିବାକୁ ସମର୍ଥ ହେବେ । ବିଶେଷତଃ ଭାରତ ଓ ଚୀନ ଭଳି ଯେଉଁ ବିରାଟ ପ୍ରାଚ୍ୟ ଦେଶ ଦୁଇଟିରେ ବିଦ୍ୟୁତ୍‌ଶକ୍ତି ଓ କଳକାରଖାନାର ଅଭାବ ଯୋଗୁଁ ଶତକଡ଼ା ୬୦ ଭାଗ ଶକ୍ତି କେବଳ ମନୁଷ୍ୟ ଓ ପଶୁ ସାହାଯ୍ୟରେ ଉତ୍ପାଦିତ ହୋଇଥାଏ, ସେ ଦେଶମାନଙ୍କପାଇଁ ଆଣବିକ ଶକ୍ତିର ଗୁରୁତ୍ୱ ସର୍ବାପେକ୍ଷା ଅଧିକ । ଯନ୍ତ୍ରଶକ୍ତି ତୁଳନାରେ ମନୁଷ୍ୟ ବା ପଶୁର ଶାରୀରିକ ଶକ୍ତି ଯେ ଅତି ନିକୃଷ୍ଟ, ତାହା ମଟର କିମ୍ବା ରେଳଗାଡ଼ିର ବେଗ ସଙ୍ଗେ ଆମ୍ଭମାନଙ୍କର ବଳଦ, ରିକ୍‌ସା ବା ଘୋଡ଼ାଗାଡ଼ିର ବେଗ ତୁଳନା କଲେ ସ୍ପଷ୍ଟ ଅନୁମିତ ହୋଇଥାଏ । ଏହି କାରଣରୁ ଜଣେ ଆମେରିକାବାସୀ ଯନ୍ତ୍ରଗୁଳକର ଉତ୍ପାଦନ କ୍ଷମତା ୬୦ ଜଣ କଠୋର ପରିଶ୍ରମୀ ଚୀନ କିମ୍ବା ଭାରତୀୟ ଶ୍ରମିକ ସଙ୍ଗରେ ଧ୍ୟାପୁ

Digitized by srujanika@gmail.com

ସମାନ । ଧନ ବା କ୍ଷମତା ଦୃଷ୍ଟିରୁ ଆମେରିକାର ସ୍ତରକୁ ଉଠିବାକୁ ହେଲେ ଭାରତରେ ବର୍ତ୍ତମାନ ଅପେକ୍ଷା ୭୦ ଗୁଣ ବେଶି ଯନ୍ତ୍ରଶକ୍ତି ଲୋଡ଼ା ହେବ । ଏଥିଲାଗି କୋଇଲା କିମ୍ବା ପେଟ୍ରୋଲର ଉତ୍ପାଦନ ସୀମାବଦ୍ଧ ଥିବାରୁ ଆଣବିକ ଶକ୍ତିର ଉତ୍ପାଦନ ହିଁ ଏକାନ୍ତ ଆବଶ୍ୟକ ହୋଇପଡ଼ୁଛି ।

ଆଶାର ବିଷୟ ଏହି ଯେ, ଆଣବିକ ଶକ୍ତିର ଉତ୍ପାଦନ ଲାଗି 'ଥୋରିୟମ୍' ନାମକ ଯେଉଁ ଇନ୍ଧନ ଏବେ ଆବିଷ୍କୃତ ହୋଇଛି, ତାହା ଭାରତର ତ୍ରିବାଙ୍କୁଡ଼ ରାଜ୍ୟରେ ଯଥେଷ୍ଟ ପରିମାଣରେ ମିଳୁଥିବାର ଜଣାପଡ଼ୁଛି । ଏହାର ଉପଯୁକ୍ତ ବିନିଯୋଗ ହେଲେ ପୃଥିବୀର ଅନ୍ୟାନ୍ୟ ଉନ୍ନତ ଜାତି ସଙ୍ଗେ ଆମ୍ଭମାନଙ୍କ ଦେଶ ତୁରନ୍ତ ସମାନ ହୋଇପାରିବାର ଯଥେଷ୍ଟ ସମ୍ଭାବନା ଅଛି ।

ପ୍ରଶ୍ନ

୧ । ଆଣବିକ ଶକ୍ତି ବୋଇଲେ କଅଣ ବୁଝାଏ ? ଏହା ପୃଥିବୀର ସାମରିକ ଇତିହାସରେ କିଭଳି ଗୁରୁତ୍ୱ ପରିବର୍ତ୍ତନ ଆଣିଛି ?

୨ । ଆଣବିକ ଶକ୍ତିବଳରେ କ'ଣ କ'ଣ ଅଦ୍ଭୁତ ଜନହିତକର କାର୍ଯ୍ୟ ସମ୍ଭବ ହୋଇପାରେ, ବର୍ଣ୍ଣନ କର ।

୩ । "ବିଷଦ୍ୱାରା ପ୍ରାଣନାଶ ଘଟିଲେହେଁ ଔଷଧରୂପେ ବ୍ୟବହୃତ ହୋଇ ତାହା ପ୍ରାଣ ଦାନ କରିଥାଏ"—ଏ ବାକ୍ୟଟିର ମର୍ମ ଏହି ପାଠରୁ ବୁଝାଇ ଲେଖ ।

୪ । ପରୀକ୍ଷା, ଗବେଷଣା, ବିସ୍ଫୋରକ, ଅଲୌକିକ, ଆତଙ୍କିତ, ଚମତ୍କୃତ—ଏହି ଶବ୍ଦଗୁଡ଼ିକ ମଧ୍ୟରୁ ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟରେ ପରିଣତ କର ।

Digitized by srujanika@gmail.com

୫ । ଲଦ୍ଘୋଗତ ଜୀବନ, ସର୍ବନମ୍ର, ଅନୁନ୍ନତ, କ୍ଷୁଦ୍ରାଦପି କ୍ଷୁଦ୍ର, ମୃତ୍ୟୁମୁଖ, ସୃଷ୍ଟାତ୍ତସୃଷ୍ଟ—ଏଗୁଡ଼ିକର ସରଳାର୍ଥ ଲେଖ ।

କୋକିଳ *

ମଧ୍ୟାହ୍ନ ତପନକର ପ୍ରଚଣ୍ଡ ପ୍ରଖର,
ଅବସନ୍ନ ତରୁଲତା ପଶୁ ପକ୍ଷୀ ନର
ଏବେ ଶ୍ରମବାଧା ପାଇ
ପ୍ରବେଶିଲ ସ୍ପୃହାପ୍ରଦ ଘନ ବନେ ଯାଇ । ୧ ।
ଆହା କେଡ଼େ ଶାନ୍ତିମୟ ଏହୁ ବନସ୍ଥଳୀ
ଶୁଭ୍ର ନାହିଁ ସୁଦ୍ଧା ଏଥି ବିହଙ୍ଗ-କାକଳି,
ବନେ ଶାର୍ଦ୍ଦୂଳସ୍ପନ୍ଦନ
ନୀରବ ଗମ୍ଭୀରେ ନିଜ ଗତି ଅନୁସର । ୨ ।
ସୁଶ୍ୟାମଳ ତୃଣବାସେ ଆଚ୍ଛାଦିତ ମହୀ,
ସୁଶୀତଳ ସମୀରଣ ବହେ ରହି ରହି,
ଆହା କିଏ ସେ ଏକାକୀ
ମୋ ଶ୍ରୁତିପଥରେ ସୁଧାମୟ ବାଣୀ ଢାଳେ ? ୩ ।
ସଂସାର-ସମରେ ଦଗ୍ଧ ମୋ ବ୍ୟସ୍ତ-ଜୀବନ
ପରମ ଉଲ୍ଲାସ-ରସେ ହେଲା ନିମଗନ,
ଆହା ସେ ମଧୁର ଗୀତି
ମୋ ତାପିତ ହୃଦେ ଜାତ କଲା ଦିବ୍ୟ ପ୍ରୀତି । ୪ ।

* ପଣ୍ଡିତ ଗୋପବନ୍ଧୁଙ୍କ ରଚିତ "ଅବକାଶଚିନ୍ତା" ପୁସ୍ତକରୁ ଗୃହୀତ

Digitized by srujanika@gmail.com

ନେରେଖିଲ ଚଉଦିଗେ ସାବଧାନ ନେତ୍ରେ
କାହାକୁ ଦେଖିଲ ନାହିଁ ଡାଳେ କବା ପତ୍ରେ,
ବହେ ସେ ସଙ୍ଗୀତ-ସୁଧା,
ପୁଲକ ଉଠେ କି ସତେ ନିଖିଳ ବସୁଧା । ୫ ।

ମନେ ବିଚାରିଲ ଶାନ୍ତିଦେବୀ-ରାଜପଣେ
କରନ୍ତି ସଙ୍ଗୀତ ସ୍ୱର୍ଗ-ଅପସରଗଣେ
ରହି ଅଦୃଶ୍ୟ ଗୋପନେ,
ବୁଝିବେ ଏହାର ଅର୍ଥ କାହୁଁ ମର୍ତ୍ତ୍ୟଜନେ ? ୬ ।

କ୍ଷୁଦ୍ର ପକ୍ଷୀ ଏକ ତରୁଶଯ୍ୟାରୁ ଏକାଳେ
ଉଡ଼ି ପଡ଼ିଗଲା ଲତାକୁଞ୍ଜ ଅନ୍ତରାଳେ,
ବାଣୀସ୍ରୋତ ପରମ୍ପରା
ଏବେ ତାହା ପଛେ ପଛେ ବହିଗଲା ପରା । ୭ ।

ସେ ଲତାମଣ୍ଡପୁଁ ପୁଣି ବାହାରିଲା ତାନ,
ଜାଣିଲ ସେ କ୍ଷୁଦ୍ର ପକ୍ଷୀ କରୁଅଛି ଗାନ,
ଧନ୍ୟ ଧନ୍ୟ ରେ ବିହଙ୍ଗ,
କି ହେବ ବା ହେଲେ ତୋର ଅସୁନ୍ଦର ଅଙ୍ଗ ? ୮ ।
ଗୁଣ ଥିଲେ ରୂପରେ କି ଅଛି ପ୍ରୟୋଜନ ?
ରୂପ ଅଟଇ କେବଳ ବାହ୍ୟ ଆଭରଣ,
ଧନ୍ୟ ଧନ୍ୟ ରେ ବିହଙ୍ଗ,
କି ହେବ ବା ହେଲେ ତୋର ଅସୁନ୍ଦର ଅଙ୍ଗ ? ୯ ।
(ଭାରତ ପ୍ରାଚୀନ ଆର୍ଯ୍ୟ ମୁନିଗଣ ପରି
ମହାଲକ୍ଷ୍ୟ ସାଧୁ ଗୁପ୍ତ ସାଧୁବ୍ରତ ଧରି,
ତେଣୁ ତେଜି ଆଡ଼ମ୍ବର,
ଉଚ୍ଚାରୁ ନିଭୃତେ ବସି ଏ ମହାମନ୍ତ୍ର । ୧୦ ।)

Digitized by srujanika@gmail.com

ସେ ମହାପୁରୁଷେ ଯଥା ବସି ବନସ୍ଥଳେ
ପ୍ରକାଶିଲେ ଦିବ୍ୟତତ୍ତ୍ୱ ଧରଣୀ-ମଙ୍ଗଳେ,
        ତଥା କରୁ ଦିବ୍ୟ ନାଦ,
ଶୁଣି ଯାହା ତୁଟେ ନରହୃଦ-ଅବସାଦ । ୧୧ ।
ଏ ଯୁଗର ପ୍ରାଣୀ ନୋହୁ ଜାଣିଲି ରେ ପକ୍ଷି !
ପ୍ରାଚୀନ ମହତ ଶାନ୍ତ ଅଛୁ ତେଣୁ ରକ୍ଷି,
        ନାହିଁ ଗର୍ବ ଅହଙ୍କାର,
ତୋ ନିବାସ-ଉପଯୋଗୀ ନୁହେଁ ଏ ସଂସାର । ୧୨ ।
କେତେ କ୍ଷୁଦ୍ର ଦେହେ କେତେ ଗୁରୁତର ଭାବ !
ଲଗଇ ଆଶ୍ଚର୍ଯ୍ୟ ମୋତେ ଦେଖି ତୋ ପ୍ରଭାବ,
        ଆରେ ପ୍ରବୀଣ ବିହଙ୍ଗ,
ଲଭିବାକୁ ମୋର ଇଚ୍ଛା ତୋର ସାଧୁସଙ୍ଗ । ୧୩ ।
ଅଜ୍ଞାନ-ତିମିରେ ଅନ୍ଧ ଜଗତ-ସନ୍ତାନେ
ହରାଇଛନ୍ତି ଜାଣିଶୁ ମାନ-ଅଭିମାନ,
        ଆରେ ପ୍ରିୟ ପକ୍ଷିବର,
ଗାଅ ନାହିଁ, ପ୍ରକାଶୁଛ ବଦନରେ ଅନ୍ତର । ୧୪ ।
ଜାଣିବ କି କେହେ ପାଠକ ! ଏ ବିହଙ୍ଗ ନାମ,
ଜାଣିବ କି କାହିଁ ଏହା ଦୁଃଖମୟ ଧାମ ?
        ନାମ ଏହାର କୋକିଳ,
ବସନ୍ତରାଜ୍ୟ-ନିବାସୀ 'ସ୍ୱରକ୍ଷଣଶୀଳ' । ୧୫ ।

ପ୍ରଶ୍ନ

୧ । ସ୍ୱର୍ଗଙ୍ଗା ନଦୀକୂଳର ପ୍ରାକୃତିକ ଦୃଶ୍ୟ ଏ କବିତାରୁ ଯାହା ଜାଣିଲ, ବର୍ଣ୍ଣନା କର ।

Digitized by srujanika@gmail.com

୨ । "ଭାରତ ପ୍ରାଚୀନ ଆର୍ଯ୍ୟ·········ଏ ମହାମନ୍ତ୍ର"—ଏହାର ଭାବାର୍ଥ ଲେଖ ।

୩ । ଏ କବିତାର ଏକାଦଶ ପଦର ସରଳାର୍ଥ ଲେଖ ।

୪ । ପ୍ରବୀଣ, ନିବାସ, ନର, ବନ୍ଧନ, ଶାନ୍ତ—ଏଗୁଡ଼ିକର ପ୍ରକୃତି-ପ୍ରତ୍ୟୟ ଲେଖ ।

ଜୀବନ୍ତ ଜଗତ୍

ବୈଜ୍ଞାନିକମାନେ କହନ୍ତି ଯେ, କୋଟି କୋଟି ବର୍ଷପୂର୍ବେ ଆମ୍ଭମାନଙ୍କ ପୃଥିବୀର ରୂପ ଏକ ବିରାଟ ଅଗ୍ନିପିଣ୍ଡଭଳି ଥିଲା । ପ୍ରାକୃତିକ ପରିବର୍ତ୍ତନ ଫଳରେ କାଳକ୍ରମେ ପୃଥିବୀର ଉପରିଭାଗ ଶୀତଳ ହୋଇଆସିଲା ଏବଂ ବାୟୁମଣ୍ଡଳଦ୍ୱାରା ଆବୃତ ହେବା ସଙ୍ଗେ ସଙ୍ଗେ ଏହାର ପୃଷ୍ଠସ୍ଥ ନିମ୍ନଭାଗସକଳ ଜଳପୂର୍ଣ୍ଣ ହେଲା । ଏହି ପରିବର୍ତ୍ତନ ପରେ କ୍ରମେ ଜୀବ ସୃଷ୍ଟି ହୋଇଥିଲା ।

ପ୍ରଥମ ଜୀବ କିପରି ଓ କେଉଁଠାରେ ଜାତ ହେଲା, ତାହା ଅବଶ୍ୟ ଅଜ୍ଞାତ; ତଥାପି ପ୍ରଥମସୃଷ୍ଟ ଜୀବ ଜୀବାଣୁ ବା ସେହିଭଳି ସୂକ୍ଷ୍ମ ପଦାର୍ଥ ଥିଲା ବୋଲି ଅନୁମାନ କରାଯାଏ । ଏହି-ଜାତୀୟ ଜୀବାଣୁଗୁଡ଼ିକ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ କେବଳ ଦେଖାଯାନ୍ତି ।

ଆଦ୍ୟ-ଜୀବାଣୁକୁ ପ୍ରାଣୀ କିମ୍ବା ଉଦ୍‌ଭିଦ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇପାରେ ନାହିଁ । ସେମାନେ ଜଳମଧ୍ୟରେ ରହୁଥିଲେ ଓ ସୂର୍ଯ୍ୟୋତ୍ତାପରୁ ଜୀବନୀଶକ୍ତି ଲାଭ କରୁଥିଲେ । ଏହି ଆଦ୍ୟ-ଜୀବାଣୁହିଁ ଜଙ୍ଗମ ଓ ଉଦ୍‌ଭିଦ ଉଭୟଙ୍କର ଜନକ ।

Digitized by srujanika@gmail.com

ତାହାର ଗୋଟିଏ ଶାଖାରେ ଜଙ୍ଗମଜଗତ୍ ଓ ଅପର ଶାଖାରେ ଉଦ୍‌ଭିଦରାଜ୍ୟ ଜନ୍ମଲାଭ କରି କ୍ରମେ କ୍ରମେ ପରିବର୍ଦ୍ଧିତ ହେଲେ ବୋଲି ପଣ୍ଡିତମାନେ ସ୍ଥିର କରନ୍ତି ।

ବିଶାଳ ବଟବୃକ୍ଷକୁ ଓ ତା ଶାଖାରେ କ୍ରୀଡ଼ା କରୁଥିବା କ୍ଷୁଦ୍ର ଗୁଣ୍ଡିଚ ମୂଷାକୁ ଦେଖିଲେ ଉଭୟଙ୍କ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଥିବାର ଜଣାଯାଏ, ଅଥଚ ଏ ଉଭୟଙ୍କ ଭିତରେ ଯେ କେତେକ ସାମଞ୍ଜସ୍ୟ ଅଛି, ତାହା ଲକ୍ଷ୍ୟ କରିବାର କଥା ।

ବୃକ୍ଷଲତା ମୁକୁଳିତ ହେଲେ ପକ୍ଷୀ ଓ ପତଙ୍ଗମାନେ ଆକୃଷ୍ଟ ହୁଅନ୍ତି । ଗୁଳ୍ମଟିଏ କୁସୁମିତ ହେଲେ ଭ୍ରମର ଆସି ତାର ମଧୁର ଗୁଞ୍ଜନ ଆରମ୍ଭ କରିଦିଏ; ପ୍ରଜାପତି ଓ ମଧୁମକ୍ଷିକା ଆସି ପୁଷ୍ପରସ ସଂଗ୍ରହ କରନ୍ତି । ପକ୍ଷୀ ଓ ପତଙ୍ଗମାନେ ଉଦ୍ଭିଦ ସହିତ ଏ ଯେଉଁ ବନ୍ଧୁତା ପ୍ରତିଷ୍ଠା କରନ୍ତି, ଏହାର କାରଣ କଅଣ ? ସେମାନେ ପରସ୍ପରଠାରୁ ପୃଥକ୍ ଦେଖା ଯାଉଥିଲେ ମଧ୍ୟ ଉଭୟେ ଯେ ଏକ ଜୀବାଣୁରୁ ଜାତ, ଏ ସୂଚନା ଏଥିରୁ ମିଳେ ନାହିଁ କି ? ନଚେତ୍ ଗୋଟିଏ ଅନ୍ୟଟିପ୍ରତି ଏତେ ଆକୃଷ୍ଟ ହୁଅନ୍ତା କାହିଁକି ?



[ଫୁଲ ଓ ପ୍ରଜାପତି]

ପ୍ରତ୍ୟେକ ଜୀବନ୍ତ ପ୍ରାଣୀର ପ୍ରଧାନ ଲକ୍ଷଣ ଏହି ଯେ, ତାହା ଶ୍ୱାସ-ପ୍ରଶ୍ୱାସ କ୍ରିୟା କରିଥାଏ । ଉଦ୍‌ଭିଦର ନିଶ୍ୱାସରେ ଯେଉଁ ଉପାଦାନ ଅଛି, ତାହା ଜଙ୍ଗମର ଜୀବନଧାରଣପାଇଁ ଏକାନ୍ତ ଆବଶ୍ୟକ । ଜଙ୍ଗମର ନିଶ୍ୱାସ ମଧ୍ୟ ସ୍ଥାବର ଉଦ୍‌ଭିଦ

Digitized by srujanika@gmail.com

ପକ୍ଷରେ ହତକାଶ୍ୱ । ଏହିରୂପେ ସୃଷ୍ଟିର ଆରମ୍ଭରୁ ସ୍ଥାବର ଓ ଜଙ୍ଗମ ପରସ୍ପରଉପରେ ନିର୍ଭର କରି ଚଳି ଆସୁଛନ୍ତି । ଗୋଟିଏ ବୃନ୍ତରୁ ଦୁଇଟି ପୁଷ୍ପ ପ୍ରସ୍ଫୁଟିତ ହେଲପରି ସ୍ଥାବର ଜଙ୍ଗମ ପ୍ରକୃତିର ବୈଚିତ୍ର୍ୟ ବୃଦ୍ଧି କରି ପରସ୍ପରଠାରୁ ଆହାର ସଂଗ୍ରହ କରିବାରେ ଲାଗିଛନ୍ତି ।

ମକ୍ଷିକା ଆଦି କୀଟ-ପତଙ୍ଗ ଯେପରି ପତ୍ର, ପୁଷ୍ପ ଓ ଫଳ ଆହାର କରନ୍ତି, ସେହିପରି କଳସୀ ପୁଷ୍ପରେ ମକ୍ଷିକା ଓ ଅନ୍ୟ କୀଟ



[ପତଙ୍ଗଭୋଜୀ ଗୁଳ୍ମ]

ପତଙ୍ଗ ବସିଲେ ସେ ନିଜର ପାଖୁଡ଼ା ମୁଦ୍ରିତ କରି ସେଗୁଡ଼ିକୁ ଆହାର କରେ । କଳସୀ-ଫୁଲ ଜଙ୍ଗମ ଆହାର କଲେ ମଧ୍ୟ ଏକ ଉଦ୍ଭିଦ । ସମୁଦ୍ର-କୁମୁଦର ନାଡ଼ଟି ପ୍ରଧାନତଃ ଖଣିଜ ବସ୍ତୁ ହେଲେହେଁ ତାହା ଜନ୍ତୁବିଶେଷ । ସମୁଦ୍ରରେ ଗୁଡ଼ିକଙ୍କ ଜାଣିପୁ ଯେଉଁ ମନୋହର ପୁଷ୍ପ ଦେଖାଯାଏ, ତାହା ମଧ୍ୟ ଜଙ୍ଗମଶ୍ରେଣୀୟ ।

Digitized by srujanika@gmail.com

ଜୀବ ଓ ଉଦ୍‌ଭିଦର କ୍ରିୟାକଳାପରେ ମଧ୍ୟ ଅନେକ ସାମଞ୍ଜସ୍ୟ ଦେଖାଯାଏ । ଅଧିକାଂଶ ପ୍ରାଣୀ ସୂର୍ଯ୍ୟାସ୍ତପରେ ନିଦ୍ରା ଗଲାପରି କୃଷ୍ଣଚୂଡ଼ାଜାତୀୟ କେତେକ ବୃକ୍ଷ ପତ୍ର ସଙ୍କୁଚିତ କରି ରାତିରେ ନିଦ୍ରା ଯାନ୍ତି ।

କୂର୍ମ ଓ ଶ୍ୱେତ ଭଲ୍ଲୁକ ଶୀତକାଳରେ ଯେପରି ନିଷ୍କ୍ରିୟ ହୋଇ ରହନ୍ତି, ସେହିପରି ପ୍ରକାଣ୍ଡ ଓକ୍‌ବୃକ୍ଷ ଶୀତକାଳରେ ନିଷ୍କ୍ରିୟ ହୋଇପଡ଼େ । ଅତି ଉଷ୍ଣ ଶୁଷ୍କ ସ୍ଥାନରେ ଗୁଳ୍ମଲତାମାନେ ବର୍ଷା ଆସିବା ପର୍ଯ୍ୟନ୍ତ ନିଦ୍ରା ଯାଇଥାନ୍ତି । ସେହିପରି ଜଳଶୂନ୍ୟ ପୁଷ୍କରିଣୀରେ କେତେକ ମତ୍ସ୍ୟ, ଗେଣ୍ଡା, ଶାମୁକା ଓ ସରୀସୃପ ଗ୍ରୀଷ୍ମକାଳରେ ପଙ୍କତଳେ ନିଦ୍ରିତ ହୁଅନ୍ତି ।

ବୃକ୍ଷମାନେ ବଳ୍‌କଳ ଓ ପତ୍ର ତ୍ୟାଗ କଲାଭଳି ଶଙ୍ଖ ଓ ଶାମୁକା ଆଦି ନିଜର ଆବରଣ ତ୍ୟାଗ କରିଥାନ୍ତି । ସର୍ପମାନେ ନିଜ ଚର୍ମ ଛାଡ଼ନ୍ତି ଏବଂ ସଅଁବାଳୁଆ, ଝିଣ୍ଡିପୋକ ଓ ଏଣ୍ଡିପୋକ ଆଦି ପ୍ରାଣୀ ପକ୍ଷଯୁକ୍ତ ହୋଇ ପତଙ୍ଗର ରୂପ ଧାରଣ କରନ୍ତି ।

[illegible] ପୋକକୁ ଛୁଇଁ ଦେଲେ ଦେହ ମୋଡ଼ି ହୋଇଯାଏ । ଲଜକୁଳୀ [illegible] ସେପରି ସଙ୍କୁଚିତ ହୋଇପଡ଼େ । ସୂର୍ଯ୍ୟମୁଖୀ ଫୁଲ ସକାଳେ [illegible] ପୂର୍ବରୁ ପଶ୍ଚିମକୁ ମୁଖ ବୁଲାଏ, ସେହିପରି ଅନ୍ୟାନ୍ୟ ବହୁପ୍ରକାର ଉଦ୍‌ଭିଦର ଚେତନାଶକ୍ତି ପ୍ରଚାର ଜଣାଯାଇଛି । ଉଦ୍‌ଭିଦବିଜ୍ଞାନର ପ୍ରସିଦ୍ଧ ପଣ୍ଡିତ ସର୍ ଜଗଦୀଶଚନ୍ଦ୍ର ବୋଷ ପ୍ରମାଣ କରି ଦେଖାଇଛନ୍ତି ଯେ, ଆକାଶରେ ଘନ ମେଘର ସଞ୍ଚାର ହେଲେ ଉଦ୍‌ଭିଦମାନେ ଜାଣିପାରନ୍ତି ।

ସ୍ପଞ୍ଜ ଓ ପ୍ରବାଳ ପ୍ରଥମେ ଜଙ୍ଗମ ଭଳି ଗତିଶୀଳ ପ୍ରାଣୀ ଥିଲେହେଁ ବର୍ତ୍ତମାନ ସ୍ଥାବର ହୋଇ ଉଦ୍‌ଭିଦ ପାଲଟି ଯାଇଛନ୍ତି ।

Digitized by srujanika@gmail.com

ଗଙ୍ଗାନଦୀଗର୍ଭରେ ଏକପ୍ରକାର ଗୁଳ୍ମର ପତ୍ରଗୁଡ଼ିକ ଅବିଶ୍ରାନ୍ତ ଅଳ୍ପ ଅଳ୍ପ ଗତି କରୁଥିବା ମଧ୍ୟ ଦେଖାଯାଇଛି ।



[ସମୁଦ୍ରର ପ୍ରବାଳ ପ୍ରାଚୀର]

ଉଦ୍‌ଭିଦଗୁଡ଼ିକର ରଙ୍ଗ ପ୍ରାୟ ସବୁଜ ହୋଇଥାଏ । ତାହାକୁ ଅନୁକରଣ କରି ଲଜଡ଼କିଆ ସାପ ଓ ଝିଣ୍ଟିକା ଆଦି କେତେକ ପ୍ରାଣୀ ଶାଗୁଆ ରଙ୍ଗର ହୋଇଥାନ୍ତି । କେତେକ କୀଟ ଓ ସରୀସୃପର ଦେହକୁ କାଟି ଖଣ୍ଡ ଖଣ୍ଡ କରିଦେଲେ ଖଣ୍ଡିତ ଅଂଶଗୁଡ଼ିକ ମଧ୍ୟ କଲମି ଉଦ୍‌ଭିଦର ଶାଖାଭଳି ଜୀବିତ ରହନ୍ତି ଏବଂ କ୍ରମେ ବର୍ଦ୍ଧିତ ହୋଇ ପୁଣି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୁଅନ୍ତି ।

ଉଦ୍‌ଭିଦ ଓ ଜଙ୍ଗମର ବଂଶବୃଦ୍ଧି ପ୍ରକ୍ରିୟାରେ ମଧ୍ୟ ବହୁ ସାମଞ୍ଜସ୍ୟ ଦେଖାଯାଏ । ବର୍ଷମଧ୍ୟରେ କେତେକ ବୃକ୍ଷରୁ ଯେପରି

Digitized by srujanika@gmail.com

ଅସଂଖ୍ୟ ବୀଜ ଉତ୍ପନ୍ନ ହୁଏ, ସେହିପରି କୀଟମାନେ ବହୁସଂଖ୍ୟକ ଅଣ୍ଡା ପ୍ରସବ କରନ୍ତି । କେତେକ ଜାତିର ବେଙ୍ଗ ଓ ମତ୍ସ୍ୟ ଯେଉଁ ପରିମାଣରେ ଅଣ୍ଡା ପ୍ରସବ କରନ୍ତି, ସେମାନଙ୍କ ସଂଖ୍ୟା ଓଡ଼ିଶାର ଲୋକସଂଖ୍ୟାଠାରୁ ଅଧିକ ହୋଇପାରେ । ଲିଙ୍ଗନାମକ ସାମୁଦ୍ରିକ ମତ୍ସ୍ୟ ଓ ଝିଣ୍ଟିକାର ଯେଉଁ ସଂଖ୍ୟାରେ ବଂଶବୃଦ୍ଧି ଘଟେ, ତାହା ଭାରତର ଜନସଂଖ୍ୟାକୁ ମଧ ବଳିପଡ଼େ ।

ସୌନ୍ଦର୍ଯ୍ୟ ସୃଷ୍ଟି କରିବାରେ ଉଦ୍ଭିଦ ଓ ଜଙ୍ଗମମଧ୍ୟରେ ପ୍ରତିଯୋଗିତା ଦେଖାଯାଏ । କୁସୁମସମ୍ଭାରର ବିବିଧ ରଙ୍ଗ-ବିନ୍ୟାସ ଓ ସୌରଭଭଳି ବ୍ୟାଘ୍ର-ମୃଗାଦି ପଶୁ ତଥା ଶୁକ-ସାରି-ମୟୂର-ପ୍ରଜାପତି ଆଦି ପକ୍ଷୀ ଓ ପତଙ୍ଗଶ୍ରେଣୀ ନିଜର ବର୍ଣ୍ଣ ଓ ସ୍ୱନଦ୍ୱାରା ଚକ୍ଷୁ କର୍ଣ୍ଣର ରସାୟନ ସୃଷ୍ଟି କରନ୍ତି ନାହିଁ କି ?

ଅଧିକାଂଶ ପଶୁପକ୍ଷୀ ଓ କୀଟପତଙ୍ଗ ଆହାର ନିମିତ୍ତ ଉଦ୍ଭିଦ-ଉପରେ ନିର୍ଭର କରନ୍ତି । ମନୁଷ୍ୟ ନିଜର ଖାଦ୍ୟ ସହିତ ବସ୍ତ୍ର, ଗୃହୋପକରଣ ଓ ଔଷଧପାଇଁ ଉଦ୍ଭିଦଉପରେ ନିର୍ଭର ନ କରି ଚଳିପାରେ ନାହିଁ । ସେହିପରି ଜଙ୍ଗମଠାରୁ ଖାଦ୍ୟସାର ଗ୍ରହଣ କରି ଉଦ୍ଭିଦ ବର୍ଦ୍ଧିତ ହୁଏ, ଜଙ୍ଗମର ମଳମୂତ୍ର ଅଥବା ମୃତ ଦେହକୁ ସାରରୂପେ ଗ୍ରହଣ କରେ । ମୃତଦେହ ପଚିଗଲେ ସେଥିରୁ ଯେଉଁ ଅଙ୍ଗାରକାମ୍ଳ, ଜଳ, ଏମୋନିଆ ଓ କେତେକ ଲବଣ ଉତ୍ପନ୍ନ ହୁଏ, ଉଦ୍ଭିଦର ଜୀବନଧାରଣପାଇଁ ସେସବୁ ଏକାନ୍ତ ଆବଶ୍ୟକ । ଏହିରୂପେ ଜଙ୍ଗମରୁ ଉଦ୍ଭିଦର ଓ ଉଦ୍ଭିଦରୁ ଜଙ୍ଗମର ଜୀବନକ୍ରୀଡ଼ା ଲାଗିଥାଏ ।

ଏହିସବୁ କାରଣରୁ ଜଳଭାଗର ଦୀର୍ଘତମ ସରୀସୃପ କୁମ୍ଭୀର, ଅରଣ୍ୟର ବୃକ୍ଷରାଜ ଓକ୍, ଜୀବସୃଷ୍ଟିର ବୃହତ୍ତମ ପ୍ରାଣୀ ତିମି, ଭୂଭାଗର ଅତିକାୟ ହସ୍ତୀ ଏବଂ ବୁଦ୍ଧିବିଚକ୍ଷଣତାସମ୍ପନ୍ନ ମାନବ —ସମସ୍ତେ ଗୋଟିଏ ଜାତି ଓ ସମ୍ପ୍ରଦାୟ—ଜୀବନ୍ତ ଜଗତର ଅନ୍ତର୍ଗତ ବୋଲି କହିଲେ ଅତ୍ୟୁକ୍ତି ହେବ କି ?

Digitized by srujanika@gmail.com

ପ୍ରଶ୍ନ

୧ । ନିମ୍ନ ପ୍ରଶ୍ନ ଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଦିଅ—

(କ) ଜୀବସୃଷ୍ଟି ପୂର୍ବରୁ ପୃଥିବୀର ଅବସ୍ଥା କିପରି ଥିଲା ?

(ଖ) କାହାରି ଜୀବନ ଥିବାର ପ୍ରଧାନ ଲକ୍ଷଣ କଅଣ ?

(ଗ) ସାପ କାଣ୍ଡ ଗୁଡ଼ିକପରି ଉଦ୍ଭିଦର କି ପରିବର୍ତ୍ତନ ଘଟେ ?

(ଘ) ଗଛର ଚେତନାଶକ୍ତି ଥିବାର ପ୍ରତ୍ୟକ୍ଷ ପ୍ରମାଣ କଅଣ ?

(ଙ) କେଉଁ ଜଙ୍ଗମମାନେ ଉଦ୍ଭିଦଦେହର ବର୍ଣ୍ଣକୁ ଅନୁକରଣ କରନ୍ତି ?

(ଚ) କେଉଁ କେଉଁ ପଶୁ ଓ ପକ୍ଷୀଙ୍କ ଦେହ ଫୁଲଙ୍କ ଭଳିଆ ରଙ୍ଗରେ ରଞ୍ଜିତ ?

୨ । ଉଦ୍ଭିଦ ଓ ଜଙ୍ଗମ ଖାଦ୍ୟପାଇଁ ପରସ୍ପରଉପରେ କିପରି ନିର୍ଭର କରନ୍ତି, ଏକ ଅନୁଚ୍ଛେଦରେ ପ୍ରକାଶ କର ।

୩ । ସ୍ଥାବର, ରସାୟନ, ଅବଶ୍ରାନ୍ତ, ସାମଞ୍ଜସ୍ୟ, ସମ୍ପୃକ୍ତ, ଜୀବନଲୀଳା, ଅତିକାୟ—ଏଗୁଡ଼ିକର ଅର୍ଥ କହ ।

ଗୃହନିର୍ମାଣ ପ୍ରଣାଳୀ

ଗ୍ରୀଷ୍ମ, ବର୍ଷା, ଶୀତ, ବାତ୍ୟା ଆଦିର ପ୍ରକୋପରୁ ନିଜକୁ ରକ୍ଷା କରିବା ଲାଗି ମନୁଷ୍ୟ ଗୃହ ନିର୍ମାଣ କରି ବାସ କରେ । ସହସ୍ର ସହସ୍ର ବର୍ଷ ପୂର୍ବେ ସେ ବର୍ତ୍ତମାନ ପରି ସୁଦୃଢ଼ ସୁନ୍ଦର ଗୃହନିର୍ମାଣର କୌଶଳ ଜାଣି ନ ଥିଲା । ଅତି ପ୍ରାଚୀନ କାଳରେ ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ନିରାପଦରେ ରହିବା ଲାଗି ସେ ପ୍ରଥମେ ବୃକ୍ଷାଗ୍ରରେ ଡାଳପତ୍ର ସାହାଯ୍ୟରେ କୁଟୀର ନିର୍ମାଣ କରି ବାସ କଲା ।

ମାନବ ଏବେ ମଧ୍ୟ ପୃଥିବୀର କେତେକ ସ୍ଥାନରେ ବୃକ୍ଷ-ଶାଖାରେ କୁଟୀର ନିର୍ମାଣ କରି ବାସ କରୁଥିବାର ଦେଖାଯାଏ ।

Digitized by srujanika@gmail.com

ଅଷ୍ଟ୍ରେଲିଆ ମହାଦେଶର ଉତ୍ତରରେ ଅବସ୍ଥିତ ନିଉଗିନି ନାମକ ସୁବୃହତ୍ ଦ୍ୱୀପରେ ଏହିପରି ବୃକ୍ଷବାସୀ ମନୁଷ୍ୟ ଅଛନ୍ତି । ସେମାନଙ୍କର ଗୃହକୁ ଯାତାୟାତ କରିବାପାଇଁ ତଳରୁ ଗୋଟିଏ ନିଶୁଣୀ ଆବଶ୍ୟକ ହୋଇଥାଏ । ତାଙ୍କର ଏଭଳି ଜୀବନନିର୍ବାହ ପ୍ରଣାଳୀ ଆମ୍ଭମାନଙ୍କୁ ବିଚିତ୍ର ବୋଧ ହୁଏ ନାହିଁ କି ? ସେମାନେ ମାନବର ଆଦିମ ଅବସ୍ଥାରୁ ଅଧିକ ଦୂର ଅଗ୍ରସର ହୋଇପାରି ନାହାନ୍ତି ବୋଲି ଏଥିରୁ ଜଣା ପଡ଼େ । ଆମ୍ଭମାନଙ୍କ ଦେଶରେ ମଧ୍ୟ କୃଷକଗଣ କୃଷିକ୍ଷେତ୍ରର ରକ୍ଷାପାଇଁ ଏବଂ ଶିକାରୀମାନେ ଅରଣ୍ୟରେ ହିଂସ୍ରଜନ୍ତୁଙ୍କ ଶିକାର କରିବାଲାଗି ବୃକ୍ଷଉପରେ ଏହିଭଳି ଅସ୍ଥାୟୀ କୁଟୀର ବା ମଞ୍ଚା ନିର୍ମାଣ କରିଥାନ୍ତି ।



[ବାମନର ଗୃହ]

ମଧ୍ୟ-ଆଫ୍ରିକାର ବାମନ-ଜାତୀୟ ମାନବମାନଙ୍କ ବିଷୟରେ ତୁମେ ଶୁଣିଥିବ । ଏହି ଅନୁନ୍ନତ ଅନୁଚ୍ଚ ମନୁଷ୍ୟଗଣ ଭୂମିଉପରେ ଡାଳପତ୍ରଦ୍ୱାରା ଅର୍ଦ୍ଧବୃତ୍ତ କୁଟୀର ପ୍ରସ୍ତୁତ କରି ରହନ୍ତି । ଗ୍ରୀଷ୍ମପ୍ରଧାନ ଦେଶସମୂହରେ ଏହିଭଳି କୁଟୀର ସ୍ଥାନେ ସ୍ଥାନେ ଦେଖାଯାଏ । ଆମ୍ଭମାନଙ୍କ ଦେଶରେ ସାପୁଆ କେଳା ଆଦି କେତେକ ଭ୍ରାମ୍ୟମାଣ ଜାତି ବର୍ଷର କିଛି କାଳ ବିଭିନ୍ନ ସ୍ଥାନରେ କ୍ଷୁଦ୍ର କୁଟୀର କରି ରହନ୍ତି ।

ଶୀତପ୍ରଧାନ ଦେଶମାନଙ୍କରେ ଅତ୍ୟଧିକ ଶୀତ ହେତୁ ଏବଂ ଝଡ଼ ତୋଫାନ ଓ ତୁଷାରପାତ ଯୋଗୁଁ ବୃକ୍ଷଉପରେ ନିରାପଦରେ ବାସ କରିବା ସମ୍ଭବପର ହୁଏ ନାହିଁ । ତେଣୁ ପୂର୍ବେ ସେସବୁ ଦେଶର ଲୋକେ ଗୁମ୍ଫାମଧ୍ୟରେ ବାସ କରୁଥିଲେ ।

Digitized by srujanika@gmail.com

ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ଦୂରରେ ରହିବାପାଇଁ ସେମାନେ ଗୁମ୍ଫାର ଦ୍ୱାରଦେଶକୁ ପ୍ରସ୍ତରଖଣ୍ଡଦ୍ୱାରା ରୁଦ୍ଧ କରୁଥିଲେ । ବର୍ତ୍ତମାନ ଅବଶ୍ୟ ଗୁମ୍ଫାରେ ବାସ କରୁଥିବା ମନୁଷ୍ୟ ପ୍ରାୟ ଦେଖାଯାନ୍ତି ନାହିଁ; କିନ୍ତୁ ସେହିସବୁ ଗୁମ୍ଫାର କେତେକ ଭଗ୍ନାବଶେଷ ଆଜିପର୍ଯ୍ୟନ୍ତ ରହିଛି । ଗବେଷକମାନେ ସେଗୁଡ଼ିକୁ ଆବିଷ୍କାର କରି ତହିଁରେ ଜୀବଜନ୍ତୁଙ୍କର ଚିତ୍ର ଏବଂ ଆଦି-ମାନବର ଅସ୍ଥି ପ୍ରଭୃତି ଦେଖି ନାନା ତଥ୍ୟ ପ୍ରକାଶ କରିଛନ୍ତି । ବହୁ ସହସ୍ର ବର୍ଷ ପୂର୍ବେ ଗୁମ୍ଫାବାସୀ ମନୁଷ୍ୟ କଅଣ ଆହାର କରୁଥିଲା, ତାହାର କି କି ଗୃହସାମଗ୍ରୀ ଥିଲା ଏବଂ ସେତେବେଳେ କେଉଁ ଜୀବଜନ୍ତୁ ତାହାର ବ୍ୟବହାରରେ ଲାଗୁଥିଲେ, ଏସମସ୍ତ ବିଷୟରେ ଅନେକ ଶିକ୍ଷଣୀୟ ତଥ୍ୟ ଉକ୍ତ ବିବରଣୀରୁ ମିଳିଥାଏ ।

କାଳକ୍ରମେ ମନୁଷ୍ୟ ଅଧିକ ସୁଖପ୍ରଦ ଓ ନିରାପଦ ଆବାସରେ ରହିବାକୁ ଶିକ୍ଷା କଲା । ସେ ଉନ୍ନତ ଓ ସଭ୍ୟ ଅବସ୍ଥା ଲାଭ କରି ବୃକ୍ଷ ଓ ଗୁମ୍ଫାଗୃହକୁ ତ୍ୟାଗ କଲା ଏବଂ ମୃତ୍ତିକା, ପ୍ରସ୍ତର, କାଷ୍ଠ ଆଦି ଉପକରଣକୁ ଗୃହନିର୍ମାଣ କାର୍ଯ୍ୟରେ ବ୍ୟବହାର କଲା ।

ସ୍ଥାନୀୟ ଜଳବାୟୁଭେଦରେ ଗୃହନିର୍ମାଣର ଉପକରଣରେ ପାର୍ଥକ୍ୟ ଦେଖାଯାଏ । ଗ୍ରୀଷ୍ମପ୍ରଧାନ ଦେଶମାନଙ୍କର ଗୃହଗୁଡ଼ିକ ସାଧାରଣତଃ ମୃତ୍ତିକାନିର୍ମିତ, କାରଣ ମୃତ୍ତିକା ଗୃହାଭ୍ୟନ୍ତରକୁ ଗ୍ରୀଷ୍ମୋତ୍ତାପରୁ ରକ୍ଷା କରିପାରେ; ମାଟି ସୂର୍ଯ୍ୟାତପରେ ତାହା ଶୁଷ୍କ ହୋଇ ପ୍ରସ୍ତରପ୍ରାୟ ଶକ୍ତ ହୁଏ । ଭାରତର ଅଧିକାଂଶ ବାସଗୃହ ତୃଣ ବା ପତ୍ରଦ୍ୱାରା ଆଚ୍ଛାଦିତ ଏବଂ ତାର କାନ୍ଥ ମୃତ୍ତିକାଦ୍ୱାରା ନିର୍ମିତ । ଶୀତପ୍ରଧାନ ଦେଶମାନଙ୍କରେ ତୁଷାରପାତ ହେଉଥିବାରୁ ଏଭଳି ଗୃହ ସ୍ଥାୟୀ ହୋଇପାରେ ନାହିଁ । ଜାପାନ ଦେଶରେ ବାରମ୍ବାର ଭୂମିକମ୍ପ ହେଉଥିବାରୁ ଗୃହଗୁଡ଼ିକୁ ମୋଟା ଓ ଶକ୍ତ କାଗଜରେ ନିର୍ମାଣ କରିବା

Digitized by srujanika@gmail.com

ଆବଶ୍ୟକ ହୁଏ । ତେଣୁ ଭୂମିକମ୍ପଦ୍ୱାରା ସେସବୁ ନଷ୍ଟ ହୋଇଗଲେ ପୁନର୍ନିର୍ମାଣ କଷ୍ଟକର ହୁଏ ନାହିଁ ।

ପ୍ରାଚୀନ ମିଶର ଦେଶର ଲୋକମାନେ ଇଟାକୁ ସୂର୍ଯ୍ୟାଲୋକରେ କେବଳ ଶୁଖାଇ କରି ଗୃହ ନିର୍ମାଣ କରୁଥିଲେ । ସେଥିମଧ୍ୟରୁ କେତେକ ଗୃହ ବହୁ ସହସ୍ର ବର୍ଷ ଅତିକ୍ରମ କରି ଆଜିପର୍ଯ୍ୟନ୍ତ ରହିଅଛି ।

[ମହେଞ୍ଜୋଦାରୋର ଭଗ୍ନାବଶେଷ]

ଇଟା ବ୍ୟବହାର କରିବାପରେ ମିଶରବାସୀମାନେ ପ୍ରସ୍ତରଦ୍ୱାରା ଗୃହ, ପ୍ରାସାଦ ଓ ପ୍ରକାଣ୍ଡ କବରମାନ ନିର୍ମାଣ କଲେ । ପାଞ୍ଚ ହଜାର ବର୍ଷ ପୂର୍ବେ ମିଶର-ରାଜା ଖୁଫୁଙ୍କ ଉଦ୍ଦେଶ୍ୟରେ ଯେଉଁ ସବୁଠାରୁ ବଡ଼ କବର ବା ପିରାମିଡ୍ ନିର୍ମିତ ହୋଇଥିଲା, ତାହା ଅନ୍ୟାନ୍ୟ ପିରାମିଡ୍ ସହିତ ଅଦ୍ୟାବଧି ଅକ୍ଷୁଣ୍ଣ ରହିଛି । ପ୍ରାଚୀନ ଭାରତର ମହେଞ୍ଜୋଦାରୋ ଏବଂ ହରପ୍ପାଠାରେ ଯେଉଁସବୁ ପ୍ରସ୍ତରନିର୍ମିତ ଗୃହ ଓ ମନ୍ଦିର

Digitized by srujanika@gmail.com

ଖନନଦ୍ୱାରା ଭୂଗର୍ଭରୁ ଉଦ୍ଧାର କରାଯାଇଛି, ସେଗୁଡ଼ିକ ଏହିପରି ନୂଆ ପାଞ୍ଚ ହଜାର ବର୍ଷର ପୁରାତନ ବୋଲି ପ୍ରତ୍ନତାତ୍ତ୍ୱିକମାନେ ପ୍ରମାଣ କରିଛନ୍ତି ।

ପର୍ବତଗାତ୍ରରେ ଗୁମ୍ଫା କାଟି ସେଥିରେ ବାସ କରିବା ରୀତି ମଧ୍ୟ ଏକ ସମୟରେ ପ୍ରଚଳିତ ଥିଲା । ଭୁବନେଶ୍ୱର ନିକଟବର୍ତ୍ତୀ

[ବାଘ ଗୁମ୍ଫା]

ଖଣ୍ଡଗିରିରେ ଏବଂ ଭାରତର ଅନ୍ୟାନ୍ୟ ପର୍ବତରେ ପ୍ରାଚୀନ ଗୁମ୍ଫାମାନ ଦେଖାଯାଏ । ଏହିସକଳ ଗୁମ୍ଫାରେ ଯୋଗିଋଷିମାନେ ତପସ୍ୟା କରୁଥିଲେ ବୋଲି କଥିତ ଅଛି । ଅଜନ୍ତାର ବୌଦ୍ଧଗୁମ୍ଫା ଓ ତାହାର ଚିତ୍ରଗୁଡ଼ିକ ଆମ୍ଭମାନଙ୍କ ପ୍ରାଚୀନ ସଭ୍ୟତାର ଜ୍ୱଳନ୍ତ ନିଦର୍ଶନ ।

ଗ୍ରୀସ୍‌ଦେଶର ସଭ୍ୟତା ବହୁତ ପ୍ରାଚୀନ । ସେଦେଶର ରାଜଧାନୀ ଏଥେନ୍‌ସ୍ ନଗର ଆଜିପର୍ଯ୍ୟନ୍ତ ଅତୀତ ସ୍ମୃତି ବହନ କରୁଅଛି ।

Digitized by srujanika@gmail.com

ପ୍ରାଚୀନ ଗ୍ରୀସ ଦେଶର କେତେକ ଦୁର୍ଗାବଳି ଏଥେନସ୍ ନଗର ଗୋଟିଏ ଅନୁଚ୍ଚ ପର୍ବତଉପରେ କର୍ତ୍ତିତପ୍ରସ୍ତରଦ୍ୱାରା ନିର୍ମିତ ହୋଇଥିଲା । ଏହି ହର୍ମ୍ୟଗୁଡ଼ିକ ବହୁ ସ୍ତମ୍ଭଶୋଭିତ ଓ ବିବିଧ କାରୁକାର୍ଯ୍ୟଖଚିତ ହୋଇ ଆଜି ମଧ୍ୟ ଗ୍ରୀସ୍ ସଭ୍ୟତାର ଗୌରବ ଘୋଷଣା କରୁଛି ।

[କୋଣାର୍କ ମନ୍ଦିର]

ପରବର୍ତ୍ତୀ କାଳରେ ପ୍ରସ୍ତରଦ୍ୱାରା ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କରେ ଶତ ସହସ୍ର ବିରାଟ ରାଜପ୍ରାସାଦ, ମନ୍ଦିର, ଗୀର୍ଜା, ମସ୍‌ଜିଦ୍, ଦୁର୍ଗ ଓ କବର ନିର୍ମିତ ହୋଇଥିଲା । ଅପୂର୍ବ ଶିଳ୍ପକଳାରେ ମଧ୍ୟ ସେସବୁ ଶୀର୍ଷ ସ୍ଥାନ ଲାଭ କରିଅଛି । ଏହିପରି ଆମ୍ଭମାନଙ୍କର କୋଣାର୍କ ମନ୍ଦିର ଏବଂ ଆଗ୍ରାର ତାଜମହଲ ଜଗତବିଖ୍ୟାତ । ପୃଥିବୀର ବିଭିନ୍ନ ଦେଶରେ ମନ୍ଦିର, ମସଜିଦ ବା ଗୀର୍ଜାଗୁଡ଼ିକର ନିର୍ମାଣ ରୀତି ଯେପରି ବିଭିନ୍ନ, ସେହିପରି ସୁନ୍ଦର ।

ଆଧୁନିକ ଯୁଗରେ ଗୃହନିର୍ମାଣର ପଦ୍ଧତି ଓ ଉପାଦାନ ପରିବର୍ତ୍ତିତ ହୋଇଯାଇଛି । ବର୍ତ୍ତମାନ ହର୍ମ୍ୟଗୁଡ଼ିକର ନିର୍ମାଣରେ ଲୌହ ଏକ ପ୍ରଧାନ ଉପାଦାନ ହୋଇପଡ଼ିଛି । ଗୋଟିଏ ପ୍ରକାଣ୍ଡ ଅତ୍ୟୁଚ୍ଚ ଗୃହ ନିର୍ମାଣ କରିବା ପୂର୍ବରୁ ସେହି ଆକାରର ଲୌହ ଗୁମ୍ଫ ପ୍ରସ୍ତୁତ କରାଯାଏ ।

Digitized by srujanika@gmail.com

ଛପୂରେ ସେହି ଗୁଞ୍ଜରେ ମିଶ୍ରିତ ଗୋଡ଼-ସିମେଣ୍ଟ ଢାଳଦେବାକୁ ହୁଏ । ଏହିରୂପେ ମ୍ବଗୁନି ପ୍ରସ୍ତରର ଗୋଡ଼, ସିମେଣ୍ଟ ଓ ଲୌହଦ୍ୱାରା ଯେଉଁ କୃତ୍ରିମ ପ୍ରସ୍ତର ପ୍ରସ୍ତୁତ କରାଯାଏ, ତାହା ପ୍ରକୃତ ପ୍ରସ୍ତର ଅପେକ୍ଷା ଅଧିକ ଶକ୍ତ ହୋଇଥାଏ ।

ଲକ୍ଷ ଲକ୍ଷ ଲୋକ ବାସ କରୁଥିବା ବିରାଟ ନଗରମାନଙ୍କରେ ସ୍ଥାନାଭାବ ଘଟୁଥିବାରୁ ହର୍ମ୍ୟଗୁଡ଼ିକୁ ବହୁତଳବିଶିଷ୍ଟ କରିବା ଆବଶ୍ୟକହୋଇପଡ଼ୁଛି । ଆମେରିକାର ନିୟୁୟର୍କ ସହରର ଏହିପରି ଆକାଶ-ଚୁମ୍ବୀ ପ୍ରାସାଦମାନଙ୍କ ଲାଗି ପ୍ରସିଦ୍ଧ । ଏଗୁଡ଼ିକ କେବଳ ଉଚ୍ଚତାରେ ନୁହେଁ, ସୌନ୍ଦର୍ଯ୍ୟରେ ମଧ୍ୟ ଉତ୍କର୍ଷ ଲାଭ କରି-ଅଛି । ବୈଦ୍ୟୁତିକ ଆଲୋକରେ ଆଲୋକିତ ଏହି ଅଭ୍ରଂଲିହ ଗୃହ-ଗୁଡ଼ିକୁ ବିଦ୍ୟୁତ୍ ଟ୍ରେନ୍ ସାହାଯ୍ୟରେ ଯାତାୟାତ କରିବା ସହଜ ହୋଇ-ଥାଏ । ଆଧୁନିକ ଗୃହନିର୍ମାଣ ପ୍ରଣାଳୀରେ ଗୃହ ମଧ୍ୟରେ ନିର୍ମଳ ବାୟୁ ଓ ପ୍ରଚୁର ସୂର୍ଯ୍ୟାଲୋକ ପାଇବା



[ନିୟୁୟର୍କର ଆକାଶସ୍ପର୍ଶୀ ସୌଧ]

Digitized by srujanika@gmail.com

ପାଇଁ ଅଧିକ ବ୍ୟବସ୍ଥା କରାଯିବା ଫଳରେ ସେଗୁଡ଼ିକ ସ୍ୱାସ୍ଥ୍ୟକର ହୋଇପାରିଛି । ସେହି ଦୃଷ୍ଟିରୁ ବଡ଼ ବଡ଼ ନଗରମାନଙ୍କରେ ଅନ୍ଧକାରାଚ୍ଛନ୍ନ ପ୍ରାଚୀନ ଗୃହଗୁଡ଼ିକୁ ଭାଙ୍ଗି ଆଧୁନିକ ଉପକରଣଦ୍ୱାରା ନୂତନ ପ୍ରଣାଳୀରେ ନିର୍ମାଣ କରାଯାଉଛି । ସ୍ୱାସ୍ଥ୍ୟ, ସୁଖସମ୍ପଦ ଓ ଧର୍ମ ଜୀବନଯାତ୍ରା ହିଁ ଆଧୁନିକ ଗୃହନିର୍ମାଣର ପ୍ରଧାନ ଲକ୍ଷ୍ୟ ହୋଇଛି ।

ପ୍ରଶ୍ନ

୧ । ଆଦି-ମାନବ ଗୃହ ନିର୍ମାଣ କରି ବାସ କରିବାର ଆବଶ୍ୟକତା ବୋଧ କଲା କାହିଁକି ?

୨ । ଗ୍ରୀଷ୍ମପ୍ରଧାନ ଓ ଶୀତପ୍ରଧାନ ଦେଶରେ ଗୃହନିର୍ମାଣର ପ୍ରଣାଳୀରେ କି ପାର୍ଥକ୍ୟ ଦେଖାଯାଏ ?

୩ । ଆଧୁନିକ ଗୃହନିର୍ମାଣ ପ୍ରଣାଳୀ ସମ୍ବନ୍ଧରେ ଯାହା ଜାଣିଲ, ସଂକ୍ଷେପରେ କହ ।

୪ । ଅଜନ୍ତା, ମହେଞ୍ଜୋଦାରୋ, ପିରାମିଡ୍, ତାଜମହଲ, କୋଣାର୍କ —ଏଗୁଡ଼ିକ ବିଷୟରେ ଯାହା ଜାଣ କହ ।

୫ । ଉପକରଣ, ଉପାଦାନ, ଉଦ୍ଧାର, ଜ୍ୱଳନ୍ତ, ନିଦର୍ଶନ, ସାମଗ୍ରୀ, ଅତ୍ୟୁଚ୍ଚ, ଭୂଗର୍ଭପାତ, ଆଚ୍ଛାଦିତ, ଗବେଷକ, ଆକାଶଚୁମ୍ବୀ —ଏଗୁଡ଼ିକୁ ଏକ ଏକ ବାକ୍ୟରେ ବ୍ୟବହାର କର ।

୬ । ପ୍ରାଚୀନ, ନିର୍ମାଣ, ଉନ୍ନତ, ଅନୁନ୍ନତ, ଭ୍ରାମ୍ୟମାଣ, ପାଶ୍ଚାତ୍ୟ, ବାରମ୍ବାର, ଦୃଢ଼—ଏଗୁଡ଼ିକର ବିପରୀତ ଶବ୍ଦ ଲେଖ ।

Digitized by srujanika@gmail.com

ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ-ଦର୍ଶନ*

ଊନବିଂଶଶତ ଖ୍ରୀଷ୍ଟ-ଅବ୍ଦ ଗତେ
ବିଂଶଶତ-ଅବ୍ଦ ପ୍ରବେଶ ଜଗତେ ।
ଅନନ୍ତ ସମୟ-ସାଗର-ଉଦରେ
ଶତ ବର୍ଷ ଆହା ପଶିଲା କ ଖରେ !
କେତେ କେତେ ମନେ କେତେ କ ବାସନା
ଅପୂର୍ଣ୍ଣ ରହିଲ, ନାହିଁ ଆଶ୍ୱାସନା ।
ନିରପେକ୍ଷ କାଳ ନ ଚାହିଁଲ କ୍ଷଣେ,
ହେବେ ତାର ପ୍ରିୟ ନାହିଁ କେହି ଜଣେ ।
କେତେ କାହା ହୃଦେ ଅପାର କଷଣ
ନ ତୁଟି ଶୋଣିତ କରଇ ଶୋଷଣ ।
କାଳଠାରେ ନାହିଁ ଦୟାମାୟା ଲେଶ,
କରି ଯାଏ ଚାଲ ନିଜ କାର୍ଯ୍ୟ ଶେଷ ।
ଆସ ନବ ଯୁଗ ନବୀନ ବରଷ,
ନବ ଦିନେ ଘେନି ଅଶେଷ ହରଷ ।
ବିଷ୍ଣୁ-ସ୍ୱର୍ଗଧାମୁଁ ସୁଖ ସମାଚାର
ଆଣି ଏ ସଂସାରେ କର ହେ ପ୍ରଚାର ।
ବିଗତଶତାବ୍ଦୀ-ଘୋର-ତାପଜାଳ
ସୁରଗର ଶାନ୍ତି-ଉଦକେ ପଖାଳ ।
ନନ୍ଦନକାନନ-ନବ-ଫୁଲବାସ
ଦୂଷିତ ଧରଣୀଧାମେ ପରକାଶ ।
ଦିବ୍ୟ ଭାବ ଦିଅ ମୋର ପିଣ୍ଡେ ଆଣି,
ପବିତ୍ର ଉତ୍ସାହେ ମତ୍ତ ହେଉ ପ୍ରାଣୀ ।

---

*ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ଅବକାଶଚିନ୍ତା' ପୁସ୍ତକରୁ ଗୃହୀତ

Digitized by srujanika@gmail.com

ଆବର ମାଗୁଛୁ ଯୋଡ଼ି କର ବେନି,
ଘରଛର ପୂର୍ବ ଯଶଃ ଆସ ଦେନି ।
ଭାବରଙ୍ଗେ ଧନେ ଯେହୁ ମହାରାଜ,
ଆହା ମାନହୀନ ଭିଖାରି ସେ ଆଜ ।
କର ହେଲେ ଏଥା ଦେଖିଣ କରୁଣା,
ନବ ତେଜେ ଥରେ ବିକାଶୁ ପୁରୁଣା ।

ହେ କାଳ, ତୁମ୍ଭେ ତ ସର୍ବଶକ୍ତିମନ୍ତ,
କିଏ ଜାଣେ କାହିଁ ତୁମ୍ଭ ଆଦ୍ୟ-ଅନ୍ତ !
କିଏସେ କଳିବ କେତେ ତୁମ୍ଭ ବଳ,
ହୁଏ ଯେଣୁ ଜଳେ ସ୍ଥଳ, ସ୍ଥଳେ ଜଳ ।

ଏହି ଯେ ସମ୍ମୁଖେ ବାରବାଟୀ ପଦା,
ଭାଙ୍ଗିଅଛୁ ଯହିଁ ଲକ୍ଷ ଲକ୍ଷ ଗଦା ।
ଥିଲା ଯେହୁ ବୀର-ଦ୍ୱାର-ପ୍ରାଙ୍ଗଣ,
ଭ୍ରମେ ତହିଁ ଆଜ ଶ୍ୱାନଶିବାଗଣ ।
ଶୁଭ୍ର ଶୈଳସମ ବିଶାଳ ସଉଧ
ଶିର ଟେକ ଧନେ ନେଦଣ୍ଡ ବିଉଦ
ଗମ୍ଭୀର ଗରବେ ହୋଇଥିଲା ଠିଆ,
ଦେଖି ଯାହା ଥରୁଥିଲା ଶତ୍ରୁ-ହିଆ,
ଆହା ଏବେ ତହିଁ ସ୍ତୁପାକାରେ ମାଟି
ବିଲୋକି ହୃଦୟୁ ଯାଏ ଯିନା ଫାଟି !
ଥିଲା ଯହିଁ କାଳେ ଗମ୍ଭୀର ପରିଖା,
ଟେକୁଛି କୋମଳ ଶସ୍ୟ ତହିଁ ଶିଖା ।

Digitized by srujanika@gmail.com



[ବାରବାଟୀର ଭଗ୍ନ ଦୁର୍ଗଦ୍ୱାର]

କାହିଁ ସେ କମାଣ-ଅଶନିଶବଦ,
ଶୁଣି ଯାହା ଶତ୍ରୁ-ଶ୍ରବଣ ସ୍ତବଧ ?
ବୀର-ମଲ୍ଲା-ତେଜା ବାଜା କାହିଁ ଆଜ ?
କାହିଁ ସେ ଅଦମ୍ୟ କରିବାଜିରାଜ ?
ହେ କାଳ ! ତୁମ୍ଭର ଗର୍ଭେ ସବୁ ଲୀନ,
ଶୁଭଗା ଉତ୍କଳ ଆଜ ଧନହୀନ ।
ହେ କାଳ ! ତୁମ୍ଭର ଅଟଳ ଆଦେଶେ
ଘୋଟିଛି ଦୁର୍ଗତି ଏ ଉତ୍କଳଦେଶେ ।
ଆଲୋ ସ୍ରୋତସ୍ୱିନୀ ସଖି ଚିତ୍ରୋତ୍ପଳା !
(ଯା ଦେଇ ଉତ୍କଳ 'ସୁଜଳାସୁଫଳା')
ପିଆଇ ଆପଣା ସୁଧାସମ ପୟ
ବଢ଼ାଇଥିଲୁ ସେ ବୀର ଶୂରଚୟ,

Digitized by srujanika@gmail.com

କଟକ ଦେଖିଲୁ ତାହାଙ୍କ ନିଧନ ?
ଦେଖି ପୁଣି ସତେ ପାଇଲୁ ଜୀବନ !
ଦେଖିଲୁ କଟକ କହ ସେ ଦୁର୍ଦ୍ଦିନ,
ବାରବାଟୀ ଯେବେ ହେଲା ଶିରଚ୍ଛିନ୍ନ !
କରାଳ କଲ୍ଲୋଳେ କରି ଘୋର ନାଦ
ରଘୁକୁଳ-ହୃଦେ ଆତଙ୍କ ପ୍ରମାଦ
ଜନ୍ମାଇଲୁ ନାହିଁ କପାଁ ଲୋ ଜନନି !
ରହିଲା କଟକ ସ୍ଥିର ତୋ ଧମନୀ ?
ଧାରଣ ପ୍ରଳୟ ଭୀମ ରଣବେଶ
ଶତ୍ରୁଦଳେ କପାଁ ନ କଲୁ ନିଃଶେଷ ?
ଅବା କମ୍ପା ତୋର ଭୀଷଣ କବଳ
ଗରସିଲା ନାହିଁ ଏହୁ ରଙ୍ଗସ୍ଥଳ ?
ବାରବାଟୀ ଲଭି ତୋ ହୃଦେ ଆରାମ,
ଭବୁଁ ଲଭିଥାନ୍ତା ବାରବାଟୀ ନାମ ।
ସେକାଳେ ସ୍ତମ୍ଭିତ ହେଲା ତୋର ଗତି,
ତୁ କାହୁଁ ଲଙ୍ଘିବୁ ସମୟ-ନିୟତି !
ମହାବଳୀ ଧନ୍ୟ ଧନ୍ୟ ତୁମ୍ଭେ କାଳ !
କେ ଲଙ୍ଘିବ ତୁମ୍ଭ ତୀକ୍ଷ୍ଣ କରବାଳ ?
ଥିଲା ଯେବେ କିଛି ଉତ୍କଳର ଦୋଷ,
ଦୋଷ ଅନୁମତେ କରିଅଛ ରୋଷ ।
ହୋଇଅଛି ଶାସ୍ତି କଷଣ ଅପାର,
ନ କର ଅଧିକ ଆଉ ଗୁରୁଭାର ।
ଏଣିକ କରୁଣା ଅଟଇ ବାଞ୍ଛିତ,
ସାଧ ନବ ଯୁଗେ ଉତ୍କଳର ହିତ ।

Digitized by srujanika@gmail.com

ଉତ୍କଳ-ଜନୟେ ଦିଅ ନବ ବଳ,
ଉତ୍କଳ-ପାଦପେ ରସମୟ ଫଳ,
ଉତ୍କଳ-ସରିତେ ପବିତ୍ର ଜୀବନ,
ଉତ୍କଳ-କାନନେ ସ୍ୱର୍ଗୀୟ ସୁମନ,
ଉତ୍କଳ-ଆକାଶେ ନବ ଯଶଃ-ରବି;
ଉତ୍କଳ-ପ୍ରକୃତି ଧରୁ ନବ ଛବି ।

ପ୍ରଶ୍ନ

୧ । ଏ କବିତାଟିର ସାରକଥା ନିଜ ଭାଷାରେ ଲେଖ ।

୨ । (କ)"ଅନନ୍ତ ସମୟ-ସାଗର······ପଶିଲା କି ଖରେ"
(ଖ)"ବିଗତଶତାବ୍ଦୀ······ଶାନ୍ତି-ଉଦକେ ପଖାଳ"
—ଏ ଦୁଇ ପଦର ସରଳାର୍ଥ ଲେଖ ।

୩ । ସାର-ବିହାର-ପ୍ରାଙ୍ଗଣ, ତାପଜାଳ, କରାଳ-କଲ୍ଲୋଳ, ସମୟ-ନିବୃତ୍ତି—ଏଗୁଡ଼ିକର ବ୍ୟାସବାକ୍ୟ କହ ।

୪ । ଅଶନି, ନିଧନ, ପ୍ରମାଦ, କରବାଳ—ଏଗୁଡ଼ିକୁ ସରଳ ବାକ୍ୟରେ ବ୍ୟବହାର କର ।

୫ । ବିଂଶ ଶତାବ୍ଦୀରେ ଉତ୍କଳର ଉନ୍ନତିଲାଗି ଏ କବିତାର କବି ଯେଉଁସବୁ କାମନା କରିଛନ୍ତି, ତାହାକୁ ନିଜ କଥାରେ କହ ।

ଆନ୍ତର୍ଜାତିକ ସଦ୍ଭାବ

ଅତି ପ୍ରାଚୀନକାଳରୁ ଭାରତ ସହିତ ପୃଥିବୀର ଭିନ୍ନ ଭିନ୍ନ ଦେଶର ଶିକ୍ଷା, ସଭ୍ୟତା, ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇଥିଲା । ଭାରତ ଆଜି ସ୍ୱାଧୀନତା ଲାଭ କରିବାପରେ ସେହି ସମ୍ପର୍କ ଦୃଢ଼ତର ହୋଇଛି ।

Digitized by srujanika@gmail.com

ଯିଶୁଖ୍ରୀଷ୍ଟଙ୍କ ଜନ୍ମର ସପ୍ତଶତ ବର୍ଷ ପୂର୍ବେ ପଞ୍ଜାବ ପ୍ରଦେଶର ତକ୍ଷଶିଳା ଏକ ବୃହତ ଶିକ୍ଷାକେନ୍ଦ୍ର ଥିଲା । ଭାରତର ନାନା ସ୍ଥାନର ପ୍ରସିଦ୍ଧ ଛାତ୍ରମାନଙ୍କର ଏଠାରେ ସମାବେଶ ହେଉଥିଲା । ତା ଛଡ଼ା ଚୀନ, ପାରସ୍ୟ ଆଦି ଦୂର ଦେଶରୁ



[ନାଳନ୍ଦାର ଭଗ୍ନାବଶେଷ]

ମଧ୍ୟ ପଣ୍ଡିତଗଣ ତକ୍ଷଶିଳାକୁ ଆଗମନ କରୁଥିଲେ । ଚିକିତ୍ସା, ଯୁଦ୍ଧବିଦ୍ୟା, ଜ୍ୟୋତିର୍ବିଜ୍ଞାନ, କୃଷି, ଗଣିତ, ସର୍ପସ୍ତମ୍ଭନ ଆଦି ବିଦ୍ୟାରେ ଏଠାରେ ଉଚ୍ଚ ଧରଣର ଶିକ୍ଷା ଦିଆଯାଉଥିଲା । ପଞ୍ଚମ ଶତାବ୍ଦୀର ମଧ୍ୟଭାଗରେ ଚୀନ ପରିବ୍ରାଜକ ଫାହିଆନ୍ ଭାରତ ଭ୍ରମଣ କରି ତକ୍ଷଶିଳାର ପୂର୍ବ ଖ୍ୟାତି ମଳିନ ପଡ଼ିଯାଇଥିବାର ଦେଖିଥିଲେ ।

Digitized by srujanika@gmail.com

ବିହାରର ରାଜଧାନୀ ପାଟ୍‌ଣାଠାରୁ ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ନାଳନ୍ଦା ବିଶ୍ୱବିଦ୍ୟାଳୟ ତତ୍କାଳୀନ ଭାରତର ଅନ୍ୟ ଏକ ପ୍ରସିଦ୍ଧ ଶିକ୍ଷାକେନ୍ଦ୍ର ଥିଲା । ତାହାର ଭଗ୍ନାବଶେଷ ଆବିଷ୍କୃତ ହୋଇ ଆଜି ଅତୀତ ଗୌରବର ସାକ୍ଷ୍ୟ ପ୍ରଦାନ କରୁଅଛି । ଫାହିଆନ୍‌ଙ୍କ ପରେ ଅନ୍ୟ ଚୀନ ପରିବ୍ରାଜକ ହୁଏନ୍‌ସାଂ ନାଳନ୍ଦା ବିଶ୍ୱବିଦ୍ୟାଳୟର ଯେଉଁ ବର୍ଣ୍ଣନା ଲିପିବଦ୍ଧ କରିଯାଇଛନ୍ତି, ତାହା ପାଠ କଲେ ହୃଦୟ ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହୁଏ ।

ହୁଏନ୍‌ସାଂଙ୍କ ବିବରଣୀରୁ ଜଣାଯାଏ ଯେ, ନାଳନ୍ଦା ବିଶ୍ୱବିଦ୍ୟାଳୟରେ ବହୁ ପ୍ରସିଦ୍ଧ ଅଧ୍ୟାପକ ଥିଲେ । ସେମାନେ ନ୍ୟାୟ, ଦର୍ଶନ ଓ ବ୍ୟାକରଣ ବିଷୟରେ ମୂଲ୍ୟବାନ୍ ଗ୍ରନ୍ଥମାନ ପ୍ରଣୟନ କରିଥିଲେ । ବହୁ ସହସ୍ର ବୌଦ୍ଧ ସନ୍ନ୍ୟାସୀ ସେଠାରେ କଠୋର ସଂଯମର ବଶବର୍ତ୍ତୀ ହୋଇ ଜ୍ଞାନଚର୍ଚ୍ଚା କରୁଥିଲେ । ପ୍ରବୀଣ ଓ ନବୀନମାନେ ବିଦ୍ୟାଭ୍ୟାସ ପାଇଁ ପରସ୍ପରକୁ ସାହାଯ୍ୟ କରୁଥିଲେ । ଅଯୋଗ୍ୟମାନଙ୍କର ବିଶ୍ୱବିଦ୍ୟାଳୟରେ ପ୍ରବେଶର

[ହୁଏନ୍‌ସାଂ]

Digitized by srujanika@gmail.com

ଅଧିକାର ନ ଥିଲା । ଦ୍ୱାରଦେଶରେ ଦ୍ୱାରରକ୍ଷକ ନୂତନ ଆଗନ୍ତୁକମାନଙ୍କୁ କଠିନ ପ୍ରଶ୍ନ ପଚାରୁଥିଲେ । ଉପଯୁକ୍ତ ଉତ୍ତର ଦେଇ ନ ପାରିଲେ ସେମାନଙ୍କୁ ହତାଶ ହୋଇ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ୁଥିଲା ।

ଭାରତର ସକଳ ସ୍ଥାନରୁ ଏବଂ ଚୀନ, ଜାପାନ, ସିଂହଳ ଓ କୋରିଆ ପ୍ରଭୃତି ସୁଦୂର ପ୍ରାଚ୍ୟ ଦେଶମାନଙ୍କରୁ ଶିକ୍ଷାର୍ଥିଗଣ ନାଳନ୍ଦାରେ ସମବେତ ହେଉଥିଲେ । ମହାକବି ରବୀନ୍ଦ୍ରନାଥଙ୍କ ବିଶ୍ୱଭାରତୀ ଏହି ତକ୍ଷଶିଳା ଓ ନାଳନ୍ଦା ବିଶ୍ୱବିଦ୍ୟାଳୟ ଆଦର୍ଶରେ ପ୍ରତିଷ୍ଠିତ ହୋଇ ବିଭିନ୍ନ ଦେଶମଧ୍ୟରେ ଆଜି ଶିକ୍ଷା-ସଭ୍ୟତାର ମିଳନସ୍ଥଳ ହୋଇଅଛି ।

ପ୍ରାଚୀନ ଭାରତର ନାବିକମାନେ ସୁଦକ୍ଷ ଓ ସାହସୀ ଥିଲେ । ତାମ୍ରଲିପ୍ତି ଓ ଚେଲିତାଲୋ ବନ୍ଦରରୁ ସେମାନେ ଜାଭା, ସୁମାତ୍ରା, ସିଂହଳ, ଚୀନ ପ୍ରଭୃତି ସୁଦୂର ପ୍ରାଚ୍ୟ ଦେଶମାନଙ୍କୁ ଏବଂ ଆରବ, ପାରସ୍ୟ ଓ ତୁର୍କୀ ପ୍ରଭୃତି ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ସମୁଦ୍ର-ପଥରେ ଯାତାକରି ବାଣିଜ୍ୟ ବ୍ୟବସାୟଦ୍ୱାରା ଦେଶକୁ ସମୃଦ୍ଧିଶାଳୀ କରିଥିଲେ । ଏଥି ସଙ୍ଗେ ସଙ୍ଗେ ବୌଦ୍ଧସନ୍ନ୍ୟାସିଗଣ ସିଂହଳ, ଚୀନ ଓ ଜାପାନ ଦେଶମାନଙ୍କୁ ଯାତାକରି ବୌଦ୍ଧଧର୍ମ ପ୍ରଚାରପୂର୍ବକ ଜ୍ଞାନାଲୋକ ବିତରଣ କରିଥିଲେ ।

ଖ୍ରୀଷ୍ଟଜନ୍ମର ୩୨୭ ବର୍ଷ ପୂର୍ବେ ଗ୍ରୀସ୍‌ର ରାଜା ଆଲେକ୍‌ଜାଣ୍ଡର ଖାଇବର ଗିରିସଙ୍କଟ ପଥରେ ଆସି ଭାରତ ଆକ୍ରମଣ କଲେ । ରାଜ୍ୟ ଲୁଣ୍ଠନ କରିବା ତାହାଙ୍କର ଉଦ୍ଦେଶ୍ୟ ନ ଥିବାରୁ ଭାରତ ସଙ୍ଗେ ଗ୍ରୀସ୍‌ର ବନ୍ଧୁତା ପ୍ରତିଷ୍ଠିତ ହୋଇଥିଲା ।

ଆଲେକ୍‌ଜାଣ୍ଡର ସ୍ୱଦେଶକୁ ଫେରିବାବେଳେ ଜଣେ ଭାରତୀୟ ସନ୍ନ୍ୟାସୀଙ୍କ ଉପଦେଶରେ ମୁଗ୍ଧ ହୋଇ ତାହାଙ୍କ

Digitized by srujanika@gmail.com

ଶିଳ୍ପୀଙ୍କୁ ଗ୍ରହଣ କରୁଥିଲେ ଏବଂ ଅନେକ ଭାରତୀୟ ପଣ୍ଡିତଙ୍କୁ ମଧ୍ୟ ନିଜ ଦେଶକୁ ନେଇ ଯାଇଥିଲେ । ସେହି ସମୟରୁ ପ୍ରାଚ୍ୟ-ପାଶ୍ଚାତ୍ୟ ମଧ୍ୟରେ ଶିକ୍ଷା-ସଭ୍ୟତାର ଆଦାନପ୍ରଦାନ ଅତି ଘନିଷ୍ଠ ହୋଇପଡ଼ିଲା ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀଠାରୁ ଆରମ୍ଭ କରି ପ୍ରାୟ ତିନି ଶତ ବର୍ଷ ପର୍ଯ୍ୟନ୍ତ ଭାରତର ବିପୁଳ ଭାଗ୍ୟୋଦୟ ଘଟିଥିଲା । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କ ସହିତ ଶିକ୍ଷା ସଂସ୍କୃତିର ସହଯୋଗ ଏଥିପୂର୍ବରୁ ସ୍ଥାପିତ ହୋଇଥିଲେ ହେଁ ଆନ୍ତର୍ଜାତିକ ବାଣିଜ୍ୟଦ୍ୱାରା ଭାରତ ଏହି ସମୟରେ ଅଧିକ ସମୃଦ୍ଧିଶାଳୀ ହୋଇଥିଲା । ପୂର୍ବରେ ଚୀନ ଓ ପଶ୍ଚିମରେ ରୋମ ପର୍ଯ୍ୟନ୍ତ ଜଳପଥରେ ଭାରତୀୟ ତରୀ ଯାତାୟାତ କରୁଥିଲା । ଏ ଦେଶରୁ ହୀରା ପ୍ରଭୃତି ବହୁମୂଲ୍ୟ ପ୍ରସ୍ତର, ତୂଳା, ରେଶମ ଏବଂ ସୂକ୍ଷ୍ମ ସୂଚୀକର୍ମଯୁକ୍ତ କାର୍ପାସବସ୍ତ୍ର ଓ ସୁବାସିତ ମସଲା ରପ୍ତାନି କରି ଭାରତୀୟ ବଣିକ ବିଦେଶରୁ ପ୍ରଚୁର ସ୍ୱର୍ଣ୍ଣରୌପ୍ୟ ଆହରଣ କରୁଥିଲେ । ଭାରତୀୟ ଦ୍ରବ୍ୟଗୁଡ଼ିକ ଚୀନ ଓ ରୋମର ସମ୍ଭ୍ରାନ୍ତ ପରିବାରମାନଙ୍କରେ ମହାର୍ଘ ବିଳାସ-ସାମଗ୍ରୀରୂପେ ଗୃହୀତ ହେଉଥିଲା ।

ମୋଗଲମାନଙ୍କ ରାଜତ୍ୱ ସମୟରେ ଜଣେ ୟୁରୋପୀୟ ପରିବ୍ରାଜକ ଭାରତଭ୍ରମଣରେ ଆସି ଲେଖିଯାଇଛନ୍ତି ଯେ, ଭାରତରେ ଯେଉଁ ମନୋହର ସ୍ୱର୍ଣ୍ଣ ଓ ରୌପ୍ୟ ଜରିର ଲତାପୁଷ୍ପମଣ୍ଡିତ ନାନା ପ୍ରକାର ସୂକ୍ଷ୍ମବସ୍ତ୍ର ପ୍ରସ୍ତୁତ ହୁଏ, ତାହା ପାରସ୍ୟ, ତୁର୍କୀ, ମଦିନା, ମୋଜାମ୍ବିକ, ଆରବ, ଆବିସିନିଆ ଏବଂ ଅନ୍ୟ ଦେଶମାନଙ୍କୁ ପ୍ରେରିତ ହୋଇଥାଏ । ସର୍ବତ୍ର ଏହି ପଦାର୍ଥଗୁଡ଼ିକର ଆଦର ବୃଦ୍ଧିଲାଭ କରିଥିଲା । ମାର୍କୋପୋଲୋ ପ୍ରଭୃତି ପାଶ୍ଚାତ୍ୟ ପରିବ୍ରାଜକମାନେ ଭାରତ ଭ୍ରମଣ କରି ଯେଉଁ ବିବରଣୀ ଲିପିବଦ୍ଧ

Digitized by srujanika@gmail.com

କରିଥିଲେ, କିନ୍ତୁ ସେକାଳରେ ଏ ଦେଶର ଐଶ୍ୱର୍ଯ୍ୟ ଏ ସମୃଦ୍ଧିର ସମ୍ବାଦ ପାଇ ୟୁରୋପବାସୀ ଭାରତକୁ ବିଶ୍ୱସ୍ୱର୍ଗ ବୋଲି ଜ୍ଞାନ କରୁଥିଲେ । ଶେଷରେ ଭାସ୍କୋଡ଼ଗାମା ଭାରତକୁ ଜଳପଥ ଆବିଷ୍କାର କରିବାଦ୍ୱାରା ପ୍ରାଚ୍ୟ-ପାଶ୍ଚାତ୍ୟ ମଧ୍ୟରେ ଯାତାୟାତ ସୁଗମ ହୋଇଥିଲା ।

ଆଜି ଭାରତ ସମ୍ପ୍ରତି ସକଳ ଦେଶର ବନ୍ଧୁତା ଦୃଢ଼ଭିତ୍ତିରେ ପ୍ରତିଷ୍ଠିତ । ଏପରି କି ବ୍ରହ୍ମବିଦ୍ୟା ସମିତିର ସ୍ଥାପୟିତ୍ରୀ ଆୟର୍ଲାଣ୍ଡର ବିଦୁଷୀ ମହିଳା ଆନି ବେସାନ୍ତ ଏବଂ ଦୀନବନ୍ଧୁ ଆଣ୍ଡ୍ରୁଜ ପ୍ରମୁଖ ବହୁ ଧର୍ମପ୍ରାଣ ଇଂରେଜ ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ କରି ଏ ଦେଶର ପ୍ରିୟ ହୋଇ ପାରିଥିଲେ । ଆଜି ମଧ୍ୟ ସ୍ୱାମୀ ବିବେକାନନ୍ଦ ପ୍ରମୁଖ ବହୁ ଭାରତୀୟ ମନୀଷୀ, କବି ଓ ଧର୍ମ-ପ୍ରଚାରକ ୟୁରୋପ, ଆମେରିକା ଭ୍ରମଣ କରି ଆନ୍ତର୍ଜାତିକ ମୈତ୍ରୀ ଓ ସଦ୍ଭାବ ସ୍ଥାପନ କରିପାରିଛନ୍ତି ।

[ଆନି ବେସାନ୍ତ]

Digitized by srujanika@gmail.com

ବାଣିଜ୍ୟକ୍ଷେତ୍ରରେ ମଧ୍ୟ ପୂର୍ବପରି ଭାରତ ଆଜି ଅନ୍ୟାନ୍ୟ ଦେଶ ସହିତ ବନ୍ଧୁତାସୂତ୍ରରେ ଆବଦ୍ଧ ହୋଇଛି । ବିଦେଶୀ ଶାସନର ଅବସାନ ପରେ ଭାରତ ବର୍ତ୍ତମାନ ଇଂଲଣ୍ଡ ରାଜ୍ୟଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଛି । ଏହି ରାଜ୍ୟଗୋଷ୍ଠୀଭିତରେ କାନେଡ଼ା, ଅଷ୍ଟ୍ରେଲିଆ, ଦକ୍ଷିଣ-ଆଫ୍ରିକା, ଆୟର୍ଲାଣ୍ଡ ଓ ପାକିସ୍ଥାନ ପ୍ରଭୃତି ଦେଶ ସହିତ ଭାରତର ସଦ୍ଭାବ ଅକ୍ଷୁଣ୍ଣ ରହିଛି । ମଧ୍ୟେ ମଧ୍ୟେ ରାଜ୍ୟଗୋଷ୍ଠୀ ସମ୍ମିଳନୀର ଅଧିବେଶନ ଅନୁଷ୍ଠିତ ହେବାରୁ ପରସ୍ପରମଧ୍ୟରେ ରାଜନୈତିକ ଓ ଅର୍ଥନୈତିକ ସମ୍ପର୍କ ଦୃଢ଼ତର ହେଉଛି ।



[ମହାତ୍ମା ଅଣ୍ଡ୍ରୁଜ]

ଇଂରେଜ ରାଜ୍ୟଗୋଷ୍ଠୀର ଅନ୍ତର୍ଗତ ହୋଇ ମଧ୍ୟ ପୃଥିବୀର ଅନ୍ୟାନ୍ୟ ସ୍ୱାଧୀନ ରାଜ୍ୟ ସହିତ ଭାରତ ତାହାର ବନ୍ଧୁତ୍ୱ ଅକ୍ଷୁଣ୍ଣ ରଖିପାରିଛି । ବାଣିଜ୍ୟ-ସୂତ୍ରରେ ଭାରତ ତାହାର କଞ୍ଚାମାଲ ଓ ବିଭିନ୍ନ ପଣ୍ୟଦ୍ରବ୍ୟ ଆଜି ସବୁ ଦେଶବାସୀଙ୍କୁ ଯୋଗାଇ ସେମାନଙ୍କଠାରୁ ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ବସ୍ତୁ ଆଣିପାରୁଛି । ଆମ ଦେଶର ଖାଦ୍ୟାଭାବ ସମୟରେ ଆମେରିକା ଓ ଚୀନ ପ୍ରଭୃତି ଦେଶ ପ୍ରଚୁର ପରିମାଣରେ

Digitized by srujanika@gmail.com

ଗହମ, ଗୁଡ଼ଲ ଯୋଗାଉଛନ୍ତି । ବିଭିନ୍ନ ଦେଶମଧ୍ୟରେ ବିବାଦ ଥିଲେ ସୁଦ୍ଧା ଭାରତ ନିଜର ଉଦାର ନୀତି ବଳରେ ଚିରକାଳ ସବୁ ଦେଶକୁ ବନ୍ଧୁ ରୂପେ ଲାଭ କରିପାରିଛି ।

ଶିକ୍ଷା, ସଂସ୍କୃତି କ୍ଷେତ୍ରରେ ଅଧିକ ବନ୍ଧୁତାକୁ ଦୃଢ଼ତର କରିବା ଉଦ୍ଦେଶ୍ୟରେ ଆମେରିକା, ଇଂଲଣ୍ଡ, ରୁଷ ଓ ଚୀନ ପ୍ରଭୃତି ଦେଶରୁ ଶୁଭେଚ୍ଛା ଦଳ ଏ ଦେଶକୁ ସମୟ ସମୟରେ ଆସୁଛନ୍ତି । ଭାରତର ଶୁଭେଚ୍ଛା ଦଳ ମଧ୍ୟ ନାନା ଦେଶ ଭ୍ରମଣ କରି ଏହି ବନ୍ଧୁତାକୁ ଦୃଢ଼ତର କରୁଛନ୍ତି । ସମଗ୍ର ପୃଥିବୀରେ ଶାନ୍ତି ଓ ବନ୍ଧୁତା ସ୍ଥାପନ ହିଁ ଭାରତର ଚିରନ୍ତନ ଆଦର୍ଶ ହୋଇ ଆସିଛି । ସ୍ୱାଧୀନତା ଲାଭ ପରେ ମଧ୍ୟ ଆଜି ସେହି ଆଦର୍ଶ ଅକ୍ଷୁଣ୍ଣ ରହିଛି ।

ପ୍ରଶ୍ନ

୧ । ତକ୍ଷଶିଳା ଓ ନାଳନ୍ଦା ବିଶ୍ୱବିଦ୍ୟାଳୟରେ କିପରି ଶିକ୍ଷା ଦିଆଯାଉଥିଲା ଏବଂ ଏ ଦୁଇ ଅନୁଷ୍ଠାନ ଅନ୍ୟ ଦେଶମାନଙ୍କ ସହିତ ଭାରତର ବନ୍ଧୁତ୍ୱ ପ୍ରତିଷ୍ଠା କରିବାରେ କିପରି ସାହାଯ୍ୟ କରୁଥିଲେ ?

୨ । ପୂର୍ବକାଳରେ ଭାରତୀୟମାନେ ସିଂହଳ, ଚୀନ, ଜାପାନ ଆଦି ଦେଶକୁ କି କି ଉଦ୍ଦେଶ୍ୟରେ ଯାଉଥିଲେ ?

୩ । ଆନି ବେସାନ୍ତ, ଆଣ୍ଡ୍ରୁଜ ଓ ବିବେକାନନ୍ଦ କେଉଁ କେଉଁ ଦେଶର ଲୋକ ? ସେମାନେ ଆନ୍ତର୍ଜାତିକ ସଦ୍ଭାବ ପ୍ରତିଷ୍ଠା କରିବା ପାଇଁ କଅଣ କରିଥିଲେ ?

୪ । ସ୍ୱାଧୀନତା ଲାଭ କରିବା ପରେ ଭାରତ ପୃଥିବୀର ସବୁ ସ୍ୱାଧୀନ ଦେଶ ସହିତ ବନ୍ଧୁତା ରକ୍ଷାକରିବା ଦରକାର କାହିଁକି ?

Digitized by srujanika@gmail.com

୫ । ନିମ୍ନ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଓ ଅନ୍ୟୂନ ଦୁଇଟି ଲେଖାଏଁ ପ୍ରତିଶବ୍ଦ କହ—
ପ୍ରାଚୀନ, ସ୍ୱାଧୀନତା, ପ୍ରସିଦ୍ଧ, ଗୌରବ, ପ୍ରବଳ, ନବୀନ, ଦରିଦ୍ର, ବହୁଳ ।

୬ । ଆନ୍ତର୍ଜାତିକ, ପରିବ୍ରାଜକ, ସମାବେଶ, ଶିକ୍ଷାକେନ୍ଦ୍ର, ଜ୍ଞାନଚର୍ଚ୍ଚା, ଆଗନ୍ତୁକ, ସୂର୍ଯ୍ୟୋଦୟ, ସମୃଦ୍ଧିଶାଳୀ, ରାଜ୍ୟ-ଗୋଷ୍ଠୀ—ଏଗୁଡ଼ିକର ଅର୍ଥ ଲେଖ ।

ଡୁନାଣ୍ଟ ଓ ରେଡ଼କ୍ରସ

ଖ୍ରୀଷ୍ଟଧର୍ମର ପୁରୋହିତ ବା ପାଦ୍ରୀମାନେ ନିଜ ପୋଷାକରେ କ୍ରୁଶ ଚିହ୍ନ ଧାରଣ କରିଥାନ୍ତି । ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ଏହି କ୍ରୁଶ ବା କାଷ୍ଠଫଳକ ଉପରେ ଜନସମାଜର କଲ୍ୟାଣକାମୀ ମହାମାନବ ଯିଶୁଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ । ସେହି ଦୁଃଖର ସ୍ମୃତିରୂପେ ତାଙ୍କ ଭକ୍ତମାନେ କୃଷ୍ଣବର୍ଣ୍ଣର କ୍ରୁଶ ଚିହ୍ନ ବ୍ୟବହାର କରିଥାନ୍ତି ।

ପ୍ରାୟ ଏକ ଶତ ବର୍ଷ ପୂର୍ବେ ଯିଶୁଖ୍ରୀଷ୍ଟଙ୍କର ଜଣେ ପରମ ଭକ୍ତ କୃଷ୍ଣବର୍ଣ୍ଣର କ୍ରୁଶ ଚିହ୍ନ ବଦଳରେ ରକ୍ତବର୍ଣ୍ଣର ଚିହ୍ନ ବହନ କଲେ । ଏହା ହିଁ "ରେଡ଼୍‌କ୍ରସ୍" ନାମରେ ପରିଚିତ । ସବୁ ଦେଶର ଲୋକମାନଙ୍କ ମଧ୍ୟରେ ସେବା, ତ୍ୟାଗ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ପାଇଁ ପୃଥିବୀର ସର୍ବତ୍ର ରେଡ଼୍‌କ୍ରସ୍ ସମିତିମାନ ଗଠିତ ହୋଇଛି । ବିଶେଷତଃ ଯୁଦ୍ଧକ୍ଷେତ୍ରରେ ଆହତ ସୈନ୍ୟମାନଙ୍କର ଶୁଶ୍ରୂଷା କରିବା ଏହାର ପ୍ରଧାନ ଉଦ୍ଦେଶ୍ୟ । ଯେଉଁ ମହାନୁଭବ ବ୍ୟକ୍ତି "ରେଡ଼୍‌କ୍ରସ୍" ଅନୁଷ୍ଠାନ ସ୍ଥାପନ କରିଥିଲେ,

Digitized by srujanika@gmail.com

ତାଙ୍କ ନାମ ହେନେରି ଡୁନାଣ୍ଟ୍ । ସେ ସ୍ୱିଟ୍‌ଜରଲଣ୍ଡର ଜେନେଭା ସହରରେ ୧୮୨୮ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ।

ରେଡ୍‌କ୍ରସ୍‌ର ଉତ୍ପତ୍ତି ମୂଳରେ ଏକ କରାଳ ଯୁଦ୍ଧର ଭୟାବହ କାହାଣୀ ନିହିତ ଅଛି । ୧୮୫୯ ମସିହା ଜୁନ୍ ମାସର ୨୪ ତାରିଖ ଦିନ ଲେମ୍ବାର୍ଡ୍ ନାମକ ଗୋଟିଏ କ୍ଷୁଦ୍ର ସହରରେ ଅଷ୍ଟ୍ରିୟା ଓ ଫରାସୀ ସୈନ୍ୟମାନଙ୍କ ମଧ୍ୟରେ ଏକ ଭୀଷଣ ଯୁଦ୍ଧର ସଂଘଟନ ହେଲା । ତୋପ-କମାଣ ଗର୍ଜନ ସଙ୍ଗେ ସଙ୍ଗେ ପ୍ରବଳ ବର୍ଷା-ତୋଫାନ ଓ ବଜ୍ର-ବିଦ୍ୟୁତ୍ ଯେପରି ପ୍ରକୃତି ମଧ୍ୟ ଏହି ପୈଶାଚିକ ଲୀଳାରେ ଅଂଶ ଗ୍ରହଣ କଲା ।

ପନ୍ଦର ଘଣ୍ଟା ପର୍ଯ୍ୟନ୍ତ ଅମାନୁଷିକ ହତ୍ୟାକାଣ୍ଡ ଚାଲିବାପରେ ଅଷ୍ଟ୍ରିୟାର ସୈନ୍ୟମାନେ ପୃଷ୍ଠଭଙ୍ଗ ଦେଇଥିଲେ । ତାହାପରେ ଦେଖାଗଲା ଯେ, ରଣକ୍ଷେତ୍ରରେ ଉଭୟ ପକ୍ଷର ଚାଳିଶି ହଜାରରୁ ଊର୍ଦ୍ଧ୍ୱସଂଖ୍ୟକ ଆହତ ସୈନ୍ୟ ନିଃସହାୟ ଅବସ୍ଥାରେ ପଡ଼ିଅଛନ୍ତି ।

କିଛି ସମୟ ପରେ ଏହି ଦାରୁଣ ଧ୍ୱଂସମଣ୍ଡଳେ ଏକ ସାଧାରଣ ଘଟଣା ଘଟିଗଲା । ଯୁଦ୍ଧଭୂମିକୁ ଗୋଟିଏ ଦବେଇ ଗାଡ଼ି ଆସୁଥିବାର ଦେଖାଗଲା । ତାହାଭିତରେ ତିରିଶ ବର୍ଷ ବୟସ୍କ ଜଣେ ଯୁବକ ବସିଥାନ୍ତି । ତାଙ୍କର ଶୁଭ୍ର ନିର୍ମଳ ପରିଚ୍ଛଦ ସୁରୁଚିର ପରିଚୟ ଦେଉଥିଲା । ତାଙ୍କର ନାମ ଜାଁ ହେନେରି ଡୁନାଣ୍ଟ୍ । ସେ ଜଣେ ଫରାସୀ ବ୍ୟାଙ୍କ୍ ମାଲିକ ଓ ଧନୀ ବ୍ୟବସାୟୀ । ବ୍ୟବସାୟର ପ୍ରସାର ଉଦ୍ଦେଶ୍ୟରେ ଫରାସୀ ଦେଶର ସମ୍ରାଟ୍‌ଙ୍କଠାରୁ ଗୋଟିଏ ଅନୁମତିପତ୍ର ଆଣିବାପାଇଁ ସେ ଯାଉଥିଲେ ।

ଯୁଦ୍ଧଭୂମିରେ ସମ୍ରାଟଙ୍କ ସଙ୍ଗେ ତାଙ୍କର ଦେଖା ହୋଇ-ପାରିଲା ନାହିଁ; ମାତ୍ର ହଜାର ହଜାର ନିଃସହାୟ ଆହତ ସୈନିକଙ୍କର

Digitized by srujanika@gmail.com



[ଯୁଦ୍ଧ କ୍ଷେତ୍ରରେ ସେବା]

ଯେଉଁ ବିକଳ, ରକ୍ତାକ୍ତ, କ୍ଷୁଧିତ ଓ ତୃଷିତ ଅବସ୍ଥା ସେ ଦେଖିଲେ, ତାହା ତାଙ୍କ ଜୀବନର ଗତିକୁ ସମ୍ପୂର୍ଣ୍ଣରୂପେ ବଦଳାଇଦେଲା । ଦୟା, ପ୍ରେମ ଓ ସେବା ଭାବରେ ଡୁନାଣ୍ଟ୍‌ଙ୍କ ହୃଦୟ ବିଗଳିତ

Digitized by srujanika@gmail.com

ହେଲା । ମୃତ୍ୟୁ ଓ ଯନ୍ତ୍ରଣାର ଆତଙ୍କରୁ ମନୁଷ୍ୟମାନଙ୍କୁ ଉଦ୍ଧାର କରିବାକୁ ସେ ନିଜର ପ୍ରଥମ କର୍ତ୍ତବ୍ୟ ବୋଲି ମନେ କଲେ ।

ସେହି ଯୁଦ୍ଧଭୂମିରେ ହିଁ ହେନ୍‌ରି ଡୁନାଣ୍ଟ୍ ନିଜ ଜୀବନର ସକଳ ସୁଖସ୍ୱାଚ୍ଛନ୍ଦ୍ୟ, ଧନୋପାର୍ଜନର ଆଶା ବିସର୍ଜ୍ଜନ କଲେ । ନିଜ ଜୀବନକୁ ନୂଆକରି ଗଢ଼ିବା ଲାଗି ସେହିଦିନଠାରୁ ସେ ଯେଉଁ ଚିହ୍ନ ଧାରଣ କଲେ, ତାହା ଆଜି ପୃଥିବୀର ସବୁ ଦେଶରେ ପରିଚିତ । ନିରାଶ୍ରୟ ଆହତ ମନୁଷ୍ୟର ସେହି ରକ୍ତାକ୍ତ ସ୍ମୃତିକୁ ହିଁ ରେଡ୍‌କ୍ରସ୍ ଚିହ୍ନ ଆଜି ବହନ କରୁଛି ।

ପ୍ରଥମେ ସେହି ହଜାର ହଜାର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ହେଲା ଡୁନାଣ୍ଟ୍‌ଙ୍କର ପ୍ରଧାନ କାର୍ଯ୍ୟ । ତୃଷାରେ ସେମାନଙ୍କର ଓଷ୍ଠ ଶୁଷ୍କ ଓ କୃଷ୍ଣବର୍ଣ୍ଣ ଦେଖାଯାଉଥିଲା ଏବଂ କ୍ଷୁଧାରେ ଚକ୍ଷୁ କୋଟରଗତ ହୋଇପଡ଼ିଥିଲା । ଦେହର କ୍ଷତସବୁ ସୂର୍ଯ୍ୟାଲୋକରେ ଅସହ୍ୟ ଯନ୍ତ୍ରଣା ଦେଉଥାଏ । ଡୁନାଣ୍ଟ୍ ସେମାନଙ୍କୁ ପାନାହାର ଯୋଗାଇବାରେ ଏବଂ ସେମାନଙ୍କ କ୍ଷତସ୍ଥାନଗୁଡ଼ିକୁ ଧୋଇ ପରିଷ୍କାର କରିବାରେ ଲାଗିପଡ଼ିଲେ ।

ଇଟାଲୀର ସାଧାରଣ କୃଷକମାନଙ୍କ ମଧ୍ୟରୁ ଡୁନାଣ୍ଟ୍ ପ୍ରଥମେ ତିନି ଶତ ସାହାଯ୍ୟକାରୀଙ୍କୁ ନେଇ ନିରାଶ୍ରୟ ସୈନ୍ୟମାନଙ୍କର ଶୁଶ୍ରୂଷା କଲେ । "ଆମେମାନେ ସମସ୍ତେ ଭାଇ"—ଏହି କଥାଟି ହିଁ ସାହାଯ୍ୟକାରୀମାନଙ୍କର ପ୍ରଧାନ ମନ୍ତ୍ର ହେଲା । ଉଭୟ ପକ୍ଷର ଆହତ ବ୍ୟକ୍ତିଙ୍କ ମଧ୍ୟରେ ଫରାସୀ, ଜର୍ମାନ, ଅଷ୍ଟ୍ରିୟା, ଆରବ ଓ ଇହୁଦୀ ଆଦି ବିଭିନ୍ନ ଜାତିର ସୈନ୍ୟଗଣ ଏକତ୍ର ପଡ଼ି ରହିଥାନ୍ତି । ସେମାନେ ଚିକିତ୍ସା ଓ ଶୁଶ୍ରୂଷା ଲାଭକରି ମୃତ୍ୟୁମୁଖରୁ ଉଦ୍ଧାର ପାଇଲେ ।

Digitized by srujanika@gmail.com

ଏତିକରେ ଦୁନାଣ୍ଟଙ୍କର କାର୍ଯ୍ୟ ସମାପ୍ତ ହେଲନାହିଁ । ସେ ସ୍ଥାନସବୁ ବୁଲିଯାଇ ନିଜର ଜନ୍ମସ୍ଥାନ ଜେନେଭାରେ ରହିଲେ । ଆହତ ସୈନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ସେ ଯେଉଁ କଠିନ ପରିଶ୍ରମ କରିଥିଲେ, ତାହା ଫଳରେ ସେ କିଛି କାଳ ଅସୁସ୍ଥ ହୋଇ ପଡ଼ିଲେ । ସୁସ୍ଥ ହେବା ପରେ ମଧ୍ୟ ବ୍ୟବସାୟଦ୍ୱାରା ଅର୍ଥୋପାର୍ଜନ କରିବା ତାଙ୍କୁ ଆଉ ସୁଖକର ବୋଧ ହେଲା ନାହିଁ । ଯୁଦ୍ଧଭୂମିର ଭୟାବହ ଦୃଶ୍ୟକୁ ପାସୋରିଦେଇ ନିଜ ବ୍ୟବସାୟରେ ମନ ଦେବାକୁ ସେ ଚେଷ୍ଟା କଲେ; କିନ୍ତୁ ପାରିଲେ ନାହିଁ । ଭବିଷ୍ୟତରେ ସୈନ୍ୟମାନଙ୍କ ଦୁରବସ୍ଥାର କିଛି ସ୍ଥାୟୀ ପ୍ରତିକାର କରିବାକୁ ତାଙ୍କ ଚିତ୍ତ ଆଲୋଡ଼ିତ ହେଲା । ଯୁଦ୍ଧକ୍ଷେତ୍ରରେ ସେ ଯାହା ପ୍ରତ୍ୟକ୍ଷ କରିଥିଲେ, ସେ ସମସ୍ତ ଘଟଣା ବର୍ଣ୍ଣନ କରି ସେ ଗୋଟିଏ କ୍ଷୁଦ୍ର ପୁସ୍ତକ ରଚନା କଲେ ।

ପୁସ୍ତକଟିକୁ ଦୁନାଣ୍ଟ ତାଙ୍କର କେତେକ ପ୍ରତିପତ୍ତିଶାଳୀ ବନ୍ଧୁଙ୍କ ପାଖକୁ ପଠାଇଥିଲେ । ଏହି ପୁସ୍ତକ ଚତୁର୍ଦ୍ଦିଗରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଦେଲା । ତାହାର ଏକାଧିକ ମୁଦ୍ରଣ ହୋଇ ପୃଥିବୀ-ବ୍ୟାପୀ ପ୍ରଚୁର ହୋଇଥିଲା । ୟୁରୋପର ଲୋକେ ତାହା ପାଠକରି ପ୍ରତିକାରର ଉପାୟମାନ ଚିନ୍ତା କଲେ ।

ଗୁଟି ଜଣ ବିଶିଷ୍ଟ ବନ୍ଧୁଙ୍କ ସାହଚର୍ଯ୍ୟରେ ଦୁନାଣ୍ଟ ଜେନେଭା-ଠାରେ ଏହି ବିଷୟର ଆଲୋଚନା ଲାଗି ଏକ ଆନ୍ତର୍ଜାତିକ ସମ୍ମିଳନୀ ଡାକିଲେ । ସମ୍ମିଳନୀର ସଫଳତା ପାଇଁ ତାହାଙ୍କୁ କଠିନ ପରିଶ୍ରମ କରିବାକୁ ହୋଇଥିଲା । ହଜାର ହଜାର ପତ୍ର ଲେଖି ଏବଂ ଦେଶଦେଶ ବୁଲି ସେ ସମ୍ମିଳନୀପାଇଁ ପ୍ରଚାର କଲେ । ଏହି ପ୍ରଚାରଫଳରେ ସୁଦୂର

Digitized by srujanika@gmail.com



[ଏମ୍ବୁଲେନ୍ସ୍ ଗାଡ଼ି]

ଆମେରିକାର ମହାନୁଭବ ଶାସକ ଆବ୍ରାହାମ୍ ଲିଙ୍କନ୍ ଦୁଇ ଜଣ ପ୍ରତିନିଧି ପଠାଇଥିଲେ ।

ସତର ଗୋଟି ଦେଶର ୨୦୬ ଜଣ ପ୍ରତିନିଧିଙ୍କୁ ନେଇ ଜେନେଭାରେ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଅନୁଷ୍ଠିତ ହେଲା । ଡୁନାଣ୍ଟଙ୍କର ଅନ୍ୟତମ ବନ୍ଧୁ ସୁଖ୍ୟାତ ଆଇନଜ୍ଞ ମୟୁନିୟର୍ ସଭାପତି ହୋଇଥିଲେ । ଶତ୍ରୁ-ମିତ୍ର-ନିର୍ବିଶେଷରେ ପୃଥିବୀର ସବୁ ଯୁଦ୍ଧକ୍ଷେତ୍ରରେ ଆହତ ସୈନ୍ୟ-ମାନଙ୍କ ଶୁଶ୍ରୂଷା କରିବାପାଇଁ ଏକ ସ୍ଥାୟୀ ଅନୁଷ୍ଠାନ ଗଢ଼ିବା ହିଁ ଏହି ସମ୍ମିଳନୀର ଉଦ୍ଦେଶ୍ୟ ଥିଲା । ତେଣୁ ଏହିଭଳି ଏକ ଅନୁଷ୍ଠାନକୁ ସବୁ ଦେଶର ସରକାର ସ୍ୱୀକାର କରିବା ଆବଶ୍ୟକ ବୋଧହେଲା ।

ସମ୍ମିଳନୀର ଉଦ୍ଦେଶ୍ୟ ସଫଳ ହେଲା । ରେଡ଼୍‌କ୍ରସ୍ ଅନୁଷ୍ଠାନର ନିୟମାବଳୀ ଆନ୍ତର୍ଜାତିକ ଆଇନରେ ପରିଣତ ହେଲା । ସବୁ ଦେଶ ଓ ଜାତିର ଲୋକମାନେ ହିତ ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ଆଇନକୁ ମାନି ଚାଲିଥାନ୍ତି । ୧୮୬୪ ମସିହାରେ ପ୍ରୁସିଆ ଓ ଡେନ୍‌ମାର୍କ ମଧ୍ୟରେ ଯେଉଁ ଯୁଦ୍ଧ ହୋଇଥିଲା, ସେଥିରେ ଡାକ୍ତର ଏପିୟା ନାମକ ଡୁନାଣ୍ଟଙ୍କର ଅନ୍ୟତମ ବିଶିଷ୍ଟ ବନ୍ଧୁ ରେଡ଼୍‌କ୍ରସ୍ ଚିହ୍ନ ଧାରଣ କରି ଉଭୟ ପକ୍ଷର ଆହତ ସୈନ୍ୟମାନଙ୍କୁ ଅବାଧରେ ଚିକିତ୍ସା କରିଥିଲେ । ସେହି ଦିନଠାରୁ ଆଜିପର୍ଯ୍ୟନ୍ତ ଏହି ଚିହ୍ନ ଦୟା, କ୍ଷମା ଓ ସେବାର ଚିହ୍ନରୂପେ ଗୃହୀତ ହୋଇଆସିଛି ।

Digitized by srujanika@gmail.com

ଆଶ୍ଚର୍ଯ୍ୟ କଥା ଏହି ଯେ, ହେନ୍‌ରି ଡୁନାଣ୍ଟଙ୍କ ଆର୍ଥିକ ଅବସ୍ଥା ତାହାପରେ ଅତି ଶୋଚନୀୟ ହୋଇପଡ଼ିଲା । ବ୍ୟବସାୟ-କ୍ଷେତ୍ରରେ ଯାହାଙ୍କର ଭବିଷ୍ୟତ ଅତି ଉଜ୍ଜ୍ୱଳ ଦେଖାଯାଇଥିଲା, ଗୃହୁ ଗୃହୁଁ ତାହା ମେଘାଚ୍ଛନ୍ନ ହେଲା । ଦେଉଳିଆ ହୋଇପଡ଼ି ସେ ଜେନେଭାର ଆନ୍ତର୍ଜାତିକ ସଙ୍ଗଠନରୁ ନୀରବରେ ବିଦାୟ ନେଲେ; ପୁଣି ବ୍ୟବସାୟର ଅଂଶୀଦାରମାନଙ୍କଦ୍ୱାରା ବନ୍ଦୀ ହେବା ଭୟରେ ଆତ୍ମଗୋପନ କଲେ । ସେ ଯେଉଁ ପୁସ୍ତକ ଖଣ୍ଡି ଲେଖି ଏହି ଆନ୍ତର୍ଜାତିକ ଅନୁଷ୍ଠାନ ଗଢ଼ିବାକୁ ସମର୍ଥ ହୋଇଥିଲେ, ତାହାରି ଆୟକୁ ହିଁ ଜୀବନନିର୍ବାହର ସମ୍ବଳରୂପେ ଗ୍ରହଣ କଲେ । କିନ୍ତୁ ସମସ୍ତ ଚେଷ୍ଟା ନିଷ୍ଫଳ ହେଲା । ସେଥିରୁ କିଛି ଉପାର୍ଜନ ହେଲା ନାହିଁ କିମ୍ବା କେହି ଆଉ ଡୁନାଣ୍ଟଙ୍କର ସମ୍ବାଦ ନେଲେ ନାହିଁ । ଦୀର୍ଘ ପନ୍ଦର ବର୍ଷକାଳ ସେ ଏହିଭଳି ଅଜ୍ଞାତବାସ କରିଥିଲେ । କିନ୍ତୁ ତାହାଙ୍କର ରେଡ଼୍‌କ୍ରସ୍ ଅନୁଷ୍ଠାନଟି କ୍ରମେ ଶକ୍ତିଶାଳୀ ହୋଇଉଠିଲା ।

ଦୀର୍ଘ ପନ୍ଦର ବର୍ଷ ପରେ ହେଡେନ୍ ନାମକ ଗୋଟିଏ ଛୋଟ ଗ୍ରାମରେ ଡୁନାଣ୍ଟ ରହୁଥିବାର ଜଣାପଡ଼ିଥିଲା । ସେହି ଗ୍ରାମର ଯୁବକ ସ୍କୁଲଶିକ୍ଷକ ପ୍ରଥମେ ତାଙ୍କୁ ଚିହ୍ନିପାରିଲେ । ଡୁନାଣ୍ଟଙ୍କର ସେତେବେଳକୁ ବୃଦ୍ଧାବସ୍ଥା । ତାଙ୍କର ଶୁକ୍ଳ ଶ୍ମଶ୍ରୁ ନାଭିଦେଶପର୍ଯ୍ୟନ୍ତ ଲମ୍ବିଥାଏ । ସଂସାରପ୍ରତି ବିତୃଷ୍ଣା ଓ ବିରକ୍ତିଭାବ ଆସିଥାଏ । ସ୍କୁଲ-ଶିକ୍ଷକ ଏବଂ ତାଙ୍କ ପତ୍ନୀ ଡୁନାଣ୍ଟଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କରି ତାଙ୍କ ଭିତରେ ପୂର୍ବ ତେଜ ଫେରାଇ ଆଣିବାକୁ ଚେଷ୍ଟା କଲେ ।

ସେହି ସମୟରେ ଇଟାଲୀର ରାଜଧାନୀ ରୋମ ନଗରୀରେ ଆନ୍ତର୍ଜାତିକ ସମ୍ମିଳନୀ ବସୁଥିଲା । ଡୁନାଣ୍ଟଙ୍କ ପ୍ରେରଣା ଲାଭକରି ଉକ୍ତ ସ୍କୁଲଶିକ୍ଷକ ପ୍ରତିନିଧିରୂପେ ସମ୍ମିଳନୀରେ ଯୋଗଦେବା ପାଇଁ

Digitized by srujanika@gmail.com

ଉଦ୍ୟମ କଲେ; କିନ୍ତୁ ପାଥେୟର ଆୟୋଜନ ଏକ ସମସ୍ୟା ହୋଇ ପଡ଼ିଲା । ଦୁନାଣ୍ଟ୍ ଏଥିପାଇଁ ବହୁ ଚେଷ୍ଟାକରି ମଧ୍ୟ ବିଫଳମନୋରଥ ହେଲେ ।

ସମ୍ମିଳନୀରେ ଉପସ୍ଥିତ ହୋଇ ନ ପାରି ସ୍କୁଲଶିକ୍ଷକ ସେଠାକୁ ଖଣ୍ଡିଏ ଗୋପନ ପତ୍ର ଲେଖିଲେ । ସେଥିରେ ସେ ତାଙ୍କ ଗ୍ରାମରେ ଦୁନାଣ୍ଟ୍ଙ୍କ ଅବସ୍ଥିତି ବିଷୟ ଉଲ୍ଲେଖ କରିଥିଲେ । ଏହି ସମ୍ବାଦ ସମ୍ମିଳନୀରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ସମ୍ମିଳନୀର କେତେକ ପ୍ରଧାନ ପ୍ରତିନିଧି ଦୁନାଣ୍ଟ୍ଙ୍କ ଦର୍ଶନ ଲାଭକରିବା ପାଇଁ ସେହି ଗ୍ରାମକୁ ଆସିଥିଲେ ।

ନବପ୍ରତିଷ୍ଠିତ ନୋବେଲ୍ ଶାନ୍ତି ପୁରସ୍କାର ସର୍ବପ୍ରଥମେ ଦୁନାଣ୍ଟ୍ଙ୍କୁ ମିଳିଲା । କିନ୍ତୁ ତାଙ୍କର ପୂର୍ବାବସ୍ଥା ଆଉ ଫେରିଲା ନାହିଁ । ସେହି ଗ୍ରାମରେ ହିଁ ତାଙ୍କ ଜୀବନର ଶେଷ ଅଠର ବର୍ଷ ଅତିବାହିତ ହେଲା । ନିରୁତ୍ସାହ ଓ ଭଗ୍ନହୃଦୟରେ ସେ ଆଉ କାହାରିକୁ ବିଶ୍ୱାସ କରିପାରିଲେ ନାହିଁ । ୧୯୧୦ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା ।

ସ୍କୁଲଶିକ୍ଷକଙ୍କୁ ଏହିରୂପେ ସେ ତାଙ୍କର ଶେଷ ବାଣୀ କହିଯାଇଛନ୍ତି—"ମୋତେ କବରକୁ ନେଲାବେଳେ କୌଣସି ପ୍ରକାର ଉତ୍ସବ ହେବ ନାହିଁ; କାରଣ ସେସବୁକୁ ମୁଁ ସ୍ୱୀକାର କରେଁ ନାହିଁ । ତୁମ ବନ୍ଧୁତା ଉପରେ ଏତିକ ମୋର ବିଶ୍ୱାସ । ପ୍ରଥମ ଶତାବ୍ଦୀରେ ଯିଶୁଖ୍ରୀଷ୍ଟଙ୍କର ଅନ୍ୟାନ୍ୟ ଶିଷ୍ୟଙ୍କ ଭଳି ମୁଁ କେବଳ ଜଣେ ଶିଷ୍ୟ । ଏହାଛଡ଼ା ମୁଁ ଆଉ ଅଧିକ କିଛି ନୁହେଁ ।"

ବର୍ତ୍ତମାନ ଯୁଦ୍ଧ କେବଳ ଯୁଦ୍ଧକ୍ଷେତ୍ରରେ ଆବଦ୍ଧ ହୋଇ ରହୁ ନାହିଁ,

Digitized by srujanika@gmail.com

ନିରସ୍ତ୍ର ଜନସାଧାରଣ ମଧ୍ୟ ଆଜି ତାହାର ଭୟାବହ ଆକାଶ ଆକ୍ରମଣରୁ ରକ୍ଷା ପାଉ ନାହାନ୍ତି । ଏହା ଫଳରେ ରେଡ୍‌କ୍ରସ୍ ଅନୁଷ୍ଠାନର ଉପଯୋଗିତା ବହୁ ଗୁଣରେ ବଢ଼ିଯାଇଛି ।

ବର୍ତ୍ତମାନ ପୃଥିବୀରେ ଏହି ଅନୁଷ୍ଠାନ ବିଭିନ୍ନ ଏକସ୍ତରିଟି ଦେଶରେ କାର୍ଯ୍ୟ କରୁଅଛି ଏବଂ ସେସବୁର ସଭ୍ୟସଂଖ୍ୟା ଦଶ କୋଟିରୁ ଅଧିକ । ଭାରତରେ ୧୯୨୦ ଖ୍ରୀଷ୍ଟାବ୍ଦରେ ଗୋଟିଏ ଆଇନ ବଳରେ ଏହି ସମିତି ସ୍ଥାପିତ ହୋଇଥିଲା । ଏହାର ସଭ୍ୟସଂଖ୍ୟା ବର୍ତ୍ତମାନ ୩୭,୫୩[illegible] ।

ଆହତ ବ୍ୟକ୍ତି, ଆଶ୍ରୟପ୍ରାର୍ଥୀ ଓ ଯୁଦ୍ଧବନ୍ଦୀମାନଙ୍କୁ ଜାତି-ଧର୍ମ-ନିର୍ବିଶେଷରେ ସେବାକରିବା ଏହି ଅନୁଷ୍ଠାନର ପ୍ରଧାନ କାର୍ଯ୍ୟ । ତେଣୁ ସବୁ ବିପଦ ଓ ଦୁର୍ବିପାକମଧ୍ୟରେ ଦୁନାଣ୍ଟଙ୍କ ବାଣୀ ଧ୍ୱନିତ ହେଉଛି—"ଆମ୍ଭେମାନେ ସମସ୍ତେ ଭାଇ" ।

ପ୍ରଶ୍ନ

୧ । ରେଡ୍‌କ୍ରସ୍ ଅନୁଷ୍ଠାନର ଆଦର୍ଶ ଓ ଲକ୍ଷ୍ୟ କଅଣ ?

୨ । ଯେଉଁ ଘଟଣାରେ ଦୁନାଣ୍ଟ୍ ଆଜୀବନ ଆହତର ସେବା କରିବାକୁ ସଂକଳ୍ପ କଲେ, ତାହା ବର୍ଣ୍ଣନା କର ।

୩ । ଦୁନାଣ୍ଟଙ୍କ ଶେଷ ଜୀବନର ଅବସ୍ଥା ସଂକ୍ଷେପରେ ଲେଖ ।

୪ । "ବର୍ତ୍ତମାନ ଯୁଦ୍ଧ କେବଳ ଯୁଦ୍ଧକ୍ଷେତ୍ରରେ ଆବଦ୍ଧ ହୋଇ ରହୁ ନାହିଁ"—ଏହାର ତାତ୍ପର୍ଯ୍ୟ ବୁଝାଇ ଲେଖ ।

୫ । ଭୟାବହ, ଅମାନୁଷିକ ହତ୍ୟାକାଣ୍ଡ, ପୃଷ୍ଠଭଙ୍ଗ, ଅବସାନ, ନାରକୀୟ, ପ୍ରତିପତ୍ତିଶାଳୀ, ସାହଚର୍ଯ୍ୟ, ମହାନୁଭବ—ଏଗୁଡ଼ିକର ଅର୍ଥ ଲେଖ ।

୬ । 'ଯୁଦ୍ଧ' ଶବ୍ଦର ପାଞ୍ଚଗୋଟି ପ୍ରତିଶବ୍ଦ କହ ।

Digitized by srujanika@gmail.com

ପ୍ରକୃତ ପରିଚୟ

ସମାନ ବର୍ଗରେ ଯେତୁ ମନୁଷ୍ୟ ସକଳ
ରାଜା, ପ୍ରଜା, ଧନୀ ଅବା ଦୀନ,
ନିଜ କର୍ମ ପରେ ଯାର ବିଶ୍ୱାସ ଅଟଳ,
ସେହି ଏକା ପୁରୁଷ ସ୍ୱାଧୀନ । ୧ ।

ଦୟା, କ୍ଷମା ଆଦି ଗୁଣେ ପୂର୍ଣ୍ଣ ଯା ପବିତ୍ର
ସ୍ୱଦେଶର ହିତେ ଯାର ମନ,
ଦୀନତମ ପୁରୁଷକୁ ଦେଖାଏ ସମ୍ମାନ,
ସ୍ୱାବଲମ୍ବୀ, ସ୍ୱାଧୀନ ସେ ଜନ । ୨ ।

ନିଜ କର୍ମବଳେ ଯେତୁ କରଇ ଅର୍ଜନ,
ନ ଲୋଡ଼ଇ ଅନ୍ୟର ଆଶ୍ରୟ,
ଆଶ୍ରୟବାଞ୍ଛନେ ଦେଖି ତରଳେ ଯା ମନ,
ସେ ମାନବ ଉଦାର-ହୃଦୟ । ୩ ।

ଇଚ୍ଛେ ନାହିଁ ଅଶୁଭ ଯେ କାହାରି କେବେହେଁ,
ପରହିତ ଲାଗି କରେ କାର୍ଯ୍ୟ,
ଖଟାଏ ଶକତି ଯେତେ ଅଛି ନିଜ ଦେହେ,
ଜଗତରେ ବୋଲାଏ ସେ ଆର୍ଯ୍ୟ । ୪ ।

ସତ୍ୟବାଦୀ କହେ ମଧୁପ୍ରିୟ ସତ୍ୟକଥା,
ପରକୁତ୍ସା ନାହିଁ ତା ଜୀବନ,
କଟୁବାକ୍ୟ ଦିଏ ନାହିଁ କାହା ମନେ ବ୍ୟଥା,
ସ୍ୱପଦ-ଅଙ୍କାର ନାହିଁ ମାଗେନ । ୫ ।

Digitized by srujanika@gmail.com

ପରଛିଦ୍ର ନ ଦେଖି ଯେ ଖୋଜେ ନିଜ ଦୋଷ,
ଗାଏ ଯେହୁ ଅନ୍ୟର ସଦ୍‌ଗୁଣ,
ବୋଲାଏ ସେ ମହାଜନ, ନ ଥାଏ ତା ରୋଷ,
ମୃଦୁ ଯତ ଭାଷଣେ ନିପୁଣ । ୬ ।

କାମ, କ୍ରୋଧ, ଲୋଭ, ମୋହ ଷଡ଼ରିପୁ ଜିଣି-
ପାରିଛି ଯେ ସାଧକ ମହାନ୍,
ତପସ୍ୱୀ ପ୍ରକୃତ ସେହୁ, ନେଇପାରେ ଜିଣି
ନିଜ ଗୁଣେ ନିଖିଳ ଜଗତ । ୭ ।

ସ୍ୱାର୍ଥ ଲାଗି ଅପରଙ୍କୁ ନ ଦିଏ ଯେ ଦୁଃଖ,
ବୋଲାଏ ସେ ଭୁବନେ ସବଳ,
ନିଜ ଦୁଃଖ ନ ବୁଝଇ ସେ ହୁଏ ହର୍ଷମୁଖ,
ତୋଷ କରେ ମାନବ ସକଳ । ୮ ।

ସହାୟ ହୁଅଇ ଯେହୁ ଅସହାୟ ଜନେ,
ବିନୟେ ଯେ ଅବନତ ଧୀର,
ନିଜର କୃତିତ୍ୱ ଗର୍ବ ନ ଆଣଇ ମନେ,
ବୋଲାଏ ସେ ଏକା ଶ୍ରେଷ୍ଠ ବୀର । ୯ ।

ଆପଣାର ସୁଖ ଲାଗି ନିଏ ନାହିଁ କାଢ଼ି
ପରସୁଖ ଯେହୁ ବଳାତ୍କାରେ,
ସୁଖ ଲଭେ ସେହି ନର, ପାରେ ଯେହୁ ଛାଡ଼ି,
ନିଜ ସୁଖ ସଂସାର-ସେବାରେ । ୧୦ ।

Digitized by srujanika@gmail.com

ଶତ୍ରୁ ମାନ ଯେଉଁ ଜନ ଜଗତରେ
ନୁହେଁ ସେହୁ ପରଶ୍ରୀକାତର,
ସତତ ସନ୍ତୋଷ ତାର ବଢ଼ଇ ଅନ୍ତରେ,
ଲଭେ ଶ୍ରଦ୍ଧା ସେହୁ ଜଗତର । ୧୧ ।
ନିଜର ଚରିତ୍ର ଯାର ଅମୂଲ୍ୟ ସମ୍ପଦ,
ଅପରକୁ ଦିଏ ନାହିଁ ଭୟ,
ନିର୍ଭୀକ ସେ, ପଥ ତାର ସଦା ନିରାପଦ,
ସବୁଠାରେ ଲଭେ ସେହୁ ଜୟ । ୧୨ ।
ଅନ୍ଧକୁ ଦେଖାଏ ପଥ, ଦୁର୍ଗଙ୍କୁ ଆଶ୍ୱାସ,
ଦିଏ ବିଦ୍ୟା ନିରକ୍ଷର ଜନେ,
ସକଳ ଜନର ସେହୁ ଲଭଇ ବିଶ୍ୱାସ,
ବସଇ ସେ ପଣ୍ଡିତ ଆସନେ । ୧୩ ।

ପ୍ରଶ୍ନ

୧ । କି ପ୍ରକାର ଲୋକଙ୍କୁ ସ୍ୱାଧୀନ, ଉଦାର-ହୃଦୟ, ସତ୍ୟବାଦୀ, ବୀର, ପଣ୍ଡିତ ଓ ସାଧକ ବୋଲାଯାଏ ଲେଖ ।

୨ । "ଶତ୍ରୁମାନ········ପରଶ୍ରୀକାତର"—ଏହି ପଦଟିର ଭାବାର୍ଥ ଲେଖ ।

୩ । ନିମ୍ନ ଶବ୍ଦଗୁଡ଼ିକମଧ୍ୟରୁ ତଦ୍‌ଭବ, ତତ୍ସମ ଓ ଦେଶଜ ଶବ୍ଦଗୁଡ଼ିକୁ ବାଛିଦିଅ—
ସ୍ୱାବଲମ୍ବୀ, ଯେହୁ, ଗର୍ବୀ, କାମ, ଶକ୍ତି, ଅର୍ଜନ, ଜନ, ଉତର, ଶତ୍ରୁ, ସଦା, ଖୋଜେ, କୁହା ଓ ଅଟଳ ।

ମୁଦ୍ରାକର—ଶ୍ରୀ ଘନଶ୍ୟାମ ଦାଶ, ନବ ଶ୍ଲୋର୍ଦ୍ଧ ପ୍ରେସ୍, ବ୍ରହ୍ମପୁର ୧୯୫୭

Digitized by srujanika@gmail.com